୬ ଶ୍ରୀଲଙ୍କାକୁ ହରାଇ ଗ୍ରୁପ୍ ଟପ୍ପର ହେଲା ଜିମ୍ବାୱେ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୩ ● ୨୦ ଫେବୃଆରୀ ୨୦୨୬, ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-23 ● 20th February 2026, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


### ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାର ଉତ୍ତର ରଖିଲେ ମୁଖ୍ୟମନ୍ତ୍ରୀ

# ବିରୋଧୀ ଦଳ ନେତାଙ୍କୁ କଲେ ଟାର୍ଗେଟ

ଭୁବନେଶ୍ୱର, ୧୯।୨

ନ୍ୟୁଜ୍ ବ୍ୟୁରୋ

ଗୁରୁବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟପାଳଙ୍କ ଅଭିଭାଷଣ ସଂକ୍ରାନ୍ତ ଧନ୍ୟବାଦ ପ୍ରସ୍ତାବ ଆଲୋଚନାର ଉତ୍ତର ଦେବା ବେଳେ ବିରୋଧୀ ଦଳ ନେତାଙ୍କୁ ପରୋକ୍ଷରେ ଟାର୍ଗେଟ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମୁଁ ପଳାୟନପନ୍ଥୀ ନୁହେଁ କି ସଚିବାଳୟ ପାହାଚରେ ଧାଡ଼ିକିଆ ଉତ୍ତର ଦେଇ ଖସିଯିବା ରାଜନେତା ନୁହେଁ। ବିଗତ ୨୪ ବର୍ଷରେ ଗଣମାଧ୍ୟମ ପାଇଁ କେବେ ପୂର୍ବ ସରକାର ଖୋଲା ମଞ୍ଚରେ ଉତ୍ତର ଦେଇନାହାନ୍ତି । ମୁଁ ସବୁବେଳେ ଖୋଲା ସାମ୍ବାଦିକ ସମ୍ମିଳନୀରେ ସବୁ ଉତ୍ତର ରଖିଥିଲି। ଏଠି ସରକାର ଉତ୍ତର ଦେବାକୁ ପ୍ରସ୍ତୁତ ଥିଲେ ହେଁ ବିରୋଧି ଛତ୍ରଭଙ୍ଗ ଦେଇଛନ୍ତି । କଂଗ୍ରେସ ବିଧାୟକଙ୍କ ଗୃହତ୍ୟାଗ କରିବା କ୍ଷଣି ତାଙ୍କ ପଛେ ପଛେ ବିଜେଡ଼ି ବିଧାୟକମାନେ ଚାଲିଗଲେ । ଗୃହ ବାହାରକୁ ଚାଲିଯିବା ପାଇଁ ବୋଧେ ବିଜେଡ଼ି ମୁଖିଆ ନିର୍ଦ୍ଦେଶ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।



ଚାଷୀଙ୍କୁ ନେଇ ସେମାନେ (ବିରୋଧି ଦଳ) ତୁମ୍ବିତୋଫାନ କଲେ ହେଲେ ପଳାୟନପନ୍ଥୀ ସାଜିଲେ । ଯାହାପାଇଁ ଲୋକେ ସେମାନଙ୍କୁ ଆଜି ବଙ୍ଗୋପସାଗରରେ ଫୋପାଡି ଦେଇଛନ୍ତି । ଧାନ କିଣାରେ ବିଭ୍ରାଟ୍ କରୁଥିବା ବ୍ୟକ୍ତିଙ୍କୁ ଚେତାବନୀ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୪ ବର୍ଷ ସରକାରରେ ଇକୋ ସିଷ୍ଟମ୍ ଆକ୍ଟିଭ୍ ଅଛି, ଧାନ କିଣାରେ ସେମାନେ ବିଭ୍ରାଟ କରୁଛନ୍ତି। ସେମାନଙ୍କୁ ମୁଁ ଚେତାବନୀ ଦେଉଛି, ସେମାନେ ସୁଧୁରି ଯାଆନ୍ତୁ । ଏହା ମୋର ପରାମର୍ଶ ନ ହେଲେ ଚେତାବନୀ ବୋଲି ଭାବିପାର । ସରକାର ଚାଷୀଙ୍କୁ ନ୍ୟାୟ ଦେବାକୁ ଆକ୍ସନ ମୋଡକୁ ଯିବାକୁ ପଛାଇବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବିରୋଧି ଦଳ ଗୃହକୁ ବନ୍ଦ କରିଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ରାଜ୍ୟର ଲୋକଙ୍କ ପ୍ରତି ବିରୋଧିଙ୍କ ଚିନ୍ତା ନାହିଁ । ରାଜନୈତିକ ଛକାପଞ୍ଝା ଭିତରେ ସେମାନେ ଚାଲିଛନ୍ତି । ତାଙ୍କର ଭୂମିକା ସ୍ୱଷ୍ଟ ରହିବା କଥା । ୨୪ ବର୍ଷ ଭିତରେ ଓଡ଼ିଆ ଅସ୍ମିତାକୁ କୁଠାରଘାତ କରି ଓଡ଼ିଶାରେ ଏକଛତ୍ର ଶାସନ ଚଳାଇଥିଲେ। କେବଳ ଭୋଟ୍‌ବ୍ୟାଙ୍କ ତିଆରି କରିଥିଲେ । ସାମଗ୍ରିକ ବିକାଶ ନାମରେ ସେମାନେ ଝୁଡ଼ିଏ ମାଟି ପକାଇ ନାହାନ୍ତି ବୋଲି ସେ ଆକ୍ଷେପ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ମୁଖ୍ୟ ବିରୋଧି ଦଳ ଏବେ ବାଟମାରଣା ହୋଇଯାଇଛି । ମୁଖ୍ୟ ବିରୋଧି ସରକାରଙ୍କୁ ସମାଲୋଚନା କରି ପ୍ରସ୍ତାବ ଦେଲେ ସରକାର ତା'ଉପରେ ନିଷ୍ପତ୍ତି ନେବେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭିତ୍ତିଭୂମି କରିବା ପାଇଁ ସମୟର ଆବଶ୍ୟକତା ଅଛି । ସରକାରକୁ ଆସିବା ପରେ ୨୪ ମିନିଟ୍‌ରେ ଚାଷୀଙ୍କୁ ଧାନ କ୍ୱିଣ୍ଟାଲ୍ ପିଛା ୩୧୦୦ ଟଙ୍କା ଦେଇଥିଲେ। ଏପର୍ଯ୍ୟନ୍ତ ଚାଷୀଙ୍କୁ ବୋନସ୍ ଦେବାରେ ୨୩ ହଜାର କାଟି *(ପୃଷ୍ଠା ୭ରେ)*

### ବିଧାନସଭାରେ ଉପସ୍ଥାପିତ ହେଲା ଅର୍ଥନୈତିକ ସର୍ଭେ ରିପୋର୍ଟ

# ରାଜ୍ୟର ଅଭିବୃଦ୍ଧି ହାର ୭.୯% ହେବା ନେଇ ଆକଳନ

ଭୁବନେଶ୍ୱର, ୧୯।୨

ନ୍ୟୁଜ୍ ବ୍ୟୁରୋ

ଗୁରୁବାର ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଓଡ଼ିଶା ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରାଯାଇଛି । ଏଥିରେ ରାଜ୍ୟର ବାସ୍ତବ ଅଭିବୃଦ୍ଧି ହାର ୨୦୨୫-୨୬ରେ ୭.୯ ପ୍ରତିଶତ ରହିବା ନେଇ ଆକଳନ କରାଯାଇଛି, ଯାହା ୨୦୨୪-୨୫ର ୭.୨ ପ୍ରତିଶତ ବୃଦ୍ଧି ହାରଠାରୁ ଅଧିକ । ଏହା ମଧ୍ୟ ସର୍ବଭାରତୀୟ ସ୍ତରର ହାରାହାରି ଅଭିବୃଦ୍ଧି ହାର ୭.୪ ପ୍ରତିଶତ ଠାରୁ ଅଧିକ । ସେହିପରି ୨୦୨୫-୨୬ରେ ସମସ୍ତ କ୍ଷେତ୍ରରେ ଦୃଢ ଅଭିବୃଦ୍ଧି ହାର ଦେଖାଯାଇଛି ଏବଂ ରାଜ୍ୟରେ ସରକାରୀ ଓ ବେସରକାରୀ ପୁଞ୍ଜିନିବେଶ ବୃଦ୍ଧି ପାଇବାରୁ ଆଗାମୀ ବର୍ଷ ଗୁଡ଼ିକରେ ରାଜ୍ୟ ଦୃତ ଆର୍ଥିକ ବୃଦ୍ଧି ପାଇଁ ପ୍ରସ୍ତୁତ ଅଛି । ବର୍ତ୍ତମାନ ମୂଲ୍ୟରେ ଓଡ଼ିଶାର ଅର୍ଥନୈତିକ ଆକାର (ଜି.ଏସ୍.ଡି.ପି.) ୨୦୨୫-୨୬ରେ ୯.୯ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଏହା ୨୦୨୪-୨୫ର ୯ ଲକ୍ଷ କୋଟି ଟଙ୍କାଠାରୁ ୯.୫ ପ୍ରତିଶତ ବୃଦ୍ଧି ପାଇଛି । ମୁଣ୍ଡପିଛା ଆୟ ବୃଦ୍ଧି ପାଇଥିବା ସମ୍ପର୍କରେ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଉଲ୍ଲେଖ ରହିଛି । ୨୦୨୫-୨୬ (ଅଗ୍ରୀମ ଆକଳନ)ରେ ଓଡ଼ିଶାର




ମୁଣ୍ଡପିଛା ଆୟ ୯.୨ ପ୍ରତିଶତ ବୃଦ୍ଧି ପାଇ ୧୮୬୭୬୧ ଟଙ୍କାରେ ପହଞ୍ଚିଥିବା ବେଳେ ସର୍ବଭାରତୀୟ ସ୍ତରରେ ମୁଣ୍ଡପିଛା ଆୟ ୬.୯ ପ୍ରତିଶତ ବୃଦ୍ଧି ପାଇଛି । ଓଡ଼ିଶାର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ଯୋଗୁଁ ଜାତୀୟସ୍ତର ସହିତ ଥିବା ମୁଣ୍ଡପିଛା ଆୟର ତାରତମ୍ୟକୁ ଦ୍ରୁତ ଗତିରେ ହ୍ରାସ କରିପାରିଛି ।

ସେହିପରି ରାଜ୍ୟରେ ଶ୍ରମଶକ୍ତି ଭାଗିଦାରୀ ହାର ଏବଂ ମହିଳା ଏଲ୍.ଏଫ୍.ପି.ଆର. ବୃଦ୍ଧି ପାଇଛି । ଓଡ଼ିଶାରେ ସାମଗ୍ରିକ ଏଲ୍.ଏଫ୍.ପି.ଆର. ୨୦୨୨ରେ ୫୮.୧ ପ୍ରତିଶତରୁ ୨୦୨୪ରେ ୬୪.୫ ପ୍ରତିଶତକୁ ବୃଦ୍ଧି ପାଇଛି । ଓଡ଼ିଶାରେ ମହିଳା ଶ୍ରମଶକ୍ତି ଅଂଶଗ୍ରହଣ ହାର (୧୫+ବର୍ଷ ପାଇଁ) ୨୦୨୨ରେ ୩୫.୬% ରୁ ୨୦୨୪ରେ ୪୮.୭ ପ୍ରତିଶତକୁ ବୃଦ୍ଧି ପାଇଛି । ସେହିପରି କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଅବଦାନ ୨୦୨୫-୨୬ରେ ରାଜ୍ୟ ଅର୍ଥ ବ୍ୟବସ୍ଥାରେ ୧୯.୬ ପ୍ରତିଶତ ଆକଳନ କରାଯାଇଛି, ଯାହା ସର୍ବଭାରତୀୟ ସ୍ତରରେ ଥିବା ୧୬.୮ ପ୍ରତିଶତଠାରୁ ଅଧିକ। ଖାଦ୍ୟଶସ୍ୟ ଉତ୍ପାଦନ ହିସାବ ଅନୁସାରେ ୨୦୨୪-୨୫ରେ ଚାଉଳ ଉତ୍ପାଦନ ୧୧୮.୬ଲକ୍ଷ ମେଟ୍ରିକ୍ *(ପୃଷ୍ଠା ୭ରେ)*

# ଆରମ୍ଭ ହେଲା ମାଟ୍ରିକ୍ ପରୀକ୍ଷା

ଭୁବନେଶ୍ୱର, ୧୯।୨

ନ୍ୟୁଜ୍ ବ୍ୟୁରୋ

ରାଜ୍ୟବ୍ୟାପୀ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ୨୦୨୬ ଗୁରୁବାର ଠାରୁ ଆରମ୍ଭ ହୋଇଛି । ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଫେବୃଆରୀ ୧୯ ତାରିଖ ଠାରୁ ମାର୍ଚ୍ଚ ୨ ତାରିଖ ଯାଏଁ ଅନୁଷ୍ଠିତ ହେବ। ପରୀକ୍ଷାର ପ୍ରଥମ ଦିନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡା. ଏନ୍. ତିରୁମାଲା ନାୟକ ଭୁବନେଶ୍ୱରର ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି । ଏଥିସହ କଟକସ୍ଥିତ ବୋର୍ଡର ମୁଖ୍ୟ କାର୍ଯ୍ୟାଳୟ ମଧ୍ୟ ପରିଦର୍ଶନ କରିଛନ୍ତି । ଡ଼ା ନାୟକ ସମସ୍ତ ପରୀକ୍ଷା ପରିଚାଳନା ପ୍ରସ୍ତୁତି ତଥା ସିଟିଂ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ପ୍ରଶ୍ନପତ୍ର ବଣ୍ଟନ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସୁବିଧାସୁଯୋଗ ଗୁଡ଼ିକର ସମୀକ୍ଷା କରିଛନ୍ତି । ଶିକ୍ଷକ-ଶିକ୍ଷୟିତ୍ରୀ, କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ, ପର୍ଯ୍ୟବେକ୍ଷକ ଏବଂ ଜିଲ୍ଲା ଅଧିକାରୀଙ୍କ ସହିତ ଆଲୋଚନା କରି ସମନ୍ୱୟ ଏବଂ ପରୀକ୍ଷା ନିର୍ଦ୍ଦେଶାବଳୀର *(ପୃଷ୍ଠା ୭ରେ)*

# ଏଆଇରେ ସ୍ୱଚ୍ଛତା ଅତ୍ୟାବଶ୍ୟକ : ଏହା ସମସ୍ତଙ୍କର ମଙ୍ଗଳ ପାଇଁ କାମ କରିବା ଉଚିତ

ନୂଆଦିଲ୍ଲୀ, ୧୯।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଏଆଇ ସମ୍ମିଳନୀରେ ବିଶ୍ୱ ସମ୍ମୁଖରେ ଭାରତର 'ସର୍ବଜନ ହିତାୟ' ଏବଂ 'ସର୍ବଜନ ସୁଖାୟ' ମାନଦଣ୍ଡ ଉପସ୍ଥାପନ କରିଛନ୍ତି । ସେ କହିଛନ୍ତି ଯେ କିଛି ଦେଶ ଏବଂ କମ୍ପାନୀ ଏଆଇକୁ ରଣନୀତିକ ଭାବରେ ବ୍ୟବହାର କରିବା ବିଷୟରେ ବିଚାର କରୁଛନ୍ତି । ଭାରତ ବିଶ୍ୱାସ କରେ ଯେ ଏଆଇ ପାଇଁ ସ୍ୱଚ୍ଛତା ସର୍ବୋପରି। ପ୍ରଧାନମନ୍ତ୍ରୀ କହିଛନ୍ତି ଆଜି ଏହି ସଂକଳ୍ପ କରିବା ଉଚିତ ଯେ ଏଆଇ ବିଶ୍ୱର ସାଧାରଣ ମଙ୍ଗଳ ଭାବରେ ବିକଶିତ କରିବାକୁ ପଡିବ ।ବିଶ୍ୱର ୨୦ଟି ଦେଶରେ ନେତା ଏବଂ ୪୫ ଟି ଦେଶର ମନ୍ତ୍ରୀଙ୍କ ଉପସ୍ଥିତିରେ, ପ୍ରଧାନମନ୍ତ୍ରୀ ମୋଦୀ ଏଆଇ ପାଇଁ 'ମାନବ' ଦୃଷ୍ଟିକୋଣ ଉପସ୍ଥାନ



କରିଛନ୍ତି । ନବ ଦୃଷ୍ଟିକୋଣ ହେଉଛି ଏମ (ମୋରଲ ଆଣ୍ଡ ଏଥିକଲ ସିଷ୍ଟମ),ଏ (ଆକାଉଣ୍ଟେବଲ ଗଭର୍ଣ୍ଣସ),ଏନ (ନ୍ୟାସନାଲ ଗ୍ୟାରେଣ୍ଟି), ଏ (ଏକ୍ସେସିବଲ ଆଣ୍ଡ ଇନକ୍ଲୁସିଭ),ବି (ବେଲିଡ ଆଣ୍ଡ ଲେଜିଟିମେଟ) ।ପ୍ରଧାନମନ୍ତ୍ରୀ ବର୍ତ୍ତମାନ ଏଆଇ ଚ୍ୟାଲେଞ୍ଜଗୁଡ଼ିକୁ ଉଲ୍ଲେଖ କରି କହିଛନ୍ତି ଯେପରି ଖାଦ୍ୟ ସାମଗ୍ରୀଗୁଡ଼ିକୁ ସେମାନଙ୍କର ଉପାଦାନ ସୂଚାଇବା ପାଇଁ ଲେବଲ୍ କରାଯାଏ, ସେହିପରି ଡିଜିଟାଲ୍ ଦୁନିଆରେ ମଧ୍ୟ ଲେବଲ୍ କରିବା ଗୁରୁତ୍ୱପୂର୍ଣ୍ଣ।

ପ୍ରଧାନମନ୍ତ୍ରୀ ଏଆଇକୁ ମାନବ ଇତିହାସରେ ସବୁଠାରୁ ପରିବର୍ତ୍ତନକାରୀ ଉଦ୍ଭାବନ ଭାବରେ ବର୍ଣ୍ଣନା କରିଥିଲେ ଏବଂ କହିଥିଲେ ଯେ ଏହାର ଗତି ଏବଂ ପରିମାଣ ଏପର୍ଯ୍ୟନ୍ତ ହୋଇଥିବା ଯେକୌଣସି ଉଦ୍ଭାବନକୁ ଅତିକ୍ରମ କରେ ।ଫଳସ୍ୱରୂପ, ଏହାର ବିନାଶକାରୀ ପ୍ରଭାବ ପଡ଼ିପାରେ, ଯାହାକୁ ରୋକିବା ଆବଶ୍ୟକ। ଗ୍ଲୋବାଲ୍ ସାଉଥ୍ (ବିକାଶଶୀଳ ଦେଶ)ର ପ୍ରତିନିଧିତ୍ୱ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆମକୁ ଏଆଇର ଗଣତାନ୍ତ୍ରିକୀକରଣ ଏବଂ ଏହାକୁ ଅନ୍ତର୍ଭୁକ୍ତି ଏବଂ ସଶକ୍ତିକରଣ ପାଇଁ ଏକ ଉପକରଣ କରିବା ଉପରେ ଗୁରୁତ୍ୱ ଦେବାକୁ ପଡିବ।

### ଶ୍ରୀଜଗନ୍ନାଥଙ୍କ ଜମିର ସୁରକ୍ଷା ନେଇ ଉଚ୍ଚସ୍ତରୀୟ ବୈଠକ

# ସମସ୍ତ ଅବୈଧ ଦଖଲରୁ ମୁକ୍ତ ହେବ ମହାପ୍ରଭୁଙ୍କ ସମ୍ପତ୍ତି

ଭୁବନେଶ୍ୱର, ୧୯।୨

ନ୍ୟୁଜ୍ ବ୍ୟୁରୋ

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିଜମା ସମ୍ବନ୍ଧୀୟ ସୁରକ୍ଷା ନିଶ୍ଚିତ କରିବା ଉଦ୍ଦେଶ୍ୟରେ ଲୋକସେବା ଭବନରେ ରାଜସ୍ୱ ବିଭାଗ ସମ୍ମିଳନୀ କକ୍ଷରେ ରାଜସ୍ୱ ବିଭାଗ ପ୍ରମୁଖ ସଚିବ ଡ. ଅରବିନ୍ଦ ପାଢୀଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିଜମାର ସୁରକ୍ଷା ଏବଂ ପୁନରୁଦ୍ଧାର ସମ୍ବନ୍ଧରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ସମସ୍ତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ନିମନ୍ତେ ପଦକ୍ଷେପ ନେବାକୁ ବୈଠକରେ ରାଜସ୍ୱ ସଚିବ ନିର୍ଦ୍ଦେଶ ଦେଇଛନ୍ତି ।

ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀ ମାର୍ଫତ୍ ଶ୍ରୀମନ୍ଦିର ପରିଚାଳନା କମିଟି ନାମରେ ଥିବା ସମସ୍ତ ଭୂ-ସମ୍ପତ୍ତିର ଖତିୟାନ୍ ସଂଶୋଧନ ସହ ବିଭିନ୍ନ ଅପେକ୍ଷିତ ମାମଲାର ତୁରନ୍ତ ସମାଧାନ କରିବାକୁ ଡ. ପାଢୀ ଗୁରୁତ୍ୱ ଦେଇଛନ୍ତି । ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ତହସିଲ୍ ତଥା ଜାତୀୟ ଏବଂ ରାଜ୍ୟ ରାଜପଥ ନିକଟରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଅଧୀନରେ ଥିବା ଜମିଜମାକୁ ଅବୈଧ ଦଖଲରୁ ମୁକ୍ତ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଛି। ପ୍ରତ୍ୟେକ ମାସର ପ୍ରଥମ ବୁଧବାର ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିଜମାର ସୁରକ୍ଷା ସମ୍ବନ୍ଧୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହେବାକୁ ବୈଠକରେ ନିଷ୍ପତ୍ତି ହୋଇଛି ।ଏଥିସହିତ ମହାପ୍ରଭୁଙ୍କ ଜମିଜମା ସୁରକ୍ଷା ତଥା ପରିଚାଳନାକୁ ସୁଦୃଢ଼ କରିବା ନିମନ୍ତେ ରାଜସ୍ୱ ବିଭାଗରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଜମି ଉପବିଭାଗ ବା ଲ୍ୟାଣ୍ଡ୍ ସେଲ୍ ଅବସ୍ଥାପିତ କରାଯିବା ନିମନ୍ତେ ରାଜସ୍ୱ ସଚିବ ନିର୍ଦ୍ଦେଶ ଦେଇଛନ୍ତି ।ଏହି ପରିପ୍ରେକ୍ଷୀରେ ଆଗକୁ ମଧ୍ୟ ବିଭିନ୍ନ ସମୟରେ ରାଜସ୍ୱ ସଚିବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟସ୍ତରୀୟ ବୈଠକ ସହିତ ଅନ୍ୟ ଜିଲ୍ଲାରେ ସମୀକ୍ଷା ବୈଠକ କରାଯିବ ବୋଲି ଡ. ପାଢୀ ଗୁରୁତ୍ୱ ଦେଇଛନ୍ତି । ବୈଠକରେ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ, ଶ୍ରୀମନ୍ଦିର *(ପୃଷ୍ଠା ୭ରେ)*

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୬୪୯ (+୨୨୯)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୩୪୫ (+୨୧୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୭୩୭ (+୧୭୨)

## ରୁପା ଦର

ରୂପା – ପ୍ରତି ଗ୍ରାମ୍ ୨୭୦ (+୧୦)

# ୩୧ ନୂଆ ଜିଲ୍ଲା ପାଇଁ ପ୍ରସ୍ତାବ

ଭୁବନେଶ୍ୱର, ୧୯।୨ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଆଉ ୩୧ଟି ନୂଆ ଜିଲ୍ଲା ପାଇଁ ସରକାରଙ୍କ ନିକଟକୁ ପ୍ରସ୍ତାବ ଦିଆଯାଇଛି। ଏନେଇ ଗୁରୁବାର ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

ଗୁରୁବାର ବିଧାନସଭାରେ ବିଜେପି ବିଧାୟକ ବିଜୟ ଦଳବେହେରାଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ଏପର୍ଯ୍ୟନ୍ତ ୩୧ଟି ନୂତନ ଜିଲ୍ଲା ଗଠନ କରିବା ନିମନ୍ତେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବିଭାଗକୁ ପ୍ରସ୍ତାବ ହୋଇଛି। ତେବେ ଏଥିନେଇ ପ୍ରଚଳିତ ନୀତି ନିୟମ ଅନୁଯାୟୀ ସରକାର ଉପଯୁକ୍ତ ସମୟରେ ବିଚାର କରିବେ ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି। ସୂଚନା ଅନୁସାରେ ନୂତନ ଜିଲ୍ଲା ପାଇଁ ଦାବି ହେଉଥିବା ସ୍ଥାନ ଗୁଡ଼ିକ ହେଲା ପଦମପୁର, ଧର୍ମଗଡ଼, ପଶ୍ଚିମ ମୟୂରଭଞ୍ଜ, ରାଇରଙ୍ଗପୁର, ଖୁଣ୍ଟିଂ, କରଞ୍ଜିଆ, ବଣାଇ, ରାଉରକେଲା, ବେଦବ୍ୟାସ, ଟିଟିଲାଗଡ, କଣ୍ଟାବାଞ୍ଜି, ପାଟଣାଗଡ଼, ତାଳଚେର, ପାଲଲହଡା, ଭୁବନେଶ୍ୱର, ଘୁମୁସର, ଋଷିକୂଲ୍ୟା, ବ୍ରହ୍ମପୁର, ଭଞ୍ଜନଗର, କବିସୂର୍ଯ୍ୟନଗର, ଚଣ୍ଡିଖୋଲ, ଆଠଗଡ଼, କୁଚିଣ୍ଡା, ବାଲିଗୁଡା, ଆନନ୍ଦପୁର, ନୀଳଗିରି, ସୋର, ଜଳେଶ୍ୱର, ନିମାପଡା, ଗୁଣୁପୁର ଓ ଜୟପୁର।

# ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଆଇଡି କାର୍ଡ ବାଧ୍ୟତାମୂଳକ

ଭୁବନେଶ୍ୱର, ୧୯।୨

ନ୍ୟୁଜ୍ ବ୍ୟୁରୋ

ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କ୍ୟାମ୍ପସର ସୁରକ୍ଷା ଓ ଶୃଙ୍ଖଳା ରକ୍ଷା ପାଇଁ କଠୋର ନିର୍ଦ୍ଦେଶନାମା ଜାରି କରିଛନ୍ତି। ବର୍ତ୍ତମାନଠାରୁ ବିଶ୍ୱବିଦ୍ୟାଳୟ ପରିସରରେ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ପରିଚୟ ପତ୍ର ବାଧ୍ୟତାମୂଳକ କରାଯାଇଛି।

ନୂତନ ନିୟମ ଅନୁଯାୟୀ ବିଶ୍ୱବିଦ୍ୟାଳୟର ସୁରକ୍ଷା କର୍ମୀମାନେ ଯେକୌଣସି ସମୟରେ ଛାତ୍ରଛାତ୍ରୀଙ୍କ ପରିଚୟ ପତ୍ର ଯାଞ୍ଚ କରିପାରିବେ। ଯଦି କୌଣସି ବ୍ୟକ୍ତି ପରିଚୟ ପତ୍ର ଦେଖାଇବାରେ




ବିଫଳ ହୁଅନ୍ତି ବା କ୍ୟାମ୍ପସରେ ରହିବାର ସଠିକ୍ କାରଣ ଦର୍ଶାଇ ନପାରନ୍ତି, ତେବେ ତାଙ୍କୁ 'ଅନଧିକାର ପ୍ରବେଶକାରୀ' ଭାବେ ଅଟକ ରଖାଯାଇ ତୁରନ୍ତ ପୋଲିସ ଜିମା ଦିଆଯିବ।

ସେହିପରି ବିଶ୍ୱବିଦ୍ୟାଳୟ ପରିସରକୁ ନିଶାମୁକ୍ତ ରଖିବା ପାଇଁ ମଦ, ତମାଖୁ, ଇ-ସିଗାରେଟ୍ ଏବଂ ମାଦକ ଦ୍ରବ୍ୟ ବ୍ୟବହାର ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଛି। ଅଯଥା ବୁଲାବୁଲି କରିବା, କ୍ୟାମ୍ପସର ଶାନ୍ତି ଭଙ୍ଗ କରିବା ବା ଶୈକ୍ଷିକ ପରିବେଶ ନଷ୍ଟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କର୍ତ୍ତୃପକ୍ଷ ଦର୍ଶାଇଛନ୍ତି।

# ଜେଲର ସନ୍ତୋଷିନୀ ଦାଶ ନିଲମ୍ବିତ

ଭୁବନେଶ୍ୱର, ୧୯।୨

ନ୍ୟୁଜ୍ ବ୍ୟୁରୋ

କଣ୍ଟାବାଞ୍ଜି ଉପକାରାଗାର ଜେଲର ସନ୍ତୋଷିନୀ ଦାଶଙ୍କୁ ନିଲମ୍ବନ କରାଯାଇଛି। ଚୌଦ୍ୱାର ଜେଲରୁ କଣ୍ଟାବାଞ୍ଜି ଉପକାରାଗାରକୁ ବଦଳି ହୋଇଥିବା ସତ୍ତ୍ୱେ ସେ ନୂତନ କାର୍ଯ୍ୟସ୍ଥଳରେ ଯୋଗ ଦେଇନଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଜେଲ୍ ଡିଜି କାର୍ଯ୍ୟାଳୟରୁ ମିଳିଥିବା ସୂଚନାନୁସାରେ, ଚୌଦ୍ୱାରରୁ କଣ୍ଟାବାଞ୍ଜି ଜେଲକୁ ସ୍ଥାନାନ୍ତର *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ସପୋର୍ଟ କରିବୁ ହେଲେ ଦେବୁନି
ପ୍ରାର୍ଥୀ ରାଜ୍ୟସଭା ପାଇଁ
ଏଇମିତି କଥା ଚିନ୍ତା କରୁଛନ୍ତି
ବିରୋଧୀ ଦଳର ସାଇଁ
ହାତ ଦଳ ମୁଣ୍ଡ ଝାଇଁ ଝାଇଁ
ଲଢିବା ହାଲତ ନଥାଏ ସିଏ
କହୁଛି ଯିବି ଯେ ଧାଇଁ।

# ସବୁକିଛି ମାଗଣାରେ ଦେଲେ ବିକାଶ ପାଇଁ ଟଙ୍କା କେଉଁଠାରୁ ଆସିବ ?



ନୂଆଦିଲ୍ଲୀ, ୧୯।୨

ସୁପ୍ରିମକୋର୍ଟ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ସେମାନଙ୍କର ନିର୍ବାଚନ ପ୍ରତିଶ୍ରୁତିର ଅଂଶ ଭାବରେ ମାଗଣା ଉପହାର ବଣ୍ଟନକୁ କଡ଼ା ସମାଲୋଚନା କରିଛନ୍ତି। ପ୍ରଧାନ ବିଚାରପତି କହିଛନ୍ତି ଯେ ଅନେକ ରାଜ୍ୟ ସରକାର ଭାରୀ ଋଣ ଏବଂ କ୍ଷତି ସତ୍ତ୍ୱେ ମାଗଣା ଯୋଜନା ବଣ୍ଟନ କରୁଛନ୍ତି। "ଯଦି ସରକାର ମାଗଣା ଟଙ୍କା, ବିଦ୍ୟୁତ୍ ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବା ଜାରି ରଖନ୍ତି, ତେବେ କିଏ ଖର୍ଚ୍ଚ ବହନ କରିବ ?" କୋର୍ଟ ଗୁରୁତ୍ୱାରୋପ କରିଛନ୍ତି ଯେ ସରକାରମାନେ ମାଗଣା ଉପହାର ବଣ୍ଟନ କରିବା ଅପେକ୍ଷା ନିଯୁକ୍ତି ସୃଷ୍ଟି ଉପରେ ଅଧିକ ଧ୍ୟାନ ଦେବା ଉଚିତ।

କିଛି ସମ୍ପ୍ରଦାୟ ପାଇଁ ତାମିଲନାଡୁ ସରକାରଙ୍କ ବିଦ୍ୟୁତ୍ ଶୁଳ୍କ ସବସିଡି ଯୋଜନାକୁ ଚ୍ୟାଲେଞ୍ଜ କରୁଥିବା ଏକ ଆବେଦନର ଶୁଣାଣି ସମୟରେ ଏହି ମନ୍ତବ୍ୟ ଆସିଥିଲା। ଏହି ଯୋଜନା ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡ଼ିକ ଉପରେ ଆର୍ଥିକ ଚାପ ବୃଦ୍ଧି କରିଥିଲା, ଯାହା ଫଳରେ ତାମିଲନାଡୁ ବିଦ୍ୟୁତ୍ ବଣ୍ଟନ ନିଗମ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଦ୍ୟୁତ୍ (ସଂଶୋଧନ) ନିୟମ ୨୦୨୪ ର ନିୟମ ୨୩ ଉଦ୍ଧୃତ କରି କୋର୍ଟ *(ପୃଷ୍ଠା ୭ରେ)*

# ଭାରତରେ ପିଲା ମାନଙ୍କ ପାଇଁ ବ୍ୟାନ୍ ହେବ ଫେସ୍‌ବୁକ୍ , ଇନଷ୍ଟାଗ୍ରାମ୍ !

ନୂଆଦିଲ୍ଲୀ, ୧୯।୨

ବିଶ୍ୱର ଅନେକ ଦେଶରେ ପିଲାମାନଙ୍କ ଦ୍ୱାରା ସୋସିଆଲ ମିଡିଆ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଯାଇଛି। ଅଷ୍ଟ୍ରେଲିଆ ସମେତ ଅନେକ ଦେଶ ଏବେ ପିଲାମାନଙ୍କୁ ଫେସବୁକ୍ ଏବଂ ଇନଷ୍ଟାଗ୍ରାମ ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମ ଚଲାଇବା ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଏବେ ଭାରତରେ ମଧ୍ୟ ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇବାକୁ ଦାବି ହେଉଛି। ଏଆଇ ସମ୍ମିଳନୀରେ ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରୋନ୍ ପ୍ରଧାନମନ୍ତ୍ରୀ ମୋଦୀଙ୍କ



ନିକଟରେ ଏକ ବଡ଼ ଦାବି କରିଛନ୍ତି। ଏଆଇ ସମ୍ମିଳନୀରେ ଇମାନୁଏଲ୍ ମାକ୍ରୋନ୍ କହିଛନ୍ତି ଯେ ଫ୍ରାନ୍ସ ୧୫ ବର୍ଷରୁ କମ୍ ବୟସର ପିଲାମାନଙ୍କ ଉପରେ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଲଗାଇବାକୁ ପ୍ରସ୍ତୁତ ହେଉଛି ଏବଂ ସେ ଭାରତଠାରୁ ମଧ୍ୟ ସମାନ ଆଶା କରୁଛନ୍ତି। *(ପୃଷ୍ଠା ୭ରେ)*



# ଚୂଡ଼ାନ୍ତ ହେଲା ଗଞ୍ଜାମ ଜିଲ୍ଲାର ୫ ନୂଆ ମ୍ୟୁନିସିପାଲିଟିର ରୂପରେଖ

**ବ୍ରହ୍ମପୁର,ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାରେ ନୂତନ ଭାବେ ୫ଟି ମ୍ୟୁନିସିପାଲଟି ଓ ୨ଟି ବିଜ୍ଞାପିତ ଅଂଚଳ ପରିଷଦ ଗଠିତ ହୋଇଛି । ଏହାର ସୀମା ପୁନଃ ନିର୍ଦ୍ଧାରଣ ଓ ସଂରକ୍ଷଣ, ଆପତି ଅଭିଯୋଗ ଆଦି କାର୍ଯ୍ୟ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଯାଇଛି । ଏହିକ୍ରମରେ ଛତ୍ରପୁର, କବିସୂର୍ଯ୍ୟନଗର, ପୋଲସରା, ଭଞ୍ଜନଗର ଓ ଆସିକା ଏବଂ ନୂତନ ଏନ୍‌ଏସି ପାତ୍ରପୁର ଓ ଜଗନ୍ନାଥପ୍ରସାଦରେ ଗାଇଡ୍‌ଲାଇନ୍ ଅନୁଯାୟୀ ବିଜ୍ଞପ୍ତି ପ୍ରକାଶ ପାଇଥିବା ଗଞ୍ଜାମ ଜିଲ୍ଲାପାଳ କହିଛନ୍ତି । ଏଠାରେ ୱାର୍ଡ଼ ପୁନଃଗଠନ ହେବା ସହ କେଉଁ ୱାର୍ଡ଼ରେ କଣ ସଂରକ୍ଷଣ ରହିବ ସେ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ଲୋକଙ୍କୁ ୧୦ ଦିନ ସମୟ ମଧ୍ୟ ଦିଆଯାଇଛି । ସେମାନେ ଏହି ଦିନ ମଧ୍ୟରେ ଆପତି ଅଭିଯୋଗ ଜଣାଇପାରିବେ ବୋଲି ଜିଲ୍ଲାପାଳ ଭି. କିର୍ତ୍ତିଭାସନ୍ କହିଛନ୍ତି । ଛତ୍ରପୁର ଏନ୍‌ଏସି ୧୪ଟି ୱାର୍ଡ଼ ନେଇ ଗଠିତ ହୋଇଥିବା ବେଳେ ସମ୍ପ୍ରତି ୩୬ଟି ୱାର୍ଡ଼କୁ ନେଇ ନୂଆ ମ୍ୟୁନିସିପାଲଟି ହେବ। ସେହିଭଳି କବିସୂର୍ଯ୍ୟନଗରରେ ୧୩ଟି ୱାର୍ଡ଼ ରହିଥିବା ବେଳେ ୨୬କୁ ସମ୍ପ୍ରସାରିତ ହୋଇଛି । ଅନୁରୂପ ଭାବେ ଭଞ୍ଜନଗର ମଧ୍ୟ ୧୬ଟି ୱାର୍ଡ଼ରୁ ୨୭ଟି ୱାର୍ଡ଼କୁ ବୃଦ୍ଧି ପାଇଛି । ପୋଲସରା ଏନ୍‌ଏସି ପୂର୍ବରୁ ୧୯ଟି ୱାର୍ଡ଼ ଥିବା ବେଳେ ବର୍ତମାନ ଆଉ ୨ଟି ନୂଆ ୱାର୍ଡ଼ ଯୋଡ଼ି ହୋଇଛି । ସେହିଭଳି ୨୩ ୱାର୍ଡ଼ ବିଶିଷ୍ଟ ହୋଇଛି ଆସିକା ମ୍ୟୁନିସିପାଲଟି । ନୂତନ ଭାବେ ଗଠିତ ହେବାକୁ ଛତ୍ରପୁର ମ୍ୟୁନିସିପାଲଟିରେ ୧, ୩, ୪, ୫, ୮ ଓ ୨୪, ୨୭, ୩୦, ୩୨, ୩୪ ଓ ୩୬ ନମ୍ବର ୱାର୍ଡ଼ ମହିଳାଙ୍କ ଲାଗି ସଂରକ୍ଷିତ ଥିବା ବେଳେ ୨, ୬ ଓ ୯ ଏସ୍‌ସି ମହିଳାଙ୍କ ଉଦ୍ଦେଶ୍ୟରେ ସଂରକ୍ଷିତ ରଖାଯାଇଛି । ସେହିପରି ୨୩, ୨୬ ଓ ୩୫ ଏସ୍ ?ସି ଭାଇଭଉଣୀଙ୍କ ଲାଗି ସଂରକ୍ଷିତ ରହିଛି । ୨୦ ନମ୍ବର ୱାର୍ଡ଼ ଏସ୍ ?ଟି ମହିଳାଙ୍କ ଲାଗି ସଂରକ୍ଷିତ ରହିଥିବା ବେଳେ ୧୦, ୧୯, ୨୧, ୨୨, ୨୫ ଓ ୩୧ ଅଣ ସଂରକ୍ଷିତ ରହିଛି। କବିସୂର୍ଯ୍ୟନଗର ମ୍ୟୁନିସିପାଲଟିରେ ମଧ୍ୟ ୱାର୍ଡ଼ ନଂ ୧ ଠାରୁ ୱାର୍ଡ଼ ନଂ ୬ ପର୍ଯ୍ୟନ୍ତ ତତ୍‌ପରେ ୮ ରୁ ୧୦ ଓ ୧୫ ନମ୍ବର ୱାର୍ଡ଼ର ଅଣସଂରକ୍ଷିତ ରହିଛି । ସେହିଭଳି ୱାର୍ଡ଼ ନଂ ୭, ୧୩ ଏସ୍‌ସି ଭାଇ ଭଉଣୀଙ୍କ ଲାଗି ସଂରକ୍ଷିତ ଥିବା ବେଳେ ୨୬ ଓ ୧୯ ନଂ ୱାର୍ଡ଼ର ଏସ୍ ?ସି ମହିଳାଙ୍କ ଲାଗି ସଂରକ୍ଷିତ ରହିଛି । ସେହିଭଳି ୧୨, ୧୪, ୧୫ ଓ ୨୦ ରୁ ୨୫ ନଂ ୱାର୍ଡ଼ର ମହିଳାଙ୍କ ଲାଗି ସଂରକ୍ଷିତ ରହିଛି । ଅନୁରୂପ ଭାବେ ୧୮ ନଂ ୱାର୍ଡ଼ ଏସ୍ ?ଟି ମହିଳାଙ୍କ ଲାଗି ସଂରକ୍ଷିତ ରହିଥିବା ପ୍ରକାଶିତ ବିଜ୍ଞପ୍ତିରୁ ସୂଚନା ମିଳିଛି । ଅନୁରୂପ ଭାବେ ଭଞ୍ଜନଗର ମ୍ୟୁନିସିପାଲଟିରେ ମଧ୍ୟ ୧, ୨, ୬, ୭, ୮, ୧୨, ୧୩, ୧୪ ନମ୍ବର ୱାର୍ଡ଼ ଅଣସଂରକ୍ଷିତ ରହିଛି । ୩, ୪, ୧୬-୨୧ ନଂ ୱାର୍ଡ଼ ମହିଳାଙ୍କ ଲାଗି ସଂରକ୍ଷିତ ହୋଇଛି । ୫, ୯, ୧୧ ୱାର୍ଡ଼ ଏସ୍ ?ସି ଭାଇଭଉଣୀଙ୍କ ଲାଗି ସଂରକ୍ଷିତ ଥିବା ବେଳେ ୧୫, ୨୬ ୱାର୍ଡ଼ ଏସ୍ ?ସି ମହିଳା ଓ ୨୭ ନମ୍ବର ୱାର୍ଡ଼ ଏସ୍ ?ଟି ମହିଳାଙ୍କ ଲାଗି ସଂରକ୍ଷିତ ରଖାଯାଇଛି । ପୋଲସରା ମ୍ୟୁନିସିପାଲଟିରେ ବେଲଗାଁ ପଚାଂୟତର ୬ଟି ୱାର୍ଡ଼ ସାମିଲ ହୋଇଛି । ୱାର୍ଡ଼ ପୁନଃଗଠନରେ ସେଭଳି କୌଣସି ପରିବର୍ତନ ହୋଇନଥିଲେ ମଧ୍ୟ ଆଗାମୀ ନିର୍ବାଚନ ପାଇଁ ସିଟ୍ ସଂରକ୍ଷଣ କରାଯାଇଛି। ଏଠାକାର ୧, ୧୦, ୧୧, ୧୨, ୧୩, ୧୪, ୧୮, ୨୦ ଓ ୨୧ ନମ୍ବର ୱାର୍ଡ଼ ସାଧାରଣ ବର୍ଗଙ୍କ ପାଇଁ ଥିବା ବେଳେ ୨, ୪, ୫, ୭, ୯, ୧୫, ୧୭ ଓ ୧୯ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି। ୱାର୍ଡ଼ନମ୍ବର ୩ ଓ ୧୬ ଏସ୍ ?ସି ମହିଳା, ୱାର୍ଡ଼ ନଂ ୮ ଏସ୍‌ସି ଏବଂ ଏକ ମାତ୍ର ସିଟ୍ ୱାର୍ଡ଼ ନଂ ୬ ଏସ୍‌ଟି ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି । ସେହିଭଳି ୨୩ଟି ୱାର୍ଡ଼ ବିଶିଷ୍ଟ ହେବ ଆସିକା ମ୍ୟୁନିସିପାଲଟି । ଏଠାକାର ୧, ୨, ୬, ୮, ୧୫, ୧୬, ୧୯, ୨୦ ଓ ୨୨ ନଂ ୱାର୍ଡ଼ର ମହିଳାଙ୍କ ଲାଗି ସଂରକ୍ଷିତ ରହିଛି ।୩, ୪, ୯, ୧୧, ୧୭, ୧୮, ୨୧ ଓ ୨୩ ନଂ ୱାର୍ଡ଼ ଅଣସଂରକ୍ଷିତ ରହିଛି । ଅନୁରୂପ ଭାବେ ୫ ଓ ୧୪ ନଂ ୱାର୍ଡ଼ ଏସ୍‌ସି ଭାଇଭଉଣୀଙ୍କ ଲାଗି ସଂରକ୍ଷିତ ଥିବା ବେଳେ ୧୦, ୧୨ ଏସ୍ ?ସି ମହିଳାଙ୍କ ଲାଗି ସଂରକ୍ଷିତ ରଖାଯାଇଛି । ୧୩ ନଂ ୱାର୍ଡ଼ ଏସ୍‌ଟି ମହିଳାଙ୍କ ଲାଗି ସଂରକ୍ଷଣ ରଖାଯାଇଥିବା ସୂଚନା ମିଳିଛି। ଅପରପକ୍ଷେ ଛତ୍ରପୁର ମ୍ୟୁନିସିପାଲଟିରେ ସମ୍ପ୍ରତି ନୂତନ ଭାବେ ଅନେକ ପଂଚାୟତ ସାମିଲ୍ ହୋଇ ଏହାର ଜନସଂଖ୍ୟା ୬୦୬୩୨ ରହିଛି । ସେହିଭଳି ଆସିକାରେ ୩୦୪୧୬, ଭଞ୍ଜନଗରରେ ୩୯୭୮୪, କବିସୂର୍ଯ୍ୟନଗରରେ ୨୫୮୮୦, ପୋଲସରାରେ ୨୬,୬୭୬ ରହିଥିବା ଜଣାପଡ଼ିଛି । ଆଗାମୀ ଦିନରେ ହେବାକୁ ଥିବା ଜନଗଣନା ପରେ ଏହାର ପୂର୍ଣ୍ଣାଙ୍ଗ ସଂଖ୍ୟା ସ୍ପଷ୍ଟ ହେବ ।

# କେନ୍ଦ୍ର ବଜେଟ ଉପରେ ସ୍ୱତନ୍ତ୍ର ସେମିନାର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ଫେବୃଆରୀ ୨ ତାରିଖରେ 'କେନ୍ଦ୍ର ବଜେଟ୍ -୨୦୨୬' ଉପରେ ଏକ ସ୍ୱତନ୍ତ୍ର ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ପ୍ରମୁଖ ପରାମର୍ଶଦାତା ତଥା ମୁଖ୍ୟ ଅର୍ଥନୀତିଜ୍ଞ ବ୍ରଜମୋହନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ । ସେହିପରି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ମୁଖ୍ୟ ମହାପ୍ରବନ୍ଧକ ଦାସରଥୀ ମିଶ୍ର ଓ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ଡିଜିଏମ୍ ଦେବରାଜ ମିଶ୍ର ବକ୍ତା ଭାବେ ଯୋଗ ଦେଇ ବଜେଟ୍ ଉପରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଆଇବିସିଏସର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପ୍ରଫେସର ମନୋରଂଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସେମିନାରରେ ଡକ୍ଟର ମନୋଜ କୁମାର ସାହୁ ଏବଂ ଜ୍ୟୋତିରଂଜନ ଜେନାଙ୍କ ଦ୍ୱାରା ଲିଖିତ ପୁସ୍ତକ' ଡାଇନାମିକସ୍ ଅଫ୍ ମ୍ୟୁଚ୍ୟୁଆଲ୍ ଫଣ୍ଡ' ଶୀର୍ଷକ ପୁସ୍ତକକୁ ଉନ୍ମୋଚିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆସୋସିଏଟ୍ ପ୍ରଫେସର (ଡ) ଅନିତା ସାହୁ ସଂଯୋଜିକା ଭାବେ କାର୍ଯ୍ୟ ତୁଲାଇଥିବା ବେଳେ ଡକ୍ଟର ରାମକୃଷ୍ଣ ମିଶ୍ର ଏବଂ ଡକ୍ଟର ପଲ୍ଲବୀ ମିଶ୍ର ପରିଚାଳନା କରିଥିଲେ ।

# ଏନ.ସି ହାଇସ୍କୁଲର ପ୍ଲାଟିନମ ଜୁବୁଲି ଉତ୍ସବ ଉଦ୍‌ଯାପିତ



**ବ୍ୟାସନଗର,ନ୍ୟୁଜ ବ୍ୟୁରୋ**

ବ୍ୟାସନଗର ଏନ.ସି ହାଇସ୍କୁଲର ପ୍ଲାଣ୍ଟିନିୟମ ଜୁବୁଲି ଉତ୍ସବ ଉଦଯାପିତ, ଯୋଗଦେଲେ ରାଜ୍ୟ ଗଣ ଶିକ୍ଷାମନ୍ତ୍ରୀ । ଆଜି ପ୍ଲାଣ୍ଟିନିୟମ ଜୁବୁଲି କମିଟିର କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ରାଜ୍ୟ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଦିଗପହଣ୍ଡି ବିଧାୟକ ସିଦ୍ଧାର୍ଥ ମହାପାତ୍ର ଓ କୋରେଇ ଆକାଶ ଦାସନାୟକ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମକୁ ଉଦଯାପିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଯୋଗଦେଇ ଶିକ୍ଷାର ବିକାକୁ ନେଇ କିଭଳି ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ଆରମ୍ଭ ହେଉଛି ଆଲୋଚନା କରିଥିଲେ । ବ୍ଲକ ଶିକ୍ଷା ଅଧିକାରୀ ସୁଦର୍ଶନ ମଲ୍ଲିକ, ସ୍କୁଲର ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ଦେହୁରୀ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଏହି ଅବସରରେ ପ୍ଲାଣ୍ଟିନିୟମ ଜୁବୁଲି ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାମିଦାମୀ କଳାକାର ଯୋଗଦେଇ କଳା ପଦର୍ଶନ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଅନେକ ପୁରାତନ ଛାତ୍ର ଓ ବର୍ତମାନର ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ । ପରିଶେଷରେ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ପ୍ଲାଣ୍ଟିନିୟମ ଜୁବୁଲି କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ନିଶାମୁକ୍ତ ସମାଜ ଗଠନ ପାଇଁ ଗ୍ରାମବାସୀଙ୍କୁ ପରାମର୍ଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍)ର ଜାତୀୟ ସେବା ସଂସ୍ଥା (ଏନ୍‌ଏସ୍‌ଏସ୍) ୟୁନିଟ ପକ୍ଷରୁ ଗତ ସୋମବାର ଦିନ ପଣ୍ଡାକୁଦିଆ ବସ୍ତି ଅଂଚଳରେ ଏକ ଆଂଟି ନାର୍କୋଟିକ୍ସ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦୦ ଜଣ ଏନଏସ୍‌ଏସ୍ ସ୍ୱେଚ୍ଛାସେବୀ ସକ୍ରୀୟ ଭାଗ ନେଇଥିଲେ । ଏହି କର୍ମଶାଳାଟିକୁ ବିଶ୍ୱବିଦ୍ୟାଳୟର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରନ ଦାସ, ପ୍ରୋଗ୍ରାମ କୋଅର୍ଡିନେଟର ପ୍ରଫେସର କମଳ ଲୋଚନ ମହ' ଓ ବରିଷ୍ଠ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡକ୍ଟର ସରୋଜ କୁମାର ମହାନ୍ତି ଉଦ୍‌ଘାଟନ କରି ନିଶା ଓ ମାଦକ ଦ୍ରବ୍ୟର ଅପକାରିତା ଓ ଶରୀର ପ୍ରତି ଏହାର କୁପ୍ରଭାବ ସମ୍ବନ୍ଧିୟ ସତର୍କତା ଅବଲମ୍ବନ କରିବାକୁ ବସ୍ତି ବାସିନ୍ଦାମାନଙ୍କୁ ନିବେଦନ କରିଥିଲେ । ଏହି କର୍ମଶାଳାଟିରେ ପଣ୍ଡାକୁଦିଆର ଶତାଧିକ ବସ୍ତି ବାସିନ୍ଦା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ମଧ୍ୟରେ ନିଶାଦ୍ରବ୍ୟର କୁପ୍ରଭାବ ସମ୍ବନ୍ଧରେ ସଚେତନତା ସୃଷ୍ଟି ପାଇଁ ମାନସ ଦାସଙ୍କ ରଚିତ ପଥପ୍ରାନ୍ତ ନୁକ୍‌କଡ ନାଟକ 'ନିଶାକୁ ନା' ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ଏହି ନାଟକ ମାଧ୍ୟମରେ ମାଦକ ଦ୍ରବ୍ୟ ବ୍ୟବହାର, ତା'ର କୁପରିଣାମ ଏବଂ ଏହାର ଅପକାରିତା ବିଷୟରେ ଅବଗତ କରାଇବା ସହ ଗ୍ରାମବାସୀମାନେ ସମୁହ ଶପଥ ଗ୍ରହଣ କରିଥିଲେ । ଏଥିରେ ସମସ୍ତେ ନିଶାମୁକ୍ତ ସମାଜ ଗଢ଼ିବା ପାଇଁ ପ୍ରତିବଦ୍ଧ ହେବାକୁ ସଂକଳ୍ପ କରିଥିଲେ । ଏହି ଅବସରରେ ସ୍ୱେଚ୍ଛାସେବୀ ଓ ଗ୍ରାମବାସୀମାନେ ପଦଯାତ୍ରା କରି ନିଶା ନିବାରଣର ସଚେତନତା ବାର୍ତା ପ୍ରଦାନ କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ମନରେ ନିଶା ବିରୋଧୀ ସଚେତନତା ସୃଷ୍ଟି କରିବା ସହ ଏକ ସୁସ୍ଥ ସମାଜ ଗଠନରେ ଏକ ସାର୍ଥକ ପଦକ୍ଷେପ ସାବ୍ୟସ୍ତ ହୋଇପାରିଥିଲା । ଏହି କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ଅଫିସର ଡକ୍ଟର ସତ୍ୟ ନାରାୟଣ ଶତପଥୀ, ଡକ୍ଟର ମୁକେଶ କୁମାର ପାତ୍ର ଏବଂ ଡକ୍ଟର ଶ୍ୱେତା ରଥ ପରିଚାଳନା କରିଥିଲେ ।

# ଷ୍ଟିଲ୍ ପ୍ଲାଣ୍ଟ ପକ୍ଷରୁ ୧୫୬ ୟୁନିଟ ରକ୍ତ ସଂଗ୍ରହ



**ଯୋଡ଼ା, ନ୍ୟୁଜ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳ ଅଧୀନ କାରାଖେଣ୍ଡ୍ରା ଷ୍ଟିଲ୍ ପ୍ଲାଣ୍ଟ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ରକ୍ତଦାନ ଶିବିରରେ ରୁଙ୍ଗଟା ମାଇନ୍ସ ଲିମିଟେଡର କାରାଖେଣ୍ଡ୍ରାର ୧୫୬ ଜଣ କର୍ମଚାରୀ ରକ୍ତଦାନ କରିଥିଲେ । ଏହି ଶିବିରଟି ଏକ ସ୍ଥାନୀୟ ରକ୍ତଭଣ୍ଡାର ସହିତ ସହଯୋଗରେ ପରିଚାଳିତ ହୋଇଥିଲା । ବରିଷ୍ଠ ଅଧିକାରୀ ତଥା ନିର୍ଦ୍ଦେଶକ ପ୍ରଣବ କୁମାର ଦେଓ, ପ୍ଲାଣ୍ଟ ମୁଖ୍ୟ ସୁରେଶ କୁମାର ମହାପାତ୍ର, ମାନବ ସମ୍ବଳ ବିଭାଗ ସିଜିଏମ ଆନନ୍ଦ ଚନ୍ଦ୍ର ସାହୁ,କାରଖାନା ପରିଚାଳକ ବିଶ୍ୱ ରଞ୍ଜନ ପାଢି ଓ ଭି.ଏନ.ଝା,ପି. ସୁନ୍ଦରମଣ, କେ.ସି. ପାତ୍ର,ଡକ୍ଟର ଶାଳିନୀ ଶର୍ମା, ସୌଭିକ୍ ଭଟ୍ଟାଚାର୍ଯ୍ୟ, କଲ୍ୟାଣ କମଳ ଭୂୟାଁ, ଚନ୍ଦ୍ର ଶେଖର ମିଶ୍ର, ସଞ୍ଜୟ କୁମାର କନୌଜିୟା, ବିରଜା ଦାସ, ଭାଗୀରଥ ପଣ୍ଡା କମ୍ପାନୀର ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ ଏବଂ କର୍ମଚାରୀଙ୍କ ମହାନ କ୍ରିୟାକୁ ପ୍ରଶଂସା କରିଥିଲେ । ଏହି ଅବସରରେ ନିର୍ଦ୍ଦେଶକ ପି.କେ.ଦେଓ, କହିଛନ୍ତି, ରକ୍ତଦାନ କରିବା ଏବଂ ଏହି ମହତ୍ୱ କାର୍ଯ୍ୟରେ ଯୋଗଦାନ ଦେବା ପାଇଁ ଆମେ ଆମର କର୍ମଚାରୀ ମାନଙ୍କ ପାଇଁ ଗର୍ବିତ । ଏପରି ପଦକ୍ଷେପ ସାମାଜିକ ଦାୟିତ୍ୱ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଏହି ରକ୍ତଦାନ ଶିବିର ସାମାଜିକ କଲ୍ୟାଣ ଏବଂ ସମାଜ ସେବାକୁ ପ୍ରୋତ୍ସାହିତ କରିବା ପାଇଁ କମ୍ପାନୀର ନିରନ୍ତର ପ୍ରୟାସର ଏକ ଅଂଶଥିଲା ।

# ପୁରାତନ ଛାତ୍ରଛାତ୍ରୀଙ୍କ ଶୁଭ କାମନା କଲେ ଅବସରପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀ

**ଯାଜପୁର, ନ୍ୟୁଜ ବ୍ୟୁରୋ**



ଯାଜପୁର ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ବେରୁଦା ଗ୍ରାମ ପଞ୍ଚାୟତ ସ୍ଥିତ ବରଦାଇ ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୫ ମସିହା ମ୍ୟାଟ୍ରିକ ବ୍ୟାଚ ର ବନ୍ଧୁ ମିଳନ କାର୍ଯ୍ୟକ୍ରମ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ୧୫ ଜଣ ଅବସର ପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ ଏବଂ ଏହି ଅତିଥି ମାନେ ୨୦୦୫ ମେଟ୍ରିକ୍ ବ୍ୟାଚ୍‌ର ପୁରାତନ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହିତ ତାଙ୍କର ଶୁଭକାମନା କରିଥିଲେ । ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ଏକ ନିଆରା ଢଙ୍ଗରେ ପାଳନ କରା ଯାଇଥିଲା । ସମସ୍ତ ଅତିଥି ଓ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ମାନେ ଉପସ୍ଥିତ ରହି ଏହିବ୍ୟାଚର ସମସ୍ତ ଛାତ୍ର ଛାତ୍ରୀମାନଙ୍କୁ ଏକତ୍ରିତ ହୋଇ ଥିବାର ଦେଖି ଭୂୟସୀ ପ୍ରଶଂସା କରିଥିଲେ । ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ପ୍ରତି ବର୍ଷ ଏକାଠି ହୋଇ ଚାଲୁରଖିବା ପାଇଁ ମତବ୍ୟକ୍ତ କରିଥିଲେ । ଏହି ବିଦ୍ୟାଳୟର ଛାତ୍ର ଛାତ୍ରୀ ଅବସର ନେଇଥିବା ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରି ବିଦ୍ୟାଳୟ ପରିଦର୍ଶନ କରି ଥିଲେ । ଦୀର୍ଘ ବର୍ଷ ପରେ ନିଜର କର୍ମ ଭୂମିକୁ ଦେଖି ଶିକ୍ଷକ, ଶିକ୍ଷୟିତ୍ରୀ ଖୁସିରେ ଆତ୍ମ ହରା ହୋଇ ଯାଇ ଥିଲେ । ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କର ପ୍ରତିଭା ବିଷୟରେ ଶୁଣି ଖୁସି ବ୍ୟକ୍ତ କରିଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କୁ ସମାଜରେ ଜଣେ ଜଣେ ଭଲ ନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ରାମ, ଅନୁପମା ବେହେରା, ବିନୋଦ କୁମାର ଦଳାଇ, ଶୁଭଶ୍ରୀ ମହାପାତ୍ର, ରମାକାନ୍ତ ପାଣି, ସଂଗ୍ରାମ ପଢି, ରାଜଶ୍ରୀ ପଣ୍ଡା, ତମସା ସାହୁ, ତମିଶ୍ରା ନାୟକ, ସିଦ୍ଧାର୍ଥ ବେହେରା, ଘାସିରାମ ମୁଣ୍ଡା, ସ୍ମୃତି ରଞ୍ଜନ ନାୟକ, ମନୋରମା ପ୍ରଧାନ, ବିନୟ ରଞ୍ଜନ ବେହେରା ଏହି ଉତ୍ସବରେ ଉପସ୍ଥିତ ରହି ଥିଲେ ।

# ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ

**ରାଇଘର, ନ୍ୟୁଜ ବ୍ୟୁରୋ**




ନବରଙ୍ଗପୁର ରାଇଘରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ତିରିଶତମ ବାର୍ଷିକ ଉତ୍ସବ ଏକ ବର୍ଣ୍ଣାଢ୍ୟ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି... ସଭାପତି ସୁରେଶ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ସାଂସଦ ପ୍ରତିନିଧି ଶ୍ରୀମତି ପ୍ରୀତିସ୍ନିଗ୍ଧା ମହାପାତ୍ର ମୂଖ୍ୟ ଅତିଥି ରୂପେ ଯୋଗଦାନ କରି ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନର ଛାତ୍ର ଛାତ୍ରୀ ଜଣେ ଜଣେ ଭଲ ମଣିଷ ହେବା ସହ ରାଷ୍ଟ୍ରର ସ୍ୱାର୍ଥ ଲାଗି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ.. ବରେଣ୍ୟ ଅତିଥି ବ୍ଲକ ଅଧ୍ୟକ୍ଷ ଶ୍ରୀ ଗୁପ୍ତ ପ୍ରସାଦ ଝାଙ୍କର ଏହି ଅନୁଷ୍ଠାନର ଭୂୟସୀ ପ୍ରଶଂସା କରିବା ସହ ଏହାର ଗୁଣାତ୍ମକ ମାନ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ ଏବଂ ସବୁ ପ୍ରକାର ସହଯୋଗ କରିବାର ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନିତ ଅତିଥି ବିଡ଼ିଓ ସୁଶ୍ରୀ ରିତୁ ସିଂ ଛାତ୍ର ଛାତ୍ରୀ ମାନଙ୍କୁ ଉଚ୍ଚାଭିଳାଷୀ ହେବା ସହ ଏହି ଅନୁଷ୍ଠାନର ଗୌରବ ବୃଦ୍ଧି କରିବା ଲାଗି ଆହ୍ୱାନ ଦେଇଥିଲେ.. ମୁଖ୍ୟ ବକ୍ତା ଶ୍ରୀ ହରିହର ସାହୁ ପୂର୍ଣ୍ଣାଙ୍ଗ ଶିକ୍ଷା ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନପୂର୍ବକ ଭାରତ ବର୍ଷର ଗୌରବ ବୃଦ୍ଧି କରିବା ଲାଗି ଅଭିଭାବକ ମାନଙ୍କ ସହଯୋଗ ଲୋଡ଼ିଥିଲେ.. ଅନ୍ୟତମ ସମ୍ମାନିତ ଅତିଥି ଶ୍ରୀ ପରୀକ୍ଷିତ ସାହୁ ଶ୍ରୀମା ଶ୍ରୀଅରବିନ୍ଦଙ୍କ ମହାନ ଆଦର୍ଶରେ ଅନୁପ୍ରାଣିତ ହୋଇ ସମସ୍ତେ ଉପକୃତ ହେବା ଲାଗି ଉଦବୋଧନ ଦେଇଥିଲେ । ସମ୍ମାନିତ ଅତିଥି ଶ୍ରୀ ହର ପ୍ରସାଦ ଦାସ ମାଆ ଶ୍ରୀଅରବିନ୍ଦଙ୍କ ଆଦର୍ଶକୁ ପାଥେୟ କରି ସୃଷ୍ଟ ଏହି ଦିବ୍ୟ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ.. ଶ୍ରୀ ସୁରେଶ ଚନ୍ଦ୍ର ମିଶ୍ର ଭବିଷ୍ୟତ ପୃଥିବୀ ଲାଗି ଉଦ୍ଦିଷ୍ଟ ଏହି ଦିବ୍ୟ କେନ୍ଦ୍ର ର ଉନ୍ନତିକରଣପୂର୍ବକ ଏହି ଆଧ୍ୟାତ୍ମିକ ଅଭିଯାନରେ ଅଭିଭାବକ ମାନଙ୍କ ସମେତ ସବୁ ବର୍ଗର ବ୍ୟକ୍ତି ଆନ୍ତରିକ ସହଯୋଗ କରିବା ପାଇଁ ନିବେଦନ କରିଥିଲେ..ଅନୁଷ୍ଠାନର ସମ୍ପାଦିକା ଶ୍ରୀମତି ପ୍ରଲ୍ଲୀଭା ଭୂୟାଁ ଅନୁଷ୍ଠାନର ବିବରଣୀ ପାଠ କରି ସମସ୍ତଙ୍କ ସହଯୋଗ କାମନା କରିଥିଲେ... ଶ୍ରୀମତି ସସ୍ମିତା ଲତା ପାଢ଼ୀ ସଭାର ସଂଯୋଜନା କରିଥିବା ବେଳେ ଅଧ୍ୟକ୍ଷ ଶ୍ରୀ ରାଜ କିଶୋର ମହାନ୍ତି କୃତଜ୍ଞତା ଅର୍ପଣ କରିଥିଲେ... ଅପରାହ୍ନରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୂର୍ବତନ ଛାତ୍ରୀ ସଫଳତାର ସଂଯୋଜନାରେ ସବୁ ଶ୍ରେଣୀର ଛାତ୍ର ଛାତ୍ରୀ ମାନେ ଦିବ୍ୟ ବାର୍ତ୍ତା ଆଧାରିତ ସୁନ୍ଦର ନୃତ୍ୟ ପରିବେଷଣ କରି ସମସ୍ତଙ୍କ ମନ ମୋହିଥିଲେ.. ଏଥିରେ ସୁଲୋଚନା ସ୍ୱାଇଁଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ.. ଶିକ୍ଷାବିତ ଶ୍ରୀହର୍ଷ ମହାପାତ୍ରଙ୍କ ସମେତ ଅନିତା ପଣ୍ଡା, ଆଶାରାଣୀ ବେହେରା, ହେମନ୍ତ କୁମାର ଚର୍ଚ୍ଚି, ରୁକ୍ମଣୀ ଦାସ, ସୁଷମା ମହାପାତ୍ର, ସୁଶାନ୍ତ ରାଉତ, ପ୍ରତିଭା ନାୟକ, କାଜଲ ସିଲ, ହୀରାବତୀ ଗଣ୍ଡ, ସବିତା ସୁନାନୀ, ଝରଣା ବାଘ, ବିନୋଦ ଗଣ୍ଡ, ତଥା ପୂର୍ବତନ ଛାତ୍ର ଛାତ୍ରୀ ଏହି କାର୍ଯ୍ୟକ୍ରମର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ... ବହୁ ଅଭିଭାବକ, ସାମ୍ବାଦିକ ତଥା ଜନ ସାଧାରଣଙ୍କ ଉପସ୍ଥିତି ରେ ଏହି ଉତ୍ସବ ସଫଳ ହୋଇଥିଲା

# ସମାଜର ମଙ୍ଗଳ ପାଇଁ ମହିଳାମାନଙ୍କ ଭୂମିକା ଏବଂ ଶିକ୍ଷା ଉପରେ ଗୁରୁତ୍ୱ

**ସୁବର୍ଣ୍ଣପୁର.ନ୍ୟୁଜ ବ୍ୟୁରୋ**



ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜ ଠାରେ ୩୩ ତମ ବାର୍ଷିକ ଉତ୍ସବ ମହା ସମାରୋହ ରେ ପାଳିତ ହୋଇଯାଇଛି । ଏହା ସାମଗ୍ରୀକ ଭାବରେ ଏକ ମହିଳା ମହୋତ୍ସବ ଆଲୋଚନା, ନୃତ୍ୟ, ଗୀତ, ତଥା ନାଟକର ଏବଂ ସମ୍ବର୍ଦ୍ଧନା ପୁରସ୍କାର ବିତରଣର ଏକ ବିଚିତ୍ର ସମ୍ମେଳନ। ଅନ୍ୟ ପକ୍ଷରେ ଭୁଜିଭାତର ଏକ ନିଆରା ଆସର । କବି, ସାମ୍ବାଦିକ, ସ୍ୱେଚ୍ଛା ସେବୀ, ବରିଷ୍ଠ ନାଗରିକ , ଛାତ୍ରୀ ଓ ଅଧ୍ୟାପିକା, କର୍ମଚାରୀଙ୍କ ଏକ ମହାମିଳନ। ଏହି ଅବସରରେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମାଜର ମଙ୍ଗଳ ପାଇଁ ମହିଳା ମାନଙ୍କ ଭୂମିକା ଏବଂ ନାରୀ ଶିକ୍ଷାର ଗୁରୁତ୍ୱ ଉପରେ ବାର୍ତ୍ତା ଦେଇଥିଲେ । ଖୁବଶୀଘ୍ର ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ ମହାବିଦ୍ୟାଳୟ ବାଇଗଝୁରି ସ୍ଥିତ ନୂତନ କ୍ୟାମ୍ପସରେ କାର୍ଯ୍ୟ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନିତ ଅତିଥି ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଯୋଗ ଦେଇଥିଲେ। ସେ କହିଥିଲେ "ଯେଉଁଠି ସ୍ନେହ ଥାଏ ସେଇଠି କଷ୍ଟ ମଧ୍ୟ ମଧୁର ଅନୁଭବ ହୁଏ । ସେଦିନ ମଣିଷ ପାଖରେ କିଛି ନ ଥିଲା ମାତ୍ର ସମୟ ଥିଲା, ନିଜ ପାଇଁ ସମାଜ ପାଇଁ। ମାତ୍ର ଆଜି ଆମ ପାଖ ରେ ସବୁ ଅଛି ମାତ୍ର ସମୟ ନାହିଁ। ଜୀବନକୁ ଖୋଜିବା, ଜୀବନ ଖୋଜିବା ପ୍ରକ୍ରିୟା ଭିତରେ ଆମେ ହୁଲ ହୁଲୀ ଓ ଘରେ ସଞ୍ଜ ଦୀପ ଟିଏ ଦେବା ଆମ ଏଇ ସଂସ୍କୃତି ପରମ୍ପରାକୁ ବଞ୍ଚାଇ ରଖିବାକୁ ନାରୀଙ୍କୁ ପରାମର୍ଶ କରିଥିଲେ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ ଡ.ଉମେଶ ମହାପାତ୍ର, ପରୀକ୍ଷା ନିୟନ୍ତକ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ । ପ୍ରଫେସର ମହାପାତ୍ର କହିଲେ ଚତୁର୍ଦ୍ଦିଗରୁ ମାଡ଼ି ଆସୁଥିବା ଅବକ୍ଷୟକୁ କେହି ଜଣେ ଯଦି ବନ୍ଦ କରିପାରିବ ସେ ହେଉଛି ନାରୀ । ଆହୁରି କହିଲେ ପୃଥିବୀର ବୃଦ୍ଧିଯିବି ମାନେ ସଂଶୟାଛନ୍ନ, ଯାହା ଶିକ୍ଷାର ମାନକୁ କଳୁଷିତ କରାଏ। ସ୍ରଷ୍ଟା ଓ ସୃଷ୍ଟି ମଧ୍ୟରେ ଯେଉଁ ମଧୁର ସମ୍ପର୍କ ରହିବା କଥା ତାହା ନଷ୍ଟ ହୋଇଯାଇଛି । ସମାଜକୁ ସକାରାତ୍ମକ ଦିଗକୁ ନେବାରେ ନାରୀ ମାନଙ୍କ ଭୂମିକା ଗୁରୁତ୍ୱ ପୂର୍ଣ୍ଣ ବୋଲି କହି ମଣିଷର ଗଠନ ମୂଳକ ଚିନ୍ତାକୁ ଚିହ୍ନଟ କରିବା ହିଁ ସୌନ୍ଦର୍ଯ୍ୟ ବୋଲି କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବରେ ବରଗଡ଼ ପଂଚାୟତ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ପତି ତପାବନ ସାହୁ ଯୋଗ ଦେଇ ଶୃଙ୍ଖଳିତ ଛାତ୍ରୀ ହେବାକୁ ବେଳେ ବେଳେ ପ୍ରତିବନ୍ଧକ ସୃଷ୍ଟି କରେ ବୋଲି କହିଥିଲେ । କଲେଜ ପରିଚାଳନା କମିଟିର ପ୍ରାକ୍ତନ ସଭାପତି ଅଭିମନ୍ୟୁ କୁଶଳ ଯୋଗ ଦେଇଥିଲେ। ସଭାର ସଭାପତିତ୍ୟ କରିଥିଲେ ଅଧ୍ୟକ୍ଷା ରିତାରଣୀ ପୁଝାରୀ । ସଭାକୁ ପରିଚାଳନା କରିଥିଲେ ଛାତ୍ରୀ କାଜଲ କୁଶଳ । ସ୍ୱାଗତ ଭାଷଣ ଦେଇଥିଲେ ଅଧ୍ୟାପିକା ପୂର୍ଣ୍ଣିମା ମିଶ୍ର ଓ ଧନ୍ୟବାଦ୍ ଦେଇଥିଲେ ଅଧ୍ୟାପିକା ସଞ୍ଜୁରାଣୀ ସିଂ । ବିଭିନ୍ନ କୃତି ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବେଷ୍ଟ ଷ୍ଟୁଡେଣ୍ଟ୍ ଅଫ ଦ ୟର ଏକାଡେମୀ ଟପ୍ପର ଟାଇଟଲ ରେ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅନେକ ପୂରାତନ ଛାତ୍ରୀ ଏବଂ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ର ସଭ୍ୟ ମାନେ ଯୋଗ ଦେଇଥିଲେ ଏବଂ ସମ୍ବର୍ଦ୍ଧିତ ମଧ୍ୟ ହୋଇଥିଲେ । "ହିତୈଷିଣୀ" ନାମକ ମହାବିଦ୍ୟାଳୟର ମୁଖପତ୍ର ଉନ୍ମୋଚିତ ହୋଇଥିଲା। ଛାତ୍ରୀ ମାନଙ୍କ ଦ୍ୱାରା ପରିବେଷିତ ନାଟକଓ଼ିହା ଭୂଜି ଛାତ୍ରୀ ଓ ବୁଦ୍ଧିଜୀବିଙ୍କୁ ଭାବ ପ୍ରବଣ କରି ଥିଲା । ଏହାର ନିର୍ଦ୍ଦେଶକ ଥିଲେ ଅଧ୍ୟାପକ ମଦନ ସୁନ୍ଦର କ୍ଷେତି ଓ ପ୍ରୀତି ପାଣିଗ୍ରାହୀ । ଚେରବୁଇ ହୋତା, ମିତାଶ୍ରୀ ବାରିକ, ରଞ୍ଜିତା ମିଶ୍ର, ସୁଦାମ ସାହୁ, ଦୁଃଖିଶ୍ୟାମ ମେହେର, ପ୍ରଦୀପ୍ତ, ମାଧବୀ, କୁନି, ଲିପି, ଉମା ସୁରେନ୍ଦ୍ର, ଲମ୍ବୋଦର ମହାକୁଡ, ପ୍ରଭାସିନୀ ରଥ ଏବଂ ମହାବିଦ୍ୟାଳୟର ସମସ୍ତ ଛାତ୍ରୀ କାର୍ଯ୍ୟକ୍ରମର ସଫଳତା ପାଇଁ ସହଯୋଗୀ ହାତ ବଢ଼ାଇ ଥିଲେ ।

# ବିଦ୍ୟାଳୟସ୍ତରୀୟ ପିଏମ ଶ୍ରୀ ଉତ୍ସବ
# ଲୋକକଳା ଓ ଦଣ୍ଡନାଚରେ ଦର୍ଶକ ବିଭୋର

**ରମ୍ଭା, ନ୍ୟୁଜ ବ୍ୟୁରୋ**



ଗୁରୁବାର ଦିନ ଫାସୁଲା ସ୍ଥିତ ପି ଏମ ଶ୍ରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ବିଦ୍ୟାଳୟ ସ୍ତରୀୟ ପିଏମ ଶ୍ରୀ ଉତ୍ସବ ଓ ଲୋକକଳା ଓ ଦଣ୍ଡ ନୃତ୍ୟରେ କୁନାକୁନି ଛାତ୍ରଛାତ୍ରୀଙ୍କ ଡ୍ୟାନ୍ସରେ ମସଗୁଲ ହୋଇଥିଲେ ଦର୍ଶକ । କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଧାୟକ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ ମୂଖ୍ୟ ଅତିଥି ଭାବରେ ଯୋଗ ଦେଇ ଜାତୀୟ ଶିକ୍ଷା ନୀତିର ଉଦ୍ଦେଶ୍ୟ ଶିକ୍ଷାନୁଷ୍ଠାନର ଭିତ୍ତି ଭୂମିର ବିକାଶ ସହ ବିଦ୍ୟାର୍ଥୀ ମାନଙ୍କର ସର୍ବାଙ୍ଗୀନ ବିକାଶ ହେବ ବୋଲି କହିଥିଲେ। ମୂଖ୍ୟ ବକ୍ତା ଭାବରେ ଏ ବି ଇ ଓ ରବି ନାରାୟଣ ସେଠୀ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବରେ ସାମ୍ବାଦିକ ତଥା ସମାଜସେବୀ ଅଶୋକ କୁମାର ତ୍ରିପାଠୀ, ସାଧନ କେନ୍ଦ୍ର ସଂଯୋଜକ କୃଷ୍ଣ ଚନ୍ଦ୍ର ପରିଡା, ଆଇନଜୀବୀ ପ୍ରଦୀପ୍ତ କୁମାର ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ଦଣ୍ଡପାଣି ବେହେରା ଓ ଏସ ଏମ ସି ସଭାପତି ଅରୁଣ କୁମାର ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ବିନାୟକ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଛାତ୍ରଛାତ୍ରୀ ମାନେ କେବଳ ଚାକିରୀ ପଛରେ ନଗୋଡାଇ କିପରି ଆତ୍ମ ନିର୍ଭରଶୀଳ ହେବେ ବକ୍ତା ମାନେ ବକ୍ତବ୍ୟରେ କହିଥିଲେ ଓ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଶିକ୍ଷା ଓ ସ୍ୱାବଲମ୍ବୀ ହେବା ସମ୍ବନ୍ଧୀୟ ବିଭିନ୍ନ ଷ୍ଟଲ ଲଗାଯାଇଥିବା ବେଳେ ଅତିଥି ମାନେ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା କମିଟିର କର୍ମକର୍ତ୍ତା, ସଭ୍ୟ ସଭ୍ୟା, ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ଅଭିଭାବକ ଓ ଅଭିଭାବିକା ଗ୍ରାମବାସୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।





## ମାନବ ଚାଲାଣ ମାମଲା:ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

୨ୟ ଅତିରିକ୍ତ ଜିଲ୍ଲା ଦୌରା ବିଚାରପତି ଆୟୁଷ୍ମାନ ମହନ୍ତ ଏକ ମାନବ ଚାଲାଣ ମାମଲା ବିଚାରଣା କରି ଅଭିଯୁକ୍ତ କନକ ନାହାକ ଓ ସୁକାନ୍ତ ସାହୁଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ୍ କରିଛନ୍ତି । ଘଟଣାଟି ଗତ ତା.୧.୮.୧୮ ମସିହା ପାଟପୁର ଥାନାରେ ଖଲିଙ୍ଗି ପଞ୍ଚାୟତର ସରପଞ୍ଚ ସଞ୍ଜୟ ରାଉତ ଏକ ଲିଖିତ ଅଭିଯୋଗ ପ୍ରକାରେ, ତାଙ୍କ ଗ୍ରାମରେ ମନ୍ଦ ଉଦ୍ଦେଶ୍ୟ ରଖି ଅଧିକ ଉଚ୍ଚତା ସମ୍ପନ୍ନ ମହିଳାଙ୍କୁ ଟଙ୍କା ପ୍ରଲୋଭନ ଦେଖାଇ ଭୁବନେଶ୍ୱର ନେବା ପାଇଁ ଉଦ୍ୟମ କରୁଥିଲା ବେଳେ ତାଙ୍କୁ ପୋଲିସ ଭାରତୀୟ ଦଣ୍ଡ ବିଧାନ ସହିଂତାର ଦଫା ୩୭୦(୨), ୫୧୧, ୪୧୭ ଅନୁଯାଇ ଗିରଫ କରି ଅଦାଲତକୁ ବିଚାରଣା ପାଇଁ ପଠାଇଥିଲା। (ପାଟପୁର ଥାନା ସଂଖ୍ୟା -୦୧୩୪, ତା. ୧.୮.୧୮) ଏଥିରେ ଭୁବନେଶ୍ୱର ସାଲିଆସାହିର ଜଣେ ଅଭିଯୁକ୍ତ ଛାୟା ପ୍ରଧାନ ଫେରାର୍ ଅଛନ୍ତି । ମୋଟ୍ ଛଅ ଜଣ ସାକ୍ଷୀ ବିଚାରଣା ହୋଇଥିଲେ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ମନୋଜ ପଟ୍ଟନାୟକ ତାଙ୍କ ସହଯୋଗୀ ଚନ୍ଦ୍ରଗୁପ୍ତ ପଟ୍ଟନାୟକ, ନଦିଆଚାନ୍ଦ ବିଶ୍ୱାଳ ଓ ନୀଳାଞ୍ଚଳ ତ୍ରିପାଠୀ ମୋକଦ୍ଦମା ଲଢୁଥିଲେ।

## ସୁବର୍ଣ୍ଣପୁର ଜିଲ୍ଲାରେ ବଢୁଛି ବେକାରୀ:ଯୁବଗୋଷ୍ଠୀ ଦାଦନ ମୁହାଁ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଶିଳ୍ପବିହୀନ ସୁବର୍ଣ୍ଣପୁର ଜିଲ୍ଲାରେ ବେକାରୀ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। କାମଧନ୍ଦା ଅଭାବ ଯୋଗୁଁ ଶିକ୍ଷିତ ବେକାର ଯୁବକ ବାହାର ରାଜ୍ୟକୁ କାମଧନ୍ଦା ଅନ୍ୱେଷଣରେ ଦାଦନ ଖଟି ଯିବାକୁ ବାଧ ହେଉଛନ୍ତି। ବିଭିନ୍ନ ସମୟରେ ସେମାନେ ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ ହେଉଛି। ଅନେକ ନିରୀହ ଖଟିଖିଆ ପରିବାରର ଯୁବକଙ୍କ ଜୀବନ ମଧ ଚାଲିଯାଉଛି। ହେଲେ ଏଥିପ୍ରତି କାହାର ନିଘାନାହିଁ। ଜିଲ୍ଲାରେ କୌଣସି ଶିଳ୍ପ ସଂସ୍ଥା ନଥିବାରୁ ଶିକ୍ଷିତ ଯୁବକ ଯୁବତୀ କାମଧନ୍ଦା ନପାଇ ପରିବାର ଉପରେ ବୋଝ ହୋଇ ରହୁଛନ୍ତି। ଏହାକୁ ନେଇ ପରିବାର ମଧ୍ୟରେ ଅସନ୍ତୋଷର ବାତାବରଣ ଦେଖାଦେଉଛି। ପ୍ରତିବର୍ଷ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଯୁକ୍ତିମେଳା ଆୟୋଜିତ ହେଉଛି। ନିଯୁକ୍ତି ମେଳାରେ ଅନେକ କର୍ମନିଯୁକ୍ତି ପାଉଛନ୍ତି। କିନ୍ତୁ ପରବର୍ତ୍ତି ସମୟରେ ସେମାନଙ୍କ ମଧ୍ୟରୁ ଅନେକ ବିଭିନ୍ନ କାରଣରୁ କାମଧନ୍ଦା ଛାଡି ଗ୍ରାମକୁ ଚାଲି ଆସୁଛନ୍ତି। ବେକାରୀ ସମସ୍ୟା ରୋକିବା ପାଇଁ ପ୍ରଶାସନିକ ସ୍ତରରେ ଆଗ୍ରହ ନଥିବା ମନେ ହେଉଛି। ସୁବର୍ଣ୍ଣପୁର ଜିଲ୍ଲାର ବେକାର ଯୁବକ ମାନଙ୍କର ଭାଗ୍ୟ କେରଳ, ତାମିଲନାଡୁ, ଆନ୍ଧ୍ର, ଗୁଜୁରାଟ ଆଦି ରାଜ୍ୟରେ ବନ୍ଧା ପଡିଛି। ସେମାନଙ୍କ ଜନ୍ମ ଏଠାରେ କିନ୍ତୁ କର୍ମକ୍ଷେତ୍ର ରାଜ୍ୟ ବାହାରେ। ପ୍ରତି ମାସରେ ଶହ ଶହ ଯୁବକ ରାଜ୍ୟ ବାହାରକୁ କାମଧନ୍ଦା ଅନ୍ୱେଷଣରେ ଯାଉଛନ୍ତି। ପ୍ରାକୃତିକ ସଂପଦରେ ଭରପୁର ସୁବର୍ଣ୍ଣପୁର ଜିଲ୍ଲାରେ ଦାରିଦ୍ର୍ୟ ଓ ବେକାରୀ ଯୋଗୁଁ ଯୁବକ ଯୁବତୀ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ନିଶା ମାଫିଆ ଓ ଲଘୁ ଖଣିଜ ମାଫିଆଙ୍କ ରାଜ୍ ଚାଲିଥିବା ବେଳେ ଯୁବଗୋଷ୍ଠୀ ନିଯୁକ୍ତି ଅଭାବରୁ ଅପରାଧ ମୁହାଁ ହେଉଥିବା ଆଲୋଚନା ହେଉଛି। ବହୁ ବେକାର ଯୁବକ ଅଧିକ ରୋଜଗାର ଆଶାରେ ପଡ଼ୋଶୀ ଜିଲ୍ଲାରୁ ଗଞ୍ଜେଇ ଚାଲାଣରେ ଲାଗିଯାଉଛନ୍ତି। ଏହା ସେମାନଙ୍କ ପାଇଁ ବିପଦ ହେଉଥିବା ଜାଣି ମଧ ବାଧ ହୋଇ ବେଆଇନ୍ କାରବାରକୁ ଆପଣେଇ ନେଉଛନ୍ତି। ଜିଲ୍ଲାରେ ପର୍ଯ୍ୟଟନ ଶିଳ୍ପର ପର୍ଯ୍ୟାପ୍ତ ସୁବିଧା ରହିଛି। କିନ୍ତୁ ଏହାର ବିନିଯୋଗ ହୋଇପାରୁନାହିଁ। କୃଷି ସମୃଦ୍ଧ ସୁବର୍ଣ୍ଣପୁର ଜିଲ୍ଲାରେ କୃଷିଭିତ୍ତିକ ଶିଳ୍ପ ନାହିଁ। କୃଷିଜାତ ସାମଗ୍ରୀ ପାଇଁ କୌଣସି ସ୍ୱତନ୍ତ୍ର ବଜାର ମଧ ନାହିଁ। ସରକାର ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଜିଲ୍ଲାରେ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବାକୁ ସାଧାରଣରେ ଦାବି ହେଉଛି।

## କଦଳୀ ବେପାରୀ ଟଙ୍କା ଲୁଟ୍ ଘଟଣାରେ ମ୍ୟାନେଜର ବନ୍ଧା ହେଲେ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**



ଜେନାପୁରଥାନା ଅନ୍ତର୍ଗତ ୫୩ ନଂ ଜାତୀୟ ରାଜପଥର କନ୍ତାପଡ଼ା ଛକ ନିକଟରେ ସୋମବାର ଦିନ କଦଳୀ ବେପାରୀଙ୍କୁ ଲଙ୍କା ଗୁଣ୍ଡ ପକାଇ ଲୁଟ୍ ଘଟଣାର ପୋଲିସ ପର୍ଦ୍ଦାଫାସ୍ କରିବାରେ ସଫଳ ହୋଇଛି। ଯାଜପୁର ରୋଡ଼ ନୂତନ ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି ଯେ ଏଣ୍ଡଳବା ଗ୍ରାମର କଦଳୀ ବେପାରୀ ନିରଞ୍ଜନ ମଲ୍ଲିକଙ୍କର କଣ୍ଟାପଡ଼ା ଛକରେ କଦଳୀ ବ୍ୟବସାୟ ଅଛି। କଦଳୀ ଦୋକାନର ମ୍ୟାନେଜର ଭାବେ ହାଡିବନ୍ଧୁ ବେହେରା (କାଳିଆ) ଭାବେ କାର୍ଯ୍ୟ କରୁଥିଲା। କାଳିଆ ସନ୍ଧ୍ୟାରେ ଟଙ୍କା ଜମା କରିବାପାଇଁ ଯିବା ସମୟରେ ୨ଜଣ ବାଇକ୍ ଆରୋହୀ ଲଙ୍କା ଗୁଣ୍ଡ ପକାଇ ତାଙ୍କଠାରୁ ସମସ୍ତ ୨ ଲକ୍ଷ ୬୫ ହଜାର ଟଙ୍କା ଲୁଟି ନେଇଥିବା ମାଲିକଙ୍କୁ ଜଣାଇଥିଲେ। ପରେ ମାଲିକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। କାଳିଆ ନିଜେ ଏସବୁ ନାଟକ ରଚନା କରିଥିବା ସତକଥା ମାନିଯାଇଥିଲା। କାଳିଆ ଠାରୁ ସମସ୍ତ ଟଙ୍କା ଜବତ କରିବା ସହ ଓ ବ୍ୟବହାର କରୁଥିବା ବାଇକ୍, ଫୋନ୍ ପୋଲିସ ଜବତ କରିଛି। କାଳିଆକୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଆଉ କାହାର ସଂପୃକ୍ତି ଥାଇପାରେ ବୋଲି ପୋଲିସ୍ ସନ୍ଧାନ କରୁଛି। ଜେନାପୁର ଥାନା ପରିସରରେ ଆହୁତ ସାମ୍ବାଦିକ ସମ୍ମିଳନୀରେ ଜେନାପୁର ଥାନା ଅଧିକାରୀ ନିରୁପମା ଜେନା ଉପସ୍ଥିତ ଥିଲେ।

## ରାଜପଥରେ ଜଳିଗଲା କଣ୍ଟେନର



**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

୧୬ ନମ୍ବର ଜାତୀୟ ରାଜପଥର ମଙ୍ଗୁଳି ଛକ ନିକଟରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଖାଲି କଣ୍ଟେନର ବୁଧବାର ଅପରାହ୍ନରେ ହଠାତ୍ ଜଳିଯାଇଥିବା ଦେଖିବାକୁ ମିଳିଥିଲା । ପ୍ରକାଶ ଯେ ଏକ ଖାଲି କଣ୍ଟେନର ଗତ ଦୁଇଦିନ ହେଲା ରାଜପଥ କଡ଼ରେ କଟକ ଆଡ଼କୁ ମୁହଁକରି ଛିଡ଼ା ହୋଇଥିବାବେଳେ ହଠାତ୍ ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା । ସ୍ଥାନୀୟ ଲୋକେ ନିଆଁ ଲିଭାଇପାକୁ ଚେଷ୍ଟାକରି ବିଫଳ ହେବାରୁ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ । କଟକରୁ ଅଗ୍ନିଶମ ବାହିନୀ ପହଞ୍ଚିଲା ବେଳକୁ କଣ୍ଟେନରଟିର ଇଞ୍ଜିନ୍ କ୍ୟାବିନ୍‌ଟି ସମ୍ପୂର୍ଣ୍ଣ ଭାବେ ଜଳିଯାଇଥିଲା । କଣ୍ଟେନରର ମାଲିକ କଲିକତାର ହୋଇଥିବାବେଳେ ଏହା କଟକରୁ ଯୁରିଆ ସାର ଲୋର୍ଡ଼କରି କଲିକତା ଯାଇଥାନ୍ତା ବୋଲି ଡ୍ରାଇଭର ସୂରଜ ଯାଦବ ସୂଚନା ଦେଇଛନ୍ତି । ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ଗାଡ଼ିରେ ସଟ୍ ସର୍କିଟ୍ ପାଇଁ ନିଆଁ ଲାଗିଥାଇପାରେ ବୋଲି ଅଗ୍ନିଶମ ଅଧିକାରୀ ସୂଚନା ଦେଇଛନ୍ତି ।

## ଏଏମ୍/ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ କେନ୍ଦୁଝରର ୯୭ଜଣ ଛାତ୍ରୀଙ୍କୁ ବେଟି ପଢ଼ାଓ ସ୍କଲାର୍‌ସିପ୍ ପ୍ରଦାନ




**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ କେନ୍ଦୁଝରର ସେଲ୍ ଅଡିଟୋରିୟମ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦୁଝରର ୯୭ ଜଣ ମେଧାବୀ ଛାତ୍ରୀଙ୍କୁ 'ବେଟି ପଢ଼ାଓ ସ୍କଲାର୍‌ସିପ୍' ପ୍ରଦାନ କରାଯାଇଛି। କମ୍ପାନୀର ପ୍ରମୁଖ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର)କାର୍ଯ୍ୟକ୍ରମର ଅଂଶ ସ୍ୱରୂପ, ଆର୍ଥିକ ଅନଗ୍ରସର ଶ୍ରେଣୀର ଛାତ୍ରୀମାନଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ଥିବା ଆର୍ଥିକ ସମସ୍ୟାକୁ ଦୂର କରିବା ଏବଂ ସେମାନଙ୍କୁ ନିଜର ଶିକ୍ଷାଗତ ଲକ୍ଷ୍ୟ ହାସଲ କରିବାରେ ସହଯୋଗ କରିବା ଏହି ସ୍କଲାର୍‌ସିପ୍ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ସରକାରଙ୍କ କନ୍ୟା ସନ୍ତାନ ଶିକ୍ଷା ପ୍ରୋତ୍ସାହନ ଅଭିଯାନ ସହିତ ସମନ୍ୱୟ ରକ୍ଷା ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ସ୍କଲାର୍‌ସିପ୍ ପ୍ରାପ୍ତକର୍ତ୍ତାଙ୍କ ମଧ୍ୟରେ ନବମ ଶ୍ରେଣୀ ଛାତ୍ରୀଙ୍କ ଠାରୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକ ଶିକ୍ଷା, ସ୍ନାତକ ଡିଗ୍ରୀ, ଆଇଟିଆଇ, ଡିପ୍ଲୋମା, ଇଞ୍ଜିନିୟରିଂ, ମେଡିକାଲ୍ ଏବଂ ଅନ୍ୟାନ୍ୟ ବୃତ୍ତିଗତ ପାଠ୍ୟକ୍ରମ ତଥା ରାଜ୍ୟ ଏବଂ ଜାତୀୟ ସ୍ତରର ଆଥ୍‌ଲେଟ୍ ସାମିଲ୍ ଅଛନ୍ତି । ଉତ୍କର୍ଷତା ଏବଂ ଆବଶ୍ୟକତା ଆଧାରିତ ଯୋଗ୍ୟତାକୁ ସୁନିଶ୍ଚିତ କରି ଏକ ଚୟନ ପ୍ରକ୍ରିୟା ମାଧ୍ୟମରେ ମନୋନୀତ ହୋଇଥିବା ପ୍ରାର୍ଥୀମାନଙ୍କୁ 'ବେଟି ପଢ଼ାଓ ସ୍କଲାର୍‌ସିପ୍' ପ୍ରଦାନ କରାଯାଇଥାଏ। ସ୍କଲାର୍‌ସିପ୍ ସଂଗ୍ରହ ପାଇଁ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ପ୍ରୋଟିଆନ୍ ଇ-ଗଭ୍ ଟେକ୍ନୋଲୋଜି ସହିତ ସହଭାଗୀତା କରିଛି । ପ୍ରୋଟିଆନ୍‌ର ବିଦ୍ୟାସାରଥୀ, ଏକ ଅଗ୍ରଣୀ କର୍ପୋରେଟ୍ ସ୍କଲାର୍‌ସିପ୍ ମ୍ୟାନେଜ୍‌ମେଣ୍ଟ ପ୍ଲାଟ୍‌ଫର୍ମ, ଯାହା ଏଏମ୍/ଏନ୍‌ଏସ୍ ଇଣ୍ଡିଆର ସମ୍ପୂର୍ଣ୍ଣ ସ୍କଲାର୍‌ସିପ୍ ପ୍ରକ୍ରିୟା ଆବେଦନ, ବୈଧତା, ଆବଣ୍ଟନ ଏବଂ ପାଣ୍ଠି ବିତରଣକୁ ପରିଚାଳନା କରିଥାଏ। କେନ୍ଦୁଝରର ଏଡିଏମ୍ ମନ୍ଦାରଧର ମହାଲିକ ଛାତ୍ରୀମାନଙ୍କୁ ଏହି ସ୍କଲାର୍‌ସିପ୍ ପ୍ରଦାନ କରିଥିଲେ । ଏହି ଅବସରରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ପ୍ରକଳ୍ପ ବିଭାଗର ଉପସଭାପତି ଶୈଳେନ୍ଦ୍ର ଶାହା, ଡାବୁନା ବେନିଫିସିଏସନ୍ ପ୍ଲାଣ୍ଟର ମୁଖ୍ୟ ଜୟବର୍ଦ୍ଧନ ପରୋହା, ଓଡ଼ିଶା ପାଇପ୍‌ଲାଇନ୍ ପ୍ରକଳ୍ପର ମୁଖ୍ୟ ଅଜିତ ସିଂ ଏବଂ ଡାବୁନା ବେନିଫିସିଏସନ ପ୍ଲାଣ୍ଟ ମାନବ ସମ୍ବଳ ବିଭାଗ ମୁଖ୍ୟ ବନଜ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକ ମଧ ଯୋଗ ଦେଇଥିଲେ । ଏହି ଅବସରରେ ମନ୍ଦାରଧର ମହାଲିକ କହିଥିଲେ ଯେ, ବାଳିକାମାନଙ୍କୁ ଶିକ୍ଷିତ ଏବଂ ସଶକ୍ତ କରିବା ଏକ ସୁଦୃଢ଼ ରାଷ୍ଟ୍ର ଗଠନର ଆଧାରଶିଳା । ବେଟି ପଢ଼ାଓ ସ୍କଲାର୍‌ସିପ୍ ଭଳି ପଦକ୍ଷେପ ମାଧ୍ୟମରେ ଆମେ କେବଳ କେନ୍ଦୁଝରର ଯୁବତୀମାନଙ୍କର ଶିକ୍ଷାଗତ ଆକାଂକ୍ଷାକୁ ପୂରା କରୁନାହୁଁ ବରଂ ସେମାନଙ୍କୁ ଆତ୍ମବିଶ୍ୱାସର ସହିତ ଉଚ୍ଚଶିକ୍ଷା, ବୃତ୍ତିଗତ ପାଠ୍ୟକ୍ରମ ଏବଂ କ୍ରୀଡା କ୍ଷେତ୍ରରେ ସକ୍ଷମ କରୁଛୁ । ଏହି ପ୍ରୟାସ ସେମାନଙ୍କୁ ନିଜ ସ୍ୱପ୍ନକୁ ସାକାର କରିବା ଏବଂ ସମାଜରେ ସାର୍ଥକ ଯୋଗଦାନ ଦେବାରେ ସହାୟତା କରିବ । 'ବେଟି ପଢ଼ାଓ ସ୍କଲାର୍‌ସିପ୍' କାର୍ଯ୍ୟକ୍ରମ ଅଧୀନରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ମହାରାଷ୍ଟ୍ର, ଗୁଜରାଟ, ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ର ଛାତ୍ରୀମାନଙ୍କୁ ସ୍କଲାର୍‌ସିପ୍ ପ୍ରଦାନ କରୁଛି । ୨୦୨୨ ମାର୍ଚ୍ଚ ମାସରେ ଏହା ଆରମ୍ଭ ହେବାଠାରୁ, ଏହି ପଦକ୍ଷେପ ସମଗ୍ର ଭାରତରେ ୨,୨୦୦ରୁ ଅଧିକ ଆର୍ଥିକ ଅନଗ୍ରସର ଛାତ୍ରୀମାନଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇଛି।

## ବିପୁଳ ମଦ ସହ ବାଇକ୍ ଜବତ:୪ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟର ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର କେନ୍ଦ୍ରାପଡ଼ା ସଦର, କେନ୍ଦ୍ରାପଡ଼ା ଟାଉନ୍, ରାଜନଗର ଓ ପଟ୍ଟାମୁଣ୍ଡାଇ ରୁରାଲ୍ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ମାଳପୁର ଗ୍ରାମର ପ୍ରଶାନ୍ତ ମଳିକଙ୍କ ଠାରୁ ୨୪ ଲିଟର ଦେଶୀ ମଦ, ରଘୁପୁର ଗ୍ରାମର କହ୍ନେଇ ସେଠୀଙ୍କ ଠାରୁ ୩୫ ଲିଟର ବିଦେଶୀ ମଦ, କମସିପାଲ ଗ୍ରାମର ବେଣୁଧର ଖିଲରଙ୍କ ଠାରୁ ୨୧ ଲିଟର ବିଦେଶୀ ମଦ ସହ ଏକ ଗୋଟି ମୋଟର ସାଇକେଲ, କଳଗଡ ଗ୍ରାମର ଭଜନନନ୍ଦ ପାତ୍ରଙ୍କ ଠାରୁ ୫୫ ଲିଟର ଦେଶୀ ରନ୍ଧା ମଦ ସହ ଏକ ଗୋଟି ମୋଟର ସାଇକେଲ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ପାଖରୁ ସମୁଦାୟ ୧୩୫ ଲିଟର ଦେଶୀ, ବିଦେଶୀ ଓ ଦେଶୀ ରନ୍ଧାମଦ ସମେତ ୨ ଗୋଟି ମୋଟର ସାଇକେଲ ଜବତ କରାଯାଇ ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଅବକାରୀ ଉପ ନିରିକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ଛାୟାକାନ୍ତ ନାୟକ, ସହକାରୀ ଉପ ନିରିକ୍ଷକ ସୁନୀଲ କୁମାର ମିଶ୍ର, ପ୍ରଦୀପ କୁମାର ମଳିକ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ ।



## ପ୍ରତ୍ୟକ୍ଷ ଅଭିଜ୍ଞତା ହାସଲ ପାଇଁ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ପରିଭ୍ରମଣ




**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ବିଦ୍ୟାଳୟ ବାହାରେ ପ୍ରତ୍ୟକ୍ଷ ଅଭିଜ୍ଞତା ଅନୁଭୂତି ହାସଲ ଲକ୍ଷ୍ୟ ଅଭିମୁଖ୍ୟ ନେଇ ଛତ୍ରପୁର ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ପିଏମ୍‌ଶ୍ରୀ ଅନ୍‌ସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ପଠନରତ ଚାଳିଶିରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏକ ଶୈକ୍ଷିକ ପରିଭ୍ରମଣ ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ୍ ବ୍ଲକ୍ ଅନ୍ତର୍ଗତ ଶିଳ୍ପ କାରିଗରୀ କଳା ସଂସ୍କୃତି ସମ୍ପନ୍ନ ଗ୍ରାମ ଡିମିରିଆକୁ ଆସି ବହୁ ଉପାଦେୟ ତଥ୍ୟ ସୂଚନା ଲାଭ କରିଛନ୍ତି । ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ସହକାରୀ ଶିକ୍ଷକ ଦିଲ୍ଲୀପ କୁମାର ପଲେଇ, ସହକାରୀ ଶିକ୍ଷୟିତ୍ରୀ ରୋଜା ସାହୁ, ମୋନାଲିସା ପଣ୍ଡାଙ୍କ ସହିତ ଭ୍ରମଣରେ ଆସି ସର୍ବପ୍ରଥମେ ଡିମିରିଆ ସ୍ଥିତ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଠାରେ ପହଞ୍ଚିଥିଲେ । ସେହିଠାରୁ କନକା କ୍ଲଷ୍ଟର ସିଆରସିସି ଡକ୍ଟର ଦ୍ୱାରିକାନାଥ ମହାରଣା, ଶିକ୍ଷାବିତ୍ କେଦାରନାଥ ସାହୁଙ୍କ ସହଯୋଗରେ ମାଟିରେ ଗଢା ହେଉଥିବା ହାଣ୍ଡି, ମାଠିଆ, କଳସୀ, ସରା, ଦୀପ, ଫୁଲଦାନୀ, ଧୂପଦାନୀ ସହିତ ଆଖି ଲାଖି ରହିଲା ଭଳି ଟେରାକୋଟା ଶିଳ୍ପ ଆଦି ଗଢା ହେଉଥିବା ଦେଖିଥିଲେ। ପାରମ୍ପରିକ କୁମ୍ଭାର ଚକ ଏବଂ ଅତ୍ୟାଧୁନିକ ବିଦ୍ୟୁତ ପରିଚାଳିତ କୁମ୍ଭାର ଚକରେ ଶିଳ୍ପୀ ପ୍ରତ୍ୟକ୍ଷ ବହୁବିଧ ହସ୍ତଶିଳ୍ପ ନିର୍ମାଣ କରୁଥିବା ଦେଖି ଅତ୍ୟନ୍ତ ଉତ୍ସାହିତ ହୋଇଥିଲେ । ଛାତ୍ର ଛାତ୍ରୀମାନେ ସିଧାସଳଖ ପୁସ୍ତକରେ ସନ୍ନିବେଶିତ ଜ୍ଞାନ ସହିତ ବାହାର ପରିବେଶର ଜ୍ଞାନ ସହିତ ସମ୍ପୃକ୍ତ ହେବାର ସୁଯୋଗ ସେମାନେ ଉପଲବ୍ଧି କରିଥିଲେ । ଏତଦ୍‌ବ୍ୟତୀତ ଜାତୀୟ ରାଜପଥ-୧୬ ସାନଘାଟି ଅଞ୍ଚଳସ୍ଥ ବରିଷ୍ଠ ଆଇନଜୀବୀ ମାଗୁଣି ଚରଣ ପଲେଇଙ୍କ ସୁବିସ୍ତୃତ ଫାର୍ମ ହାଉସ୍ ପରିଭ୍ରମଣ କରିଥିଲେ । ତାହାପରେ କନକା ଗ୍ରାମର ବିଶିଷ୍ଟ ପରିବେଶବିତ୍ ବୃକ୍ଷ ପ୍ରେମୀ ରାମଚନ୍ଦ୍ର ନାୟକଙ୍କ ୮ ଏକରରୁ ଉର୍ଦ୍ଧ୍ୱ ପରିମିତ ଜମିରେ ଦୀର୍ଘ ଦଶନ୍ଧି ଧରି ଲଗାଇ ଆସିଥିବା ଆମ୍ବ, ପଣସ, ଗୁଆ, ନଡ଼ିଆ, ଅମୃତ ଭଣ୍ଡା, ପିଜୁଳି, ସେଓ, କଦଳୀ, ସପେଟା, କରମଙ୍ଗା, କମଳା ସହିତ ଔଷଧୀୟ ଗଛ, ମସଲା ଜାତୀୟ ଗଛ ଏପରିକି ରୁଦ୍ରାକ୍ଷ, ହରିଡ଼ା, ବାହାଡ଼ା, ଅଁଳା ଆଦି ବିରଳ ଗଛଲତା ବୁଲି ଦେଖି ଚିହ୍ନିଥିଲେ । ଉକ୍ତ ବୃକ୍ଷ ଉଦ୍ୟାନର ସଫଳ ଚାଷୀ ରାମଚନ୍ଦ୍ର ନାୟକଙ୍କ ସହିତ ବିଭିନ୍ନ ଗଛଲତା ସମ୍ପର୍କରେ ଆଲୋଚନା କରି ଅନେକ ତଥ୍ୟ ହାସଲ କରିଥିଲେ, ଯାହାକି ଛାତ୍ରଛାତ୍ରୀଙ୍କୁ ଶିକ୍ଷଣ କ୍ଷେତ୍ରରେ ନିତାନ୍ତ ଆବଶ୍ୟକ ରହିଛି ।

### ଚୌଦ୍ୱାର ଜେଲ୍‌ରେ କଏଦୀ ଇତିଶ୍ରୀ ମହାନ୍ତିଙ୍କ ସୁନା ହଜିବା ଘଟଣା

## ବରିଷ୍ଠ ଅଧିକ୍ଷକ ସୁନା ବଦଳରେ ଦେଲେ ୧ ଲକ୍ଷ ୯୦ ହଜାର ଟଙ୍କା

**କଟକ, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ସର୍କଲ୍ ଜେଲ୍‌ରେ କଏଦୀ ଇତିଶ୍ରୀ ମହାନ୍ତିଙ୍କ ଅଳଙ୍କାର ଗାଏବ୍ ଘଟଣା ବିବାଦୀୟ ମୋଡ଼ ନେଇଛି। ବରିଷ୍ଠ ଅଧିକ୍ଷକ ସୁଜିତ କୁମାର ରାଉଳ ସୁନା ବଦଳରେ ୧ ଲକ୍ଷ ୯୦ ହଜାର ଟଙ୍କା ଇତିଶ୍ରୀଙ୍କୁ ଫେରାଇଛନ୍ତି। ୨୦୨୦ ଓଡ଼ିଶା ମଡେଲ୍ ଜେଲ୍ ମାନୁଆଲ୍‌ର ରୁଲ୍-୮୩୪(୧୨)ର ଏହା ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ ବୋଲି କୁହାଯାଉଛି। ନିୟମାନୁଯାୟୀ ଯଦି କୌଣସି କଏଦୀଙ୍କ ସାମଗ୍ରୀ ଜେଲ୍‌ରେ ହଜିଯିବ ତେବେ ଏହାର ତଦନ୍ତ ଜେଲ୍ ଅଧିକ୍ଷକ କରି ଦୋଷୀ ଜେଲ୍ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସହିତ ଉତ୍ତରଦାୟୀ କରାଇବେ। ସମ୍ପୃକ୍ତ ଦୋଷୀ କର୍ମଚାରୀଙ୍କ ଦରମାରୁ ଏହି ଟଙ୍କା ଭରଣା କରାଯିବ। କିନ୍ତୁ ଇତିଶ୍ରୀଙ୍କୁ ଚୌଦ୍ୱାର ସର୍କଲ ଜେଲ୍‌ର ବରିଷ୍ଠ ଅଧିକ୍ଷକ ଶ୍ରୀ ରାଉଳ ଟଙ୍କା ଦେବା ଘଟଣା ହଇଚଇ ସୃଷ୍ଟି କରିଛି। କେଉଁ ଉତ୍ସରୁ ଏତେ ପରିମାଣର ଟଙ୍କା ଆଣି ଶ୍ରୀ ରାଉଳ ଜଣେ ଅଭିଯୁକ୍ତଙ୍କୁ ଦେଲେ ତାହାକୁ ନେଇ ପ୍ରଶ୍ନ ଉଠିଛି। କଟକ ଜିଲ୍ଲା ମାହାଙ୍ଗାର ଇତିଶ୍ରୀ ମହାନ୍ତି ଏକ ମାମଲାରେ ୨୦୨୫ ସେପ୍ଟେମ୍ବର ୨୨ରେ ଗିରଫ ହୋଇ ୨୩ ତାରିଖରେ ଚୌଦ୍ୱାର ସର୍କଲ୍ ଜେଲ୍‌କୁ ଯାଇଥିଲେ। ସେଦିନ ଅପରାହ୍ଣରେ ଚୌଦ୍ୱାର ଜେଲ୍‌ରେ ପହଞ୍ଚିବା ପରେ ତାଙ୍କ କାନଫୁଲ, ମୁଦି, ନାକଫୁଲ ସୁରକ୍ଷାକର୍ମୀମାନେ କାଢ଼ିଥିଲେ। ଇତିଶ୍ରୀ ୩ ମାସ ଜେଲ୍‌ରେ ରହିବା ପରେ ଡିସେମ୍ବର ୨୩ ତାରିଖରେ ଜାମିନ୍‌ରେ ବାହାରିଥିଲେ। ବାହାରିବା ସମୟରେ ଗହଣା ମିଳୁନଥିବା କହି ତାଙ୍କୁ ପରେ ଆସିବାକୁ କୁହାଯାଇଥିଲା। ପରବର୍ତ୍ତୀ ସମୟରେ ସେ ପ୍ରାୟ ୫ଥର ଜେଲ୍‌କୁ ଯାଇଥିଲେ ବି ତାଙ୍କୁ ଗହଣା ମିଳିନଥିଲା। ଓଲଟା ସର୍କଲ୍ ଜେଲ୍ ବରିଷ୍ଠ ଅଧିକ୍ଷକ ଶ୍ରୀ ରାଉଳ ତାଙ୍କୁ ପୂର୍ବତନ ଜେଲର ସନ୍ତୋଷିନୀ ଦାସଙ୍କ ବିରୋଧରେ ସୁନା ଚୋରି ନେଇ ମିଥ୍ୟା ମାମଲା ଦେଲେ ଟଙ୍କା ଦେବାର ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଇତିଶ୍ରୀ ରାଜି ନହେବାରୁ ତାଙ୍କୁ ନିର୍ଯାତନା ଦିଆଯାଇଥିବା ନେଇ ଚୌଦ୍ୱାର ଥାନାରେ ଇତିଶ୍ରୀ ଚଳିତ ମାସ ୮ ତାରିଖରେ ଅଭିଯୋଗ କରିଥିଲେ। ଏହି ଘଟଣାର ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ମଙ୍ଗଳବାର ଇତିଶ୍ରୀଙ୍କୁ ଜେଲ୍ ଅଧିକ୍ଷକ ଶ୍ରୀ ରାଉଳ ଏହି ନଗଦ ଟଙ୍କା ଦେଇଥିବା ନେଇ ଇତିଶ୍ରୀ ଚୌଦ୍ୱାର ଥାନା ଆଇଆଇସି ରଜନୀକାନ୍ତ ଦାସଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହି ଟଙ୍କା କାରବାର ଅଧିକ୍ଷକଙ୍କ କାର୍ଯ୍ୟାଳୟ ଭିତରେ ହୋଇଥିବାର ଫଟୋ ବି ଉଠାଯାଇଛି। ତେଣୁ ପୂର୍ବରୁ ଇତିଶ୍ରୀ ଜେଲ୍ ଅଧିକ୍ଷକଙ୍କ ବିରୋଧରେ ଚୌଦ୍ୱାର ଥାନାରେ ଯେଉଁ ଅଳଙ୍କାର ଗାଏବ୍ ଅଭିଯୋଗ କରିଥିଲେ ଉକ୍ତ ମାମଲା ପ୍ରତ୍ୟାହାର କରିନେଉଥିବା ସମ୍ପର୍କରେ ଆଇଆଇସିଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ପୂର୍ବରୁ ଜାନୁଆରୀ ୧୭ରେ ପୂର୍ବତନ ଜେଲର ସନ୍ତୋଷିନୀ ଦାଶ ଜେଲ୍ ଅଧିକ୍ଷକ ଶ୍ରୀ ରାଉଳଙ୍କ ବିରୋଧରେ କାଗଜପତ୍ର ଜାଲିଆତି କରିବା ନେଇ ଅଭିଯୋଗ ଦେଇଥିଲେ। ଏହାକୁ ନେଇ ଶ୍ରୀ ରାଉଳ ଚୌଦ୍ୱାର ଥାନାରେ ୧୮ ତାରିଖରେ ଯେଉଁ ପାଲଟା ଅଭିଯୋଗ ଆଣିଥିଲେ, ଏଥିରେ ଇତିଶ୍ରୀଙ୍କ ସୁନା ଅଳଙ୍କାର ଗାଏବ୍ ପଛରେ ଶ୍ରୀମତି ଦାସଙ୍କୁ ଦାୟୀ କରିଥିଲେ। ଏଭଳି ଘଟଣାରେ ଅଧିକ୍ଷକଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଯିବ ନାହିଁ ବୋଲି ପ୍ରଶ୍ନ ଉଠିଛି।



## ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ତଳୁ ଚାଳକଙ୍କ ମୃତଦେହ ଉଦ୍ଧାର

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ମନମୁଣ୍ଡା - ଶଗଡା ରାସ୍ତାର ଭାଲିଆପଦର ନାଳ ନିକଟରେ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ତଳୁ ମୃତ ଅବସ୍ଥାରେ ଟ୍ରାକ୍ଟର ଚାଳକ ଉଦ୍ଧାର ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ରାତି ୮ଟା ସମୟରେ ଗୋଟିଏ ଲୁହା ଛଡ ବୋଝେଇ ଟ୍ରାକ୍ଟର ମନମୁଣ୍ଡା ପଟୁ ଯାଉଥିବା ବେଳେ ଭାଲିଆପଦର ଗ୍ରାମ ନାଳ ନିକଟରେ ଭାରସାମ୍ୟ ହରାଇ ଓଲଟିପଡିଥିଲା । ଟ୍ରାକ୍ଟର ଚାଳକ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ତଳେ ଚାପିହୋଇ ରହିଯାଇଥିବା ବେଳେ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକେ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ । ମନମୁଣ୍ଡା ପୋଲିସ ମୃତଦେହକୁ ଜବତ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୦।୦୨।୨୦୨୬, ଫାଲ୍‌ଗୁନ ଦି୮ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ ୬।୧୫।୪୩ ଚନ୍ଦ୍ରୋଦୟ- ପ୍ରାଘ ୭।୫୪।୧୧**

**ତୃତୀୟା-** ଦିଘ ୨।୪୧ ପର୍ଯ୍ୟନ୍ତ । ଉତ୍ତରାଭାଦ୍ର ନକ୍ଷତ୍ର ରାଘ ୮।୧୧ ପର୍ଯ୍ୟନ୍ତ । **ମୀନଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ଦିଘ ୨।୪୧ ଗତେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୧୮ ଗତେ ଦିଘ ୭।୦୪ ମଧ୍ୟେ ଦିଘ ୧୨।୨୪ ଗତେ ଦିଘ ୨।୪୩ ମଧ୍ୟେ।



**ମେଷ:** ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାରେ ବିଳମ୍ବ ହେବ। ଶତ୍ରୁ ସୁଯୋଗ ଅପେକ୍ଷାରେ ରହିବେ। ହେଲେ କ୍ଷତିରେ ପଡ଼ିବେନାହିଁ। ଦେହ ଭଲ ରହିବନାହିଁ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଆନନ୍ଦ ।



**ବୃଷ:** କର୍ମକ୍ଷେତ୍ରରେ ସାମାନ୍ୟ ସମସ୍ୟା ଦେଖାଦେବ। ଯାନବାହାନ କ୍ରୟ କରିପାରନ୍ତି। ବନ୍ଧୁଙ୍କ ସହ ଝଗଡ଼ା ହୋଇପାରେ। ପ୍ରବାସୀ ଜୀବନ ଅତିବାହିତ କରିବେ। ଆୟର ପରିମାଣ ବଢ଼ିବ। ପରିବାରରେ ଶାନ୍ତି ଲାଭ।



**ମିଥୁନ:** ଦୂର ସ୍ଥାନକୁ ଯାତ୍ରା କରିବେ। ବ୍ୟବସାୟରେ ଲାଭ ମିଳିବ। ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ। ପାରିବାରିକ ଆଶ୍ୱସ୍ତି ଲାଭ। ଅନ୍ୟର ଦୋଷ ନିମନ୍ତେ ଆପଣ ସମାଲୋଚିତ ହେବେ ।



**କର୍କଟ:** ଅତୀତର ଘଟଣାକୁ ନେଇ ମନ ଉଦାସ ରହିବ। ଅନ୍ୟମନସ୍କ ଯୋଗୁ କେତେକ ଭୁଲ୍ କରିବେ। ରୋଜଗାରର ପରିମାଣ ବଢ଼ିବ। ମାଲିମୋକଦ୍ଦମାରେ ଶୁଣାଣି ଆପଣଙ୍କ ସପକ୍ଷରେ ଯିବାର ସମ୍ଭାବନା।



**ସିଂହ:** ଆପଣ ଯଶସ୍ୱୀ ହେବେ। ଅଟକି ରହିଥିବା କାମଟି ପୂରଣ ହେବ। ଯାତ୍ରାରେ ସଫଳତା ମିଳିବ। ମହିଳାମାନେ ଅସୁସ୍ଥ ଅନୁଭବ କରିବେ। ଗୃହେ ସୁଖ ଶାନ୍ତି ଲାଭ କରିବେ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ ।



**କନ୍ୟା:** ଆଧ୍ୟାତ୍ମିକ ଦିଗରେ ମନ ବଳିବ। ସେବା ପୂଜା ପ୍ରତି ଆଗ୍ରହ ପ୍ରକାଶ ପାଇବ। କୌଣସି ସାମାଜିକ କାର୍ଯ୍ୟରେ ଯୋଗଦେବେ । ଆୟ ଓ ବ୍ୟୟ ସମାନ ରହିବ। ଗୃହେ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ତୁଳା:** ପରୋପକାରୀ ହେବେ। ସମସ୍ତଙ୍କ ପ୍ରିୟପାତ୍ର ହେବେ। ସତ୍‌ସଙ୍ଗରୁ ଆନନ୍ଦ ଅନୁଭବ କରିବେ। ରୋଜଗାର ମଧ୍ୟମ ଧରଣର ହେବ। ଗୃହ କାର୍ଯ୍ୟରେ ବ୍ୟସ୍ତ ରହିବେ। ଶରୀର ସୁସ୍ଥ ରହିବ ।



**ବିଛା:** ମନରେ ଦ୍ୱିଧା ଓ ବିରକ୍ତି ଉପୁଜିବ। ବନ୍ଧୁମାନେ ସହଯୋଗ କରିବେ। ଭ୍ରମଣ ସୁଖ ଲାଭ ହେବ। ଆୟ ଓ ବ୍ୟୟ ସମାନ ରହିବ। ବ୍ୟବସାୟ ମଧ୍ୟମ ଧରଣର ହେବ। ଗୃହରେ ଶାନ୍ତି ଲାଭ ।



**ଧନୁ:** ଯାନବାହାନ କ୍ରୟ କରିବେ। କଥାବାର୍ତ୍ତାରେ ସଂଯମ ରକ୍ଷା ନକଲେ ଅସୁବିଧାରେ ପଡ଼ିପାରନ୍ତି। କର୍ମକ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବାକୁ ସମର୍ଥ ହେବେ। ରୋଜଗାର ସ୍ଥିର ରହିବ। ଗୃହେ ଶାନ୍ତି ବଜାୟ ରହିବ।



**ମକର:** ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବ। ଶତ୍ରୁମାନେ ପରାଜିତ ହେବେ। ଆୟ ବୃଦ୍ଧି ଘଟିବ। ଭାଇ ଭାଇ ମଧ୍ୟରେ ବିବାଦ ଯୋଗୁ ପରିବାରରେ କଳହ ସୃଷ୍ଟି ହେବ। କୌଣସି କାର୍ଯ୍ୟରେ ମନ ଲାଗିବନାହିଁ।



**କୁମ୍ଭ:** କର୍ମକ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବେ। ଚଞ୍ଚଳମନା ହେବେ। ପରିବାରରେ କଳହ। ମଉଜ ମଜ୍‌ଲିସ୍‌ରେ ସମୟ ଅତିବାହିତ କରିବେ । ତ୍ୟାଗଶୀଳ ହେବେ। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ ।



**ମୀନ:** ଅଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିବେ। ପରିବାରରୁ ସାହାଯ୍ୟ ସହଯୋଗ ମିଳିବ। ଦୁଃସାହସିକ କାର୍ଯ୍ୟ କରି ପ୍ରଶଂସା ଲାଭ ହେବ। ଆୟ ଓ ବ୍ୟୟ ପ୍ରାୟ ସମାନ ରହିବାର ସୂଚନା ।

## ଅଶ୍ଳୀଳ ଫଟୋ ଭିଡ଼ିଓ ଭାଇରାଲ୍ କରି ଯୁବକ ଗିରଫ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ରାଇଘର ଥାନା ଅଞ୍ଚଳର ଜଣେ ଯୁବକ ସେହି ଗ୍ରାମର ଏକ ଝିଅର ଅଶ୍ଳୀଳ ଫଟୋ ଭିଡିଓ ଭାଇରାଲ୍ କରି ରାଇଘର ପୋଲିସ ଦ୍ୱାରା ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଜଣାପଡିଛି । ଉକ୍ତ ଯୁବକ ଜଣକ ଝିଅଟିର ଗୁପ୍ତରେ ଫଟୋ ଉଠାଇ ତାକୁ ଏଡିଟ୍ କରି ସ୍ଥାନୀୟ ଅଞ୍ଚଳରେ ଭାଇରାଲ୍ କରିଥିଲା । ଏହି ଘଟଣାରେ ଝିଅର ପରିବାର ଲୋକେ ରାଇଘର ଥାନାରେ ଏତଲା ଦେବାପରେ ପୋଲିସ ଯୁବକକୁ ଗିରଫ କରି ୩୭/୨୬ରେ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ଟିକେ ଚାନ୍ଦ ବାହାବଲ ଖଟୁଆ ପ୍ରକାଶ କରିଛନ୍ତି ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୧।୦୨।୨୦୨୬, ଫାଲ୍‌ଗୁନ ଦି୯ନ, ଶନିବାର**

**ସୂର୍ଯ୍ୟୋଦୟ- ଘ ୬।୧୫।୦୫ ଚନ୍ଦ୍ରୋଦୟ- ଦିଘ ୮।୩୦।୨୮**

**ଚତୁର୍ଥୀ-** ଦିଘ ୧।୦୫ ପର୍ଯ୍ୟନ୍ତ । ରେବତୀ ନକ୍ଷତ୍ର ସଂଘ ୭।୦୮ ପର୍ଯ୍ୟନ୍ତ। **ମୀନ ଚନ୍ଦ୍ର-** ସଂଘ ୭।୦୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ସଂଘ ୭।୦୮ ଗତେ ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ଧନୁ ରାଶିର । ସଂଘ ୭।୦୮ ଗତେ ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଏବଂ ପଞ୍ଚମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ଦିଘ ୧।୦୫ ଗତେ ବେଲ ଓ ପଣସ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୩୫ ଗତେ ଦିଘ ୧୧।୧ ମଧ୍ୟେ । **ପର୍ବୋତ୍ସବ-** ବିନାୟକ ଚତୁର୍ଥୀ, ବିଶ୍ୱ ମାତୃଭାଷା ଦିବସ, ଗୌରୀ ଗଣେଶ ଚତୁର୍ଥୀ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# AI ବଦଳାଇ ଦେବ ୮୦ କୋଟି ଲୋକଙ୍କ ରାସନ ବ୍ୟବସ୍ଥା

ଏଣିକି ଦେଶର ପ୍ରାୟ ୮୦ କୋଟି ଲୋକଙ୍କୁ ବଣ୍ଟନ କରାଯାଉଥିବା ରାସନକୁ ଏଆଇ ସହାୟତାରେ ଅଧିକ ସ୍ୱଚ୍ଛ କରାଯିବ। ପ୍ରତ୍ୟେକ ଯୋଗ୍ୟ ପରିବାର ସଠିକ୍ ପରିମାଣ ଏବଂ ଗୁଣବତ୍ତା ସହିତ ସଠିକ୍ ଖାଦ୍ୟଶସ୍ୟ ଠିକ୍ ସମୟରେ ପାଇବା ପାଇଁ ସରକାର ସାଧାରଣ ବଣ୍ଟନ ବ୍ୟବସ୍ଥା ବା PDSରେ ଏକ ନୂତନ ଡିଜିଟାଲ ବ୍ୟବସ୍ଥା କାର୍ଯ୍ୟକାରୀ କରୁଛନ୍ତି। ନୂତନ ବ୍ୟବସ୍ଥା ଅନୁଯାୟୀ, ଶସ୍ୟ ସଂଗ୍ରହ ଠାରୁ ଆରମ୍ଭ କରି ଗୋଦାମ, ପରିବହନ ଏବଂ ରାସନ ଦୋକାନରେ ସଂରକ୍ଷଣ ପର୍ଯ୍ୟନ୍ତ ସମଗ୍ର ବ୍ୟବସ୍ଥାକୁ ଡିଜିଟାଲ୍ ଭାବରେ ତଦାରଖ କରାଯିବ। ଏହା କମ୍ ଓଜନ, ବିଳମ୍ବ ଏବଂ ବାହାନା ଭଳି ଅଭିଯୋଗକୁ ରୋକିବ। ସମସ୍ତ ପର୍ଯ୍ୟାୟରେ ସୂଚନା ଅନଲାଇନରେ ରେକର୍ଡ କରାଯିବ, ଯାହା ତ୍ରୁଟିର ସୁଯୋଗ ହ୍ରାସ କରିବ ଏବଂ ଦାୟିତ୍ୱ ସ୍ଥିର କରିବା ସହଜ କରିବ। ଏହି ନୂତନ ପ୍ରଯୁକ୍ତିବିଦ୍ୟାକୁ ଭାରତ ମଣ୍ଡପମରେ ଅନୁଷ୍ଠିତ ଏଆଇ ସମ୍ମିଟରେ ପ୍ରଦର୍ଶିତ କରାଯାଇଥିଲା । ଯାହା ଫେବୃଆରୀ ୧୭ ରୁ ୧୯ ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ପାଇଁ ଖୋଲା ରହିଛି। ସରକାର କହିଛନ୍ତି ଯେ, ଏହା କେବଳ ଏକ ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନ ନୁହେଁ, ବରଂ ରାସନ ବ୍ୟବସ୍ଥାକୁ ନିର୍ଭରଯୋଗ୍ୟ ଏବଂ ସାଧାରଣ ଲୋକଙ୍କ ପାଇଁ ଅଧିକ ସୁଲଭ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ। ଏହି ପଦକ୍ଷେପରେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମକୁ ମଧ୍ୟ ସମର୍ଥନ କରାଯାଉଛି। ସରକାର ରାସନ ସିଷ୍ଟମକୁ 'ସ୍ମାର୍ଟ ପିଡିଏସ୍' ନାମକ ଏକ ସମନ୍ୱିତ ଡିଜିଟାଲ୍ ପ୍ଲାଟଫର୍ମରେ ସଂଯୁକ୍ତ କରିଛନ୍ତି। ଏହା ଏଆଇକୁ ରାସନ କାର୍ଡ ବିବରଣୀ, ଶସ୍ୟ ଆବଣ୍ଟନ, ଷ୍ଟକ୍ ସ୍ଥିତି, ରାଜ୍ୟଗୁଡ଼ିକୁ ପଠାଣ ଏବଂ ଷ୍ଟୋରଗୁଡ଼ିକରେ ବଣ୍ଟନ ଉପରେ ନଜର ରଖିବାକୁ ସକ୍ଷମ କରିବ। ଏହା ପ୍ରତ୍ୟେକ କ୍ଷେତ୍ରରେ ଆବଶ୍ୟକ ଶସ୍ୟର ପରିମାଣ ଏବଂ ଯେଉଁଠାରେ ଅଭାବ ରହିଛି ସେ ବିଷୟରେ ତୁରନ୍ତ ଅନ୍ତର୍ଦୃଷ୍ଟି ପ୍ରଦାନ କରିବ। ସେହିପରି ପରିବହନ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ, 'ଅନ୍ନ ଚକ୍ର' ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ଏହା ଉପଲବ୍ଧ ଷ୍ଟକ୍, ଆବଶ୍ୟକତା ଏବଂ ରାସ୍ତାଗୁଡ଼ିକର ବିଶ୍ଳେଷଣ କରି କେଉଁ ଶସ୍ୟ ପଠାଯିବା ଉଚିତ ତାହା ନିର୍ଣ୍ଣୟ କରିବ। ଏହା ସମୟ ଏବଂ ଖର୍ଚ୍ଚ ଉଭୟ ବଞ୍ଚାଇବ ଏବଂ ଦ୍ରୁତ ଶସ୍ୟ ପହଞ୍ଚାଇବା ସୁନିଶ୍ଚିତ କରିବ। ହିତାଧିକାରୀଙ୍କ ପାଇଁ ସବୁଠାରୁ ବଡ଼ ପରିବର୍ତ୍ତନ ହେବ 'ଅନ୍ନପୂର୍ଣ୍ଣା ଶସ୍ୟ ମେସିନ୍'। ଏହି ସ୍ୱୟଂଚାଳିତ ମେସିନ୍ ପରିଚୟ ଯାଞ୍ଚ କରିବା ପରେ ସ୍ୱୟଂଚାଳିତ ଭାବରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଶସ୍ୟ ବଣ୍ଟନ କରିବ। ଏହା କମ୍ ଓଜନ କିମ୍ବା ମନଇଚ୍ଛା ବଣ୍ଟନର ଅଭିଯୋଗକୁ ଦୂର କରିବ, ଲୋକଙ୍କ ପୂର୍ଣ୍ଣ ଅଧିକାର ସୁନିଶ୍ଚିତ କରିବ। ସ୍ୱୟଂଚାଳିତ ଶସ୍ୟ ଗୁଣବତ୍ତା ପରୀକ୍ଷା ମେସିନ୍ ମଧ୍ୟ ସ୍ଥାପନ କରାଯିବ। ଯାହା ମାତ୍ର କିଛି ମିନିଟରେ ଶସ୍ୟ ଗୁଣବତ୍ତା ଏବଂ ଆର୍ଦ୍ରତା ଯାଞ୍ଚ କରିପାରିବ। ଏହା ଚାଷୀମାନଙ୍କୁ ସଠିକ୍ ଦେୟ ପାଇବା ସୁନିଶ୍ଚିତ କରିବ ଏବଂ ନଷ୍ଟ ହୋଇଥିବା ଶସ୍ୟକୁ ଗୋଦାମରେ ପହଞ୍ଚିବାକୁ ରୋକିବ। ଅଭିଯୋଗ ଦାଖଲ କରିବା ପାଇଁ 'ଆଶା' ନାମକ ଏକ ବହୁଭାଷୀ ପ୍ଲାଟଫର୍ମ ମଧ୍ୟ ସୃଷ୍ଟି କରାଯାଇଛି।



## ଶ୍ରୀମଦ୍ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ
# ଭକ୍ତ ଭଗବାନଙ୍କ ସମ୍ପର୍କ
## ଦ୍ୱିତୀୟ ଅଧ୍ୟାୟ

ଭକ୍ତ କହନ୍ତି କାହାକୁ ? ଯାହାର ଭଗବାନଙ୍କ ପ୍ରତି ଶ୍ରଦ୍ଧା, ଭକ୍ତି, ନିଷ୍କାମ ବା ଅହେତୁକୀ ଭକ୍ତି, ଯେ କି ଭଗବତ ପ୍ରେମରେ ଉନ୍ମାଦ, ଏପରି ଭକ୍ତର ବୋଝ ଭଗବାନ ବହନ କରନ୍ତି । 'ଯୋଗକ୍ଷେମ ବହାମ୍ୟହଂ' । ଏପରି ଭକ୍ତ ବଡ ଦୁର୍ଲଭ । ଏକମାତ୍ର ଶୁଦ୍ଧାଭକ୍ତିରେ ବା ଶୁଦ୍ଧପ୍ରେମରେ ଭଗବାନ ଭକ୍ତାଧୀନ ଓ ପ୍ରେମ ଦାୟରେ ଭକ୍ତର ପାଖରେ ବନ୍ଧା ପଡି ପରାଜୟ ସ୍ୱୀକାର କରନ୍ତି । ଭକ୍ତ ଯେପରି ଭଗବାନଙ୍କୁ ଛାଡିରହି ପାରେନା, ଭଗବାନ ସେହିପରି ଭକ୍ତ୍‌କୁ ଛାଡି ରହି ପାରନ୍ତି ନାହିଁ । ଉଦାହରଣ – ଠିକ ପ୍ରେମାସକ୍ତ ଯୁବକ-ଯୁବତୀଙ୍କ ପରି । ସେମାନଙ୍କ ପ୍ରେମ ସ୍ୱାର୍ଥପ୍ରେମ କିନ୍ତୁ ଭଗବତ ପ୍ରେମ ଇନ୍ଦ୍ରିୟାତୀତ ।

ଆଉ ମଧ୍ୟ ବିନା ଜ୍ଞାନରେ ପରାଭକ୍ତି ଲାଭ ହୁଏନା । ପରମେଶ୍ୱର ସର୍ବଭୂତରେ, ସର୍ବଜୀବରେ ଅଛନ୍ତି । ଜୀବଜଗତ ତାଙ୍କଠାରୁ ଭିନ୍ନ ସତ୍ତା ନୁହେଁ। ଏହା ଉପଲବଧ କରିବାକୁ ହେବ । ପରମାତ୍ମାଙ୍କ ସହିତ ଜୀବ ଜଗତ ଓ ଅନ୍ତରାତ୍ମାର ଏକାତ୍ମବୋଧ ହିଁ ପରାଭକ୍ତି ଓ ପରମ ଜ୍ଞାନ । ତେବେ ଅଧିକାରୀ ଭେଦରେ ଏ ଦୁଇଟି ପଥ ଓ ସାଧନ ଭିନ୍ନ ପ୍ରକାରର । ଜ୍ଞାନର ଅଧିକାରୀ ଜଗତରେ ବିରଳ । ପଥ ମଧ୍ୟ ଅତ୍ୟନ୍ତ ଦୁଃସାଧ୍ୟ । ଜ୍ଞାନ ମିଶ୍ରା ଭକ୍ତି ହିଁ ଅପେକ୍ଷାକୃତ ସହଜ ଓ ସୁଗମ ପଥ ।

ମେଘ ଯେତେ ଗର୍ଜନ କରୁ, ଯେତେ ଝଡ ବୃଷ୍ଟି ହେଉ, ଯେତେ ବିଦ୍ୟୁତ ଚମକୁ ବା ବଜ୍ରପାତ ହେଉ, ଚାତକପକ୍ଷୀ ଏ ସବୁକୁ ଭୟ ନ କରି ଆକାଶକୁ ଅନାଇ ମନମୁତାବକ ବର୍ଷାଜଳ ପାନ କରି ତା'ର ତୃଷ୍ଣା ନିବାରଣ କରିଥାଏ । ସେ ତୃଷାରେ ପ୍ରାଣ ବିସର୍ଜନ କରିପାରେ, କିନ୍ତୁ ନୀଡରେ ଥିବା ଜଳାଶୟରୁ କେବେହେଲେ ଜଳ ପିଇବ ନାହିଁ । ସେହିପରି ଭକ୍ତ ତା'ର ପ୍ରାଣର ତୃଷ୍ଣା ମେଣ୍ଟାଇବା ନିମିତ୍ତ ଭଗବାନଙ୍କ ବ୍ୟତୀତ ଅନ୍ୟ କୌଣସିର ପ୍ରତ୍ୟାଶା ରଖେ ନାହିଁ । ସେଥିପାଇଁ ଯେତେ ବାଧା-ବିଘ୍ନ ଘଟିଲେ ମଧ୍ୟ ସେ ବିଚଳିତ ହୁଏ ନାହିଁ ।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୫୬)
## (ଏକ ଐତିହାସିକ ଉପସ୍ଥାପନା)





ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ–୯୬୬୮୨୯୮୪୯୪

ସନ୍ଧ୍ୟା ନଇଁ ଆସିଲାଣି । ମହାପ୍ରଭୁ ଜଗନ୍ନାଥ ଦେଖୁଛନ୍ତି କୁଜଙ୍ଗ ଗଡର ଅନ୍ତିମ ସୂର୍ଯ୍ୟାସ୍ତକୁ। କାରଣ ଆସନ୍ତା କାଲିର ସନ୍ଧ୍ୟା ଅବକାଶ ଉପସ୍ଥିତ ହେବାବେଳକୁ କୁଜଙ୍ଗଗଡରେ ସେ ଆଉ ଉପସ୍ଥିତି ନଥିବେ। କୁଜଙ୍ଗ ଗଡରୁ ଆସନ୍ତାକାଲିର ପ୍ରତ୍ୟୁଷରୁ ପୁରୀ ଅଭିମୁଖେ ଯାତ୍ରା କରିବାର ପ୍ରଚାରିତ ଖବର ଶୁଣି କାହିଁ କେତେ ଦୂରରୁ ଭକ୍ତମାନେ ମହାପ୍ରଭୁଙ୍କର ଶେଷ ଦର୍ଶନ କରିବାକୁ ଚାତକ ଭଳି ଚାହିଁ ରହିଛନ୍ତି । ସମ୍ପୂର୍ଣ୍ଣ ସନ୍ଧ୍ୟା ହୋଇଗଲାଣି। ବିଶର ମହାନ୍ତି ମହାପ୍ରଭୁଙ୍କ ନିକଟରେ ପାଠ କରୁଥାନ୍ତି ପରମଶାସ୍ତ୍ର ଭାଗବତ-"ବୋଲଇ କୃଷ୍ଣ ମୁଖ ଚାହିଁ

ଭୋନାଥ ମୋତେ କର ତ୍ରାହି ।।
ମୁଁ ତୋର ଚରଣେ ଶରଣ ।
କହ ତୋ ଭକତି ଲକ୍ଷଣ ।।
କି ରୂପେ ଭକତଙ୍କୁ ଜାଣି ।
ଭକତି କି ରୂପେ ପ୍ରମାଣି ।।
ତୁ ପରିପୂର୍ଣ୍ଣ ବ୍ରହ୍ମସାର ।
ସ୍ୱଭାବେ ପ୍ରକୃତିରୁ ପର ।।
ଭକତ କରେ ତୋତେ ବଶ ।
ତା'ର ରକ୍ଷଣେ ତୋ ପ୍ରକାଶ ।।
ଭକତ ହିତେ ତୋର ତନୁ ।
ତେଣୁ ଭକତ ବାକ୍ୟ ମାନୁ
ପ୍ରତ୍ୟକ୍ଷ ଭକତ ପାଳନ
ତୁ ନାଥ ପୁରୁଷ ପୁରାଣ।
ଅନାଦି ପ୍ରଭୁ ଭଗବାନ
କରୁଣା ସିନ୍ଧୁ ଦିବ୍ୟଜ୍ଞାନ
ରୂପ ଅରୂପ ବ୍ରହ୍ମ ରାଶି
ଏ ସଂସାର ମଧ୍ୟେ ପଶି
ସକଳ ତୋହର ଭିଆଣ
ଏଣୁ ତୁ ପରମ କାରଣ ।

ଘଣ୍ଟ ଘଣ୍ଟା ଖୋଳ କରତାଳରେ ମହାବୀର ବାଟିକା ପ୍ରକମ୍ପିତ ହେଉଛି । ଚତୁର୍ଦ୍ଦିଗରେ ମହାବାହୁଙ୍କର ଜୟ ଜୟକାର । କିନ୍ତୁ, ଏ ଜୟ ଜୟକାରରେ ପରିପୂର୍ଣ୍ଣ ହେଉଛି ଅଜସ୍ର ଭକ୍ତଙ୍କର ଅବିରତ ଲୁହର ବର୍ଷା । ଆଦିକନ୍ଦଙ୍କ କନ୍ୟା କଜ୍ଜଳା ଆସି ବସିଛି ମହାପ୍ରଭୁଙ୍କ ମଣ୍ଡପ ନିକଟରେ । କଜ୍ଜଳାର ନିକଟରେ ଦଣ୍ଡାୟମାନ ହୋଇଥାନ୍ତି ଭକ୍ତ ପ୍ରବର ବିଶର ମହାନ୍ତି। ଉପସ୍ଥିତ ଭକ୍ତମାନେ ମହାପ୍ରଭୁଙ୍କୁ ପ୍ରଣାମ କରିବାବେଳେ ଦେବଦାସୀ କଜ୍ଜଳା କଣ ଗୁଡାଏ ପାଗଳଙ୍କ ଭଳି ଜଗନ୍ନାଥଙ୍କୁ କହିଚାଲିଥାଏ । କଜ୍ଜଳାର ଏପରି ଭାବକୁ ଲକ୍ଷ୍ୟ ରଖିଛନ୍ତି ବିଶର ମହାନ୍ତି। କଜ୍ଜଳାର ଦେହରେ ଖଇଫୁଟିବା ଭଳି ଉତ୍ତାପ ଭରି ରହିଛି । କଜ୍ଜଳା ଠାକୁରଙ୍କ ମୁହଁକୁ ଚାହିଁ କହୁଛି 'ହେ ପ୍ରଭୁ ! ଅସୀମ ଦୁଃଖ କଷ୍ଟ, ଯନ୍ତ୍ରଣା, ନିନ୍ଦା, ଅସୁମାରୀ ଅପବାଦ ଗୁଡାକ ମୋର କଟିଯାଉଥିଲା କେବଳ ତୁମରି କୃପାରୁ। ଆପଣଙ୍କ ଉପରେ ଜୀବନର ସମସ୍ତ ଦାୟିତ୍ୱ ଅର୍ପଣ କରି ଏବଂ ଆପଣଙ୍କୁ ମୋର ସ୍ୱାମୀ ସର୍ବସ୍ୱ ମନେ କରି ଅଠରଟି ବସନ୍ତ ବିତିଗଲାଣି । ଯେତେବେଳେ ଆପଣ କାଲି ଏଠାରୁ ଶ୍ରୀକ୍ଷେତ୍ର ଅଭିମୁଖେ ଚାଲିଯିବେ ସେତେବେଳେ ମୁଁ କାହା ମୁଖମଣ୍ଡଳକୁ ଚାହିଁ ଜୀବନ ଅତିବାହିତ କରିବି ? କିଏ ହେବ ମୋର ମାର୍ଗଦର୍ଶକ । ପୁନର୍ବାର ବୈଧବ୍ୟର ଦୁର୍ବିସହ ଜ୍ୱାଳାକୁ ନେଇ ଆଉ ମୁଁ ଦୁନିଆ ଦାଣ୍ଡରେ ଚାଲିପାରିବିନି ପ୍ରଭୁ । ମୁଁ ଆପଣଙ୍କର ଶ୍ରୀରାଧ ନୁହେଁ, କିମ୍ବା ଦିବ୍ୟ ପ୍ରେମର ସ୍ୱାକ୍ଷର ବହନ କିଛି ଚାଲିଥିବା ମୀରା ମୁଁ ନୁହେଁ । ତଥାପି ମୁଁ ଆପଣଙ୍କର । ଆପଣ ମୋର ପରମ ପ୍ରେମିକ, ପରମ ପୁରୁଷ ଭଗବାନ । ଅନନ୍ତ ଜନ୍ମର ମହାପାପ ରାଶିକୁ ବହନ କରି ଆପଣଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ମୁଁ ଗୋଟିଏ କ୍ରୀଡନକ । ଯଦି ମୁଁ ଆପଣଙ୍କୁ କାୟୋମନୋବାକ୍ୟରେ ସ୍ୱାମୀ ମନେ କରି ତଲ୍ଲୀନ ହୋଇଥିବି

ତେବେ ହେ ମହାପ୍ରଭୁ ଆଜି ଏଇ ମୁହୂର୍ତ୍ତରେ ତୁମ ସମ୍ମୁଖରେ ଏ ତୁଚ୍ଛ ଜୀବନକୁ ଶ୍ରୀଚରଣ ତଳେ ନିଃଶେଷ କରିଦିଅ । ଆସନ୍ତାକାଲି ଏ କୁଜଙ୍ଗଗଡରୁ ତୁମର ଏ ହୃଦୟ ବିଦାରକ ଦୃଶ୍ୟ ଆଖି ଆଗକୁ ନ ଆସୁ । ଏତିକି କହି ସାରିବା ପରେ କଜ୍ଜଳା ହାତ ଯୋଡିବା ଅବସ୍ଥାରେ ସେହିଠାରେ ଟଳି ପଡିଲା । ଠିକ ଜଗନ୍ନାଥଙ୍କ ସମ୍ମୁଖ ଭାଗ ଭୂମି ଉପରେ । ଧରି ପକାଇଲେ ବିଶର ମହାନ୍ତି । ଉଠାଇ ଆଣିଲେ କଜ୍ଜଳାକୁ ନିଜର ବାମ ଜାନୁ ଉପରକୁ କିନ୍ତୁ ଦୁର୍ଭାଗ୍ୟ, କଜ୍ଜଳା ଆଉ ଜୀବିତ ନଥିଲା । ମହାପ୍ରୟାଣ ହୋଇଯାଇଥିଲା କଜ୍ଜଳାର ସ୍ଥୂଳ ଶରୀର । ଆଖିରୁ ବହିଯାଇଥିବା ଲୁହଗୁଡାକ ଶୁଖି ଯାଇଥାଏ । ସେହି ରାତ୍ରିର ନିଶାର୍ଦ୍ଧ ପ୍ରହର ପୂର୍ବରୁ କଜ୍ଜଳାର ଦୁଃଖାନ୍ତ ବହୁଳ ଜୀବନ ଦୀପଟି ଲିଭିଗଲା ଜଗନ୍ନାଥଙ୍କ ସମ୍ମୁଖରେ ବିଶରଙ୍କ ଆଖିରୁ ବହିଯାଉଥାଏ ଅଜସ୍ର ଲୁହଧାର । ପୂଣ୍ୟତୋୟା ଜଟାଧାର ନଦୀତୀରେ କଜ୍ଜଳାର ପାର୍ଥିବ ଶରୀର ଦାହ କରାଗଲା । ସେହି ନିଶାର୍ଦ୍ଧ ପ୍ରହରରେ । ସେହି ବିଦଗ୍ଧ ରାତ୍ରିର ହୃଦୟ ବିଦାରକ ଅନୁଭୂତିକୁ ନେଇ ରାଜପ୍ରାସାଦକୁ ଫେରି ଆସିଲେ ରାଜା ଓ ରାଜପରିବାରବର୍ଗ। ଅସୁମାରୀ ଭକ୍ତ ସେହି ହନୁମାନ ବାଟିକାରେ ରାତ୍ରି ଯାପନ କଲେ ପରଦିନ ହେବାକୁ ଯାଉଥିବା ଜଗନ୍ନାଥଙ୍କ ବିଦାୟ କାଳୀନ ଦୃଶ୍ୟ ଦେଖିବା ପାଇଁ। ଶୋକର ଅଧିର ହୋଇପଡିଥିବା ଆଦିକନ୍ଦଙ୍କ ପରିବାରକୁ ସାନ୍ତ୍ୱନା ଦେଇ ବିଶର ଫେରିଆସିଲେ ବିଶ୍ରାମ କରିବା ପାଇଁ । ସମ୍ଭବତଃ ଏହି ରାତ୍ରି ଥିଲା ଗଡକୁଜଙ୍ଗ ମାଟି ଉପରେ ବିଶର ମହାନ୍ତିଙ୍କର ଅନ୍ତିମ ଶୟନ। ମନେ ମନେ ଭାବୁଛନ୍ତି ବିଶର "ଚାହୁଁ ଚାହୁଁ ଗଡକୁଜଙ୍ଗ ମାଟି ଉପରେ ଅଠର ବର୍ଷ ବିତିଗଲା । ଏକଥା ଭାବିଲା ବେଳକୁ କାଲି ଭଳି ଲାଗୁଛି । ଏହାରି ଭିତରେ ବିତିଗଲାଣି ଏତେଗୁଡାଏ ବର୍ଷ । ଚିନ୍ତା କଲେ ବି ଚିନ୍ତା କରିହେଉନି ସ୍ୱପ୍ନଭଳି ଲାଗୁଛି । ଏ ମାଟିରେ ବଞ୍ଚିଥିବା ପ୍ରତିଟି ମଣିଷମାନଙ୍କଠାରୁ କେତେ ଯେ ବିପୁଳ ଶ୍ରଦ୍ଧା ସ୍ନେହ ମୁଁ ପାଇଛି । ତାକୁ କଣ ମୁଁ ବଞ୍ଚିଥିବା ଯାଏ ଭୁଲିପାରିବି ପ୍ରଭୁ । କିନ୍ତୁ ଏତେ ହୃଦୟ ଭରା ଭଲ ପାଇବା ପରେ ବି ଏମାନଙ୍କ ପାଇଁ କିଛି ବି ସ୍ମୃତି ଟିଏ ରଖିପାରିଲି ନାହିଁ । ଯାହାକି ମୋ ଜୀବନର ଗଭୀର ଅବସୋସ ହୋଇ ରହିଯିବ । ଆସନ୍ତାକାଲି ଯେ କୌଣସି ମୁହୂର୍ତ୍ତରେ ଏଠାରୁ ବିଦାୟ ନେଇ ମୁଁ ଚାଲିଯିବି। ଏ ରାତି ମୋ ପାଇଁ ଅଲିଭା ସ୍ୱାକ୍ଷର ଭଳି ହୋଇ ରହିଯିବ ଚିର ଦିନ ପାଇଁ । ସଦାବେଳେ ମନେ ପଡିବ ଏ ମାଟି ଉପରେ ଘଟିଯାଇଥିବା କେତେ କେତେ ଲୁହ ଲହୁର ସଂଘର୍ଷ । ଏ ସ୍ମୃତି ବିଜଡିତ ଇତିହାସକୁ ଲେଖିବ କିଏ ? କିଏ ଲେଖିବ ଏ ବିଶର ମହାନ୍ତିର ଅକିଞ୍ଚନ ଇତିହାସକୁ ? ଅତୀତର ନିଜର ଅଙ୍ଗେ ନିଭା ଘଟଣା ଗୁଡାକ ଚିନ୍ତା କରୁ କରୁ ମାୟାବିନୀ ରାତ୍ରିର ଶୀତଳ ବନ୍ଧନ ଭିତରେ ବିଶର ମହାନ୍ତିଙ୍କ ଆଖି ଯୋଡିକ ବୁଜି ହୋଇଆସୁଥିଲା । ଗଭୀର ନିଦ୍ରାରେ ନିମଗ୍ନ ହୋଇଗଲେ ବିଶର। ମାତ୍ର କେତୋଟି ଘଣ୍ଟାର ଅତିକ୍ରମ ପରେ ମଙ୍ଗଳମୟ ଉଷାର ଆଗମନ ଉଦ୍ଦେଶ୍ୟରେ ଜଟାଧାର ନଦୀ ବକ୍ଷରୁ ବହି ଆସିଲାଣି ଶାନ୍ତ ଶୀତଳ ପବନ । ଧୀରେ ଧୀରେ ସୂର୍ଯ୍ୟ ଉଠିଆସୁଛନ୍ତି ପୂର୍ବ ଆକାଶରୁ । ଏହି ପ୍ରଭାତ ସହିତ ଘୋଟି ଆସିଲାଣି କୁଜଙ୍ଗଗଡର ଆକାଶକୁ କଳାମେଘର ଆସ୍ତରଣ। ବିଶର ସଯ୍ୟାତ୍ୟାଗ କରି ନିତ୍ୟକର୍ମ ସମାପ୍ତ କରି ସାରିଲେଣି । ଲୋକାରଣ୍ୟର କୋଳାହଳ ଭିତରେ ଦୁଇ ଜଣ ସବଳ କାୟ ବ୍ୟକ୍ତି ବିଶରଙ୍କୁ କହୁଛନ୍ତି ହେ ବିଶର, ମହାରାଜା ରାମଚନ୍ଦ୍ର ଦେବ ଯେଉଁ ପ୍ରତିନିଧି ବଡ ପଦ୍ମନାଭ ପଟ୍ଟନାୟକଙ୍କୁ କୁଜଙ୍ଗଗଡରୁ ଜଗନ୍ନାଥଙ୍କୁ ନେବା ପାଇଁ ପଠାଇଛନ୍ତି, ସେ କୁଜଙ୍ଗ ରାଜାଙ୍କ ସହଯୋଗରେ ବୋଇତଗୁଡିକ ପରୀକ୍ଷା ନିରୀକ୍ଷା କରିବା ପାଇଁ ମାହାଙ୍ଗ ନଦୀ ନିକଟକୁ ଯାଇଛନ୍ତି । (କ୍ରମଶଃ...)

# ବିସ୍ଥାପିତ ଗଣତନ୍ତ୍ର



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ଗଣତନ୍ତ୍ର ଏକ ସ୍ୱଚ୍ଛ ଓ ନ୍ୟାୟପୂର୍ଣ୍ଣ ଚେତନାରୁ ଜାତ ମାନବୀୟ ବ୍ୟବସ୍ଥା। ଯେଉଁ ବ୍ୟବସ୍ଥା ଅନିୟନ୍ତ୍ରିତ ସଂଖ୍ୟାଧିକ ମତ ବା ସମର୍ଥନ ଉପରେ ନିର୍ଭରଶୀଳ। ସାମାଜିକ ଜୀବନରେ ମଧ୍ୟ ଏହା ପ୍ରତିଫଳିତ ହୁଏ। ସଂଖ୍ୟାଧିକ ଲୋକ ଯେଉଁ ବିଷୟକୁ ସମର୍ଥନ କରନ୍ତି ତାହା ସର୍ବମାନ୍ୟ ସାମାଜିକ ନିୟମ ହୁଏ। ତେବେ ଗଣତନ୍ତ୍ର ଶବ୍ଦକୁ ଶାସନ ବ୍ୟବସ୍ଥାର ସର୍ବୋତ୍କୃଷ୍ଟ ମାଧ୍ୟମ ଭାବେ ବ୍ୟବହାର କରାଯାଏ। ଆଧୁନିକ ରାଜନୀତିର ଏହା ସର୍ବାଦୃତ ଶାସନ ବ୍ୟବସ୍ଥା। ରାଜନୀତିରେ ଏହା ସଂଖ୍ୟାଧିକର ଶାସନ ବ୍ୟବସ୍ଥାକୁ ବୁଝାଏ। ଏହି ସଂଖ୍ୟାଧିକ ଆକଳନରେ ବ୍ୟକ୍ତିର ମୁକ୍ତ ଓ ସ୍ୱେଚ୍ଛାକୃତ ସମର୍ଥନ ରହିବା ଆବଶ୍ୟକ। ସଂଖ୍ୟାଧିକତାର ପ୍ରଦର୍ଶନ ପାଇଁ ବ୍ୟକ୍ତି ଉପରେ ଚାପ ପ୍ରୟୋଗ ଅଥବା ପ୍ରଲୋଭନ ଆଦୌ ସୁସ୍ଥ ଗଣତାନ୍ତ୍ରିକ ପ୍ରକ୍ରିୟା ନୁହେଁ। ବ୍ୟକ୍ତିଙ୍କୁ ଭୟଭୀତ କରାଇ ସମର୍ଥନ ଯୋଗାଡ କରିବା କିମ୍ବା ପ୍ରଲୋଭନ ଦେଇ ସମର୍ଥନ ହାସଲ କରିବା ଗଣତାନ୍ତ୍ରିକ ଆଧାର ନୁହେଁ। ଏପରି କ୍ଷେତ୍ରରେ ବ୍ୟକ୍ତି ନିଜ ବିବେକ ମୁତାବକ ନିଜ ମତକୁ ଉପସ୍ଥାପନ କରିପାରେ ନାହିଁ।

ଭାରତୀୟ ଗଣତନ୍ତ୍ରରେ କ୍ରମେ ଅର୍ଥର ପ୍ରଭାବ ବଢିବାରେ ଲାଗିଛି। ଏ କଥା ସମସ୍ତଙ୍କୁ ଜଣା ଯେ ନିର୍ବାଚନ ଆୟୋଗ ପ୍ରାର୍ଥୀଙ୍କ ସର୍ବୋଚ୍ଚ ଖର୍ଚ୍ଚ ସୀମା ଯାହା ନିର୍ଦ୍ଧାରଣ କରିଛନ୍ତି ତାଠାରୁ ବହୁ ଅଧିକ ପରିମାଣର ଟଙ୍କା ଖର୍ଚ୍ଚ କରାଯାଉଛି। ବିପୁଳ ପରିମାଣର କଳା ଟଙ୍କା ବ୍ୟବହାର ହେଉଛି। ଏହି ଟଙ୍କା ମୁଖ୍ୟତଃ ଭୋଟର ମାନଙ୍କୁ ପ୍ରଲୋଭିତ କରିବା ପାଇଁ ବ୍ୟବହାର ହେଉଛି। ପ୍ରଲୋଭନ ଭୋଜିଭାତ ଆୟୋଜନ, ଉପହାର ପ୍ରଦାନ ଅଥବା ମଦମାଂସ ଆପ୍ୟାୟନ ମଧ୍ୟରେ ସୀମିତ ନୁହେଁ। ଏବେ ସିଧାସଳଖ ମୁଣ୍ଡପିଛା ଅର୍ଥ ବଣ୍ଟନକୁ କଥା ଆସିଯାଇଛି। ଦେଶରେ ଅବାଧ ଓ ପ୍ରଲୋଭନ ମୁକ୍ତ ନିର୍ବାଚନ ଆୟୋଜନର ବ୍ୟବସ୍ଥା ରହିଛି। ଏହାର ତଦାରଖ ପାଇଁ ପ୍ରଶାସନ ବିଭାଗକୁ ତତ୍ପର ରଖାଯାଏ। ତଥାପି ଆଢୁଆଳରେ ସବୁକିଛି ଚାଲେ। ଏଦିଗରେ ପ୍ରଶାସନ କ'ଣ ବା କରିପାରିବେ ନାଗରିକମାନେ ଯଦି ସଚେତନ ନହୁଅନ୍ତି ଓ ଏପରି କାର୍ଯ୍ୟକୁ ପ୍ରତିହତ କରିବା ପାଇଁ ଆଗଭର ନହୁଅନ୍ତି। ଏ ପ୍ରକ୍ରିୟାକୁ ରୋକିବା ପାଇଁ ମିଳିତ ଉଦ୍ୟମ ଲୋଡ଼ା। ଏବେତ ଅବସ୍ଥା ଆହୁରି ସଙ୍ଗୀନ, ନିର୍ବାଚନ ସମୟରେ ରାଜ୍ୟସରକାରମାନେ ବିଭିନ୍ନ ଯୋଜନା ମାଧ୍ୟମରେ ଟଙ୍କା ବାଣ୍ଟୁଛନ୍ତି।

ଦେଖାଯାଉଛି ଦେଶର ରାଜନୈତିକ ବ୍ୟବସ୍ଥା କ୍ରମେ ପୁଞ୍ଜିପତିମାନଙ୍କ ହାତକୁ ଚାଲିଯାଉଛି। ଶାସନ ବ୍ୟବସ୍ଥାକୁ ନିଜ ଅନୁକୂଳ କରିବା ପାଇଁ ଏମାନେ ବିପୁଳ ପରିମାଣର ଅଘୋଷିତ ଚାନ୍ଦା ରାଜନୈତିକ ଦଳମାନଙ୍କୁ ଦିଅନ୍ତି। ଏହା ସହିତ ବିଭିନ୍ନ ସୂତ୍ରରୁ ଆସୁଥିବା କଳାଟଙ୍କା ମଧ୍ୟ ନିର୍ବାଚନରେ ନିୟୋଜିତ ହୁଏ। ଏ ସମସ୍ତ ଟଙ୍କା ଭୋଟରମାନଙ୍କୁ ବିଭିନ୍ନ ଆଳରେ ପ୍ରଲୋଭିତ କରିବା ପାଇଁ ବ୍ୟବହାର ହୁଏ। ଠାଏଁ ଠାଏଁ ଭୋଜି ଦିଆଯାଏ, ମଦମାଂସ ବଣ୍ଟାଯାଏ, ବିଭିନ୍ନ ପ୍ରକାର ଜିନିଷ ବିତରଣ କରାଯାଏ, ଶେଷରେ ନିର୍ବାଚନ ପୂର୍ବ ରାତିରେ ମୁଣ୍ଡ ଗଣତିରେ ଟଙ୍କା ବଣ୍ଟାଯାଏ। ଅତୀତରେ ଏହା ଏକ ହଜାରରୁ ଦୁଇ ହଜାର ଟଙ୍କା ମଧ୍ୟରେ ଥିଲା। ଆଗାମୀ ନିର୍ବାଚନରେ ଏହା କେତେ ବଢୁଛି ଦେଖିବାକୁ ହେବ। ଯେଉଁମାନେ ରାଜନୈତିକ ଦଳମାନଙ୍କୁ ଏତେ ପରିମାଣରେ ଚାନ୍ଦା ଉଭୟ ଘୋଷିତ ଓ ଅଘୋଷିତଭାବେ ଦିଅନ୍ତି, ସେମାନେ ଏହା ମନକୁ ଦିଅନ୍ତି ନାହିଁ। ବଦଳରେ ସେମାନେ ନିର୍ବାଚନ ପରେ ତାଙ୍କ ଅନୁକୂଳ କିଛି ଲାଭଦାୟକ ଯୋଜନା ଆଶା କରନ୍ତି। ସେମାନେ ସରକାରଙ୍କଠାରୁ ଅନୁକମ୍ପା ଲାଭ କରିବାକୁ ଚେଷ୍ଟା କରନ୍ତି। ତାଙ୍କ ଟଙ୍କାରେ ନିର୍ବାଚନ ଲଢ଼ିଥିବା ସରକାର ଓ ପ୍ରାର୍ଥୀମାନେ ତାଙ୍କ କଥା ମୁତାବକ ଏପରି କରିବାକୁ ବାଧ୍ୟ ହୁଅନ୍ତି। ଫଳରେ ରାଜନୈତିକ ଛତ୍ରଛାୟା ତଳେ ପୁଞ୍ଜିବାଦ ବଢୁଛି। ଖୁବ୍ ଶୀଘ୍ର ଏହା ଗଣତନ୍ତ୍ରକୁ ଗ୍ରାସ କରାଯିବାର ସମ୍ଭାବନା ରହିଛି।

ନିର୍ବାଚନ ଏବେ ଏତେ ଖର୍ଚ୍ଚବହୁଳ ହୋଇଯାଇଛି ଯେ ଆର୍ଥିକଭାବେ ଦୁର୍ବଳ ଲୋକମାନେ ପ୍ରତିଦ୍ୱନ୍ଦିତା କରିବା ସମ୍ଭବପର ନୁହେଁ। ଏବେ ସଂଖ୍ୟାଧିକ କୋଟିପତି ଲୋକପ୍ରତିନିଧି ହେଉଥିବାର ଦେଖାଯାଉଛି। ଓଡ଼ିଶାରେ ୧୦୭ ଜଣ କୋଟିପତି ବିଧାୟକ ବନିଛନ୍ତି। ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ସଂସଦରେ ମଧ୍ୟ ସମାନ ଅବସ୍ଥା। କାରଣ ଏମାନେ ନିର୍ବାଚନରେ ବିପୁଳ ପରିମାଣର ଅର୍ଥ ବ୍ୟୟ କରିପାରନ୍ତି। ଏମାନଙ୍କୁ ବିଭିନ୍ନ ରାଜନୈତିକ ଦଳରୁ ଟିକେଟ ମିଳେ। ଅନ୍ୟ ପକ୍ଷରେ ରାଜନୈତିକ ଦଳମାନେ ସେହି ଲୋକମାନଙ୍କୁ ଟିକେଟ ଦିଅନ୍ତି ଯେଉଁମାନଙ୍କ ନିକଟରେ ଟଙ୍କା ଅଛି। ଦେଖାଯାଉଛି ଆମ ଗଣତନ୍ତ୍ର କ୍ରମେ ଏକତରଫା ଭାବେ ଧନୀମାନଙ୍କ ହାତକୁ ଚାଲିଯାଉଛି। ଜଣେ ଗରୀବ ଲୋକର ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତାରେ କୌଣସି ସ୍ଥାନ ନାହିଁ। ସେ କେବଳ ଭୋଟଦେବ। ପ୍ରତିନିଧିତ୍ୱ କରିବାର କ୍ଷମତା ତା ପାଖରେ ନାହିଁ। ଗଣତନ୍ତ୍ର ଏପରି ଏକ ଶାସନ ବ୍ୟବସ୍ଥା ଯାହା ସମସ୍ତଙ୍କୁ ପ୍ରତିନିଧିତ୍ୱ କରିବାର ସୁଯୋଗ ଦିଏ। କିନ୍ତୁ ଦେଖାଯାଉଛି ପ୍ରଚଳିତ ବ୍ୟବସ୍ଥା ଧନୀକ ବର୍ଗ ପାଇଁ ଅନୁକୂଳ ହେଇଛି ଏବଂ ଗରିବଙ୍କ ପାଇଁ ପ୍ରତିକୂଳ।

ଏବେ ଗଣତନ୍ତ୍ରକୁ ଧନତନ୍ତ୍ର ଗ୍ରାସ କରିବାକୁ ବସିଛି। ଗଣତନ୍ତ୍ରର ମୂଳ ଆଧାର ବିବେକାନୁମୋଦିତ ସମର୍ଥନ ଲୋପ ପାଉଛି। ବିବେକ ସ୍ଥାନରେ ପ୍ରଲୋଭନ ଅନୁମୋଦିତ ସମର୍ଥନ ଆସିଯାଇଛି। ଯିଏ ଅଧିକ ଦେବ ତାକୁ ସମର୍ଥନ ଅବସ୍ଥା ଆସିଯାଇଛି। ତେବେ ସମସ୍ତେ ଯେ ପ୍ରଲୋଭନର ବଶବର୍ତ୍ତୀ ହୋଇ ଭୋଟ ଦିଅନ୍ତି ଏହା ସତ୍ୟ ନୁହେଁ। ଏବେବି ଅନେକ ନାଗରିକ ଅଛନ୍ତି ଯେଉଁମାନେ ନିଜ ଆକଳନରେ, ନିଜ ବିବେକର ଡାକରାରେ ଭୋଟ ଦିଅନ୍ତି। ଆମ ଗଣତନ୍ତ୍ରକୁ ପ୍ରଲୋଭନ ମୁକ୍ତ ନକଲେ କ୍ରମେ ଏହା ବିପଦର କାରଣ ହେବ। ଗଣତନ୍ତ୍ର ସ୍ଥାନରେ ଧନତନ୍ତ୍ର ସ୍ଥାପିତ ହେବ। କେବଳ ଧନୀମାନେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ ଓ ଗରିବମାନେ କେବଳ ଭୋଟ ଦେବାରେ ସୀମିତ ରହିଯିବେ। ଭୋଟଦାତାମାନଙ୍କୁ ପ୍ରଲୋଭିତ କରିବା ପାଇଁ ବିପୁଳ ଟଙ୍କାର ଆବଶ୍ୟକତା ପଡୁଛି। ଟଙ୍କାର ବହୁଳ ପ୍ରୟୋଗ ନିରପେକ୍ଷ ନିର୍ବାଚନ ପାଇଁ ବିପଦ। ଏହାକୁ ରୋକାଯିବା ଅତ୍ୟନ୍ତ ଜରୁରୀ।

ଅନେକ ରାଷ୍ଟ୍ରରେ ପ୍ରାର୍ଥୀମାନଙ୍କ ନିର୍ବାଚନ ଖର୍ଚ୍ଚ ସରକାର ବହନ କରନ୍ତି। ଭାରତବର୍ଷରେ ମଧ୍ୟ ଏପରି ପ୍ରସ୍ତାବ ଆଗରୁ ଆସିଛି। ଏଥିପାଇଁ ପ୍ରଚାର ପ୍ରକ୍ରିୟାରେ ପରିବର୍ତ୍ତନ ଲୋଡା। ଏବେ ପ୍ରାର୍ଥୀମାନେ ମନଇଚ୍ଛା ବ୍ୟାନର ଲଗାଇବା, ପୋଷ୍ଟର ଲଗାଇବା, ପ୍ରଚାର ପତ୍ର ବାଣ୍ଟିବା, କାନ୍ଥରେ ଲେଖିବା, ସଭା ସମିତିର ଆୟୋଜନ କରିବା ଇତ୍ୟାଦି ଉପରେ ଲଗାମ ଲାଗିବା ଉଚିତ। ଏ ସମସ୍ତ କାର୍ଯ୍ୟ ନିର୍ବାଚନ ଆୟୋଗ ବହନ କରିବା ଉଚିତ୍। ବିଭିନ୍ନ ସ୍ଥାନରେ ପ୍ରାର୍ଥୀମାନଙ୍କ ସାମୂହିକ ବ୍ୟାନର, ଅର୍ଥାତ ସମସ୍ତଙ୍କ ଫଟୋ ଓ ନାମ ଥାଇ ଗୋଟିଏ ବ୍ୟାନର ମାରିବା, ସମସ୍ତଙ୍କୁ ନେଇ ଗୋଟିଏ ବିତର୍କ ସଭାର ଆୟୋଜନ କରିବା, କିଏ କଣ କରିବାକୁ ଚାହୁଁଛନ୍ତି ଏହାକୁ ଜଣାଇବା ପାଇଁ ଜଣେ ପ୍ରାର୍ଥୀଙ୍କ ଗୋଟିଏ ପ୍ରଚାରପତ୍ର ଛାପିବା ଏବଂ ଯାତାୟତ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ସମସ୍ତଙ୍କୁ ସମାନ ଅର୍ଥ ପ୍ରଦାନ କରିବା, ଏହା ଛଡା ରାଜନୈତିକ ଉଦ୍ଦେଶ୍ୟରେ ଅୟୋଜିତ ଭୋଜିଭାତ, ମଦମାଂସ, ଦାନ ଉପହାର ସର୍ବୋପରି ଟଙ୍କା ବଣ୍ଟନକୁ ଦୃଢ଼ଭାବେ ନିୟନ୍ତ୍ରଣ କରାଯିବା ଉଚିତ୍। ଏକ ଶୁଦ୍ଧ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତିଷ୍ଠା କରିବା ପାଇଁ ସମସ୍ତ ମହଲରୁ ଚେଷ୍ଟା ହେବା ଉଚିତ୍।

ପ୍ରକୃତ ଗଣତନ୍ତ୍ରକୁ ସ୍ଥାପନ କାରିବାକୁ ହେଲେ ଏଥିରେ ହେଉଥିବା ପ୍ରଚୁର ଅର୍ଥ କାରବାରକୁ ରୋକିବାକୁ ହେବ। ଆମ ଗଣତନ୍ତ୍ରକୁ ଅର୍ଥସର୍ବସ୍ୱ ପ୍ରଚାରମୁଖୀ ନକରି ବିତର୍କ ସର୍ବସ୍ୱ ଚେତନାମୁଖୀ କରିବାକୁ ହେବ। ନିର୍ବାଚନ ପ୍ରକ୍ରିୟାକୁ ଏପରି ତିଆରି କାରିବାକୁ ପଡିବ ଯେଉଁପରି ଜଣେ ଗରୀବ ଓ ପାରଦର୍ଶୀ ଲୋକ ସମତାଳ ଦେଇ ନିର୍ବାଚନ ଲଢି ପାରିବ। ବିଜ୍ଞ, ପାରଦର୍ଶୀ ଓ ପ୍ରତିଭାଶାଳୀ ଲୋକମାନେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ। ନିର୍ବାଚନରେ ଶ୍ରେଷ୍ଠତାର ଚୟନ ହେବ।

# ୪୦ବର୍ଷରେ ଉପଭୋକ୍ତା ଆନ୍ଦୋଳନ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ:
୯୪୩୮୪୮୫୦୯୪

ଉପଭୋକ୍ତା ଆନ୍ଦୋଳନକୁ ୪୦ ବର୍ଷ ପୁରିଛି। ଏହି ଅବଧି ମଧ୍ୟରେ ଏହି ଆନ୍ଦୋଳନ କେତେ ସଫଳ ହୋଇଛି ବା ବିଫଳ ହୋଇଛି ସେ ପ୍ରସଙ୍ଗରେ ଆଲୋଚନା କରିବାର ଆବଶ୍ୟକତା ରହିଛି। ଉପଭୋକ୍ତା ଆନ୍ଦୋଳନର ସୁତ୍ରପାତ ୧୯୮୬ରେ ହୋଇଥିଲା ଉପଭୋକ୍ତା ସଂରକ୍ଷଣ ଆଇନ୍ ପ୍ରଣୟନ ପରେ ଯେଉଁଥିରେ ଉପଭୋକ୍ତାଙ୍କୁ ଅଣଦେଖା ଏପରିକି ଖରାପ ବସ୍ତୁର ବିକ୍ରୀ ବା ସେବାରେ କୌଣସି ପ୍ରକାରର ତ୍ରୁଟିକୁ ତଦନ୍ତ କରାଯାଇ ଯଥୋଚିତ ଆଦେଶ ଦେବା ପାଇଁ ଜିଲ୍ଲାସ୍ତର, ରାଜ୍ୟସ୍ତର ଏବଂ ରାଷ୍ଟ୍ରୀୟ ସ୍ତରରେ ନ୍ୟାୟାଳୟରେ ଗଠନ/ସ୍ଥାପନ ପାଇଁ ମାର୍ଗ ପ୍ରଶସ୍ତ ହୋଇଥିଲା। ୨୦୧୯ରେ ଏହି ଆଇନ୍‌ରେ କେତେକ ପରିବର୍ତ୍ତନ ଅଣାଯାଇଥିଲା। କିନ୍ତୁ ଏବେ ଯଦି ୪୦ ବର୍ଷର ଏହି ଉପଭୋକ୍ତା ସଂରକ୍ଷଣ ଯାତ୍ରାର ଆକଳନ କରାଯାଏ ତେବେ ଜଣାପଡ଼ିବ ଯେ ଦେଶର ନ୍ୟାୟ ବ୍ୟବସ୍ଥା ଭଳି ଏଠାରେ ମଧ୍ୟ ନ୍ୟାୟ ମାଗୁଥିବା ଲୋକଙ୍କୁ ନ୍ୟାୟ ମିଳିବାରେ ବିଳମ୍ବ ହେଉଛି। ଆଉ ଏକ ସମ୍ବେଦନଶୀଳ କଥା ହେଉଛି ଦେଶର ଅନେକ ଲୋକଙ୍କୁ ସେମାନଙ୍କର ଏହି ବହୁମୂଲ୍ୟ ଅଧିକାର ସମ୍ପର୍କରେ ଏବେ ବି ଜଣାନାହିଁ। ଏଣୁ ଉପଭୋକ୍ତା ସଂରକ୍ଷଣ ଅଧିକାର ପ୍ରତି ଅଜ୍ଞାନତା ଦୂର କରିବାର ଆବଶ୍ୟକତା ରହିଛି। ଶିକ୍ଷା ବ୍ୟବସ୍ଥା ସହ ଏହାକୁ ଯୋଡାଯାଇ ପାରିଲେ ଲୋକେ ଅଧିକ ଭାବେ ଏବାବଦରେ ଜାଣିପାରନ୍ତେ। ଏପରିକି ଏ ବାବଦରେ ସଚେତନତା ସୃଷ୍ଟି ପାଇଁ ମଧ୍ୟ ଅଭିଯାନ ରାଷ୍ଟ୍ରୀୟ ସ୍ତରରେ କରାଯିବାର ଅବଶ୍ୟକତା ରହିଛି।

ଉପଭୋକ୍ତା/ ଉପଭୋଗତା ଅଦାଲତ ମାଧ୍ୟମରେ ଯେଉଁ ସଂରକ୍ଷଣ ଅଭିଯାନ ତୀବ୍ର ଗତିରେ ଚାଲିବା କଥା ତାହା ହୋଇପାରୁନାହିଁ। ଏହି ଅଦାଲତ ବ୍ୟବସ୍ଥା ଏଭଳି ସ୍ଥାପନ କରାଯାଇଥିଲା ଯେ ସାମାନ୍ୟ ଅଭିଯୋଗରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ସମ୍ଭବ ହେବା କଥା କିନ୍ତୁ ଏଠି ମଧ୍ୟ ଅନ୍ୟ ଅଦାଲତ ଭଳି ଛୋଟିଆ ରାଶିର ମାମଲା ପାଇଁ ଓକିଲଙ୍କର ଆବଶ୍ୟକତା ପଡୁଛି। ଅର୍ଜି ପ୍ରସ୍ତୁତ କରିବାକୁ ପଡୁଛି, ଦସ୍ତାବିଜ ଯୋଡିବାକୁ ପଡୁଛି, ପୁଣି ସାକ୍ଷ୍ୟ ପ୍ରମାଣର ଉପସ୍ଥିତିରେ ଆବେଦନ ତଥ୍ୟକୁ ସିଦ୍ଧ କରିବାକୁ ପଡୁଛି ଏବଂ ପରିଶେଷରେ ଓକିଲଙ୍କ ତର୍କ ଓ ପରେ ପୁଣି ଆଦେଶ ପାଇଁ ପ୍ରତୀକ୍ଷା। ଅପିଲ ପଦ୍ଧତି ଅଭିଯୋଗ କର୍ତ୍ତାଙ୍କ ପାଇଁ ଆଶା ବଦଳରେ ନିରାଶା, ରାୟ/ନିର୍ଣ୍ଣୟ ପାଇଁ ସମୟ ଗଡିଚାଲିବା ଭଳି ଅବସ୍ଥାର ମଧ୍ୟ ଘଟୁଛି। ସାଧାରଣତଃ କୌଣସି ଘରୋଇବସ୍ତୁ ବା ସେବା ସମ୍ବନ୍ଧିତ ଅଭିଯୋଗ ଉପଭୋକ୍ତାଙ୍କ ପକ୍ଷରୁ ଅଣାଯାଇଥାଏ। ଏଭଳି ଅଭିଯୋଗର ନିରିକ୍ଷଣ, ପରୀକ୍ଷଣରେ ସାମାନ୍ୟ ବିବେକର ପ୍ରୟୋଗ କରି ଶୀଘ୍ର ନିର୍ଣ୍ଣୟ ସମ୍ଭବ। କିନ୍ତୁ ମାମଲାର ଲମ୍ବା ଅଦାଲତ ପ୍ରକ୍ରିୟା କାରଣରୁ ନିର୍ଣ୍ଣୟ/ରାୟ ବିଳମ୍ବ ହୋଇଥାଏ। ଏଥିରୁ ସ୍ପଷ୍ଟ ଯେ ଉପଭୋକ୍ତା ନ୍ୟାୟ ପ୍ରଣାଳୀରେ ବିବେକଶୀଳତା ବା ଗତିଶୀଳତାର କୌଣସି ସ୍ଥାନ ନାହିଁ।

ଅନ୍ୟ ଅଦାଲତମାନଙ୍କ ଭଳି ଉପଭୋକ୍ତା/ ଖାଉଟି ଅଦାଲତରେ ଯଦି ସେହିଭଳି ବ୍ୟବସ୍ଥା ରହେ ତେବେ ଉପଭୋକ୍ତା ସଂରକ୍ଷଣ ଅଭିଯାନକୁ ଏକ ଜନ ଆନ୍ଦୋଳନରେ ପରିଣତ କରାଯିବ କେମିତି ? ସୂଚନାର ଅଧିକାର ମଧ୍ୟ ଏକ ଆନ୍ଦୋଳନ ଭଳି ଆଇନର ରୂପ ନେଇଥିଲା। ଏହି ଅଭିଯାନ ଏବେ ତୀବ୍ର ଗତିରେ ଚାଲିଛି। ହାତ ଲେଖା ଆବେଦନ ପତ୍ର ଦେଇ ମଧ୍ୟ କୌଣସି ବିଭାଗରୁ ସୂଚନା ମଗାଯାଇପାରେ। ୩୦ ଦିନ ମଧ୍ୟରେ ମଧ୍ୟ ଆବେଦନର ଉତ୍ତର ଆସୁଛି। ଉପଭୋକ୍ତା ସଂରକ୍ଷଣକୁ ମଧ୍ୟ ସୂଚନା ଅଧିକାର ଭଳି ପଦ୍ଧତି ଆପଣେଇବା ଆବଶ୍ୟକ। ଏଥିପାଇଁ ବାରମ୍ବାର ଆଇନ୍‌ରେ ସଂଶୋଧନର ଆବଶ୍ୟକତା ଅଥବା ଅନୁଶାସନର କଡା ପ୍ରକ୍ରିୟା ଲାଗୁକରାଯିବାର ଆବଶ୍ୟକତା ନାହିଁ । ବାସ୍ତବରେ ଉପଭୋକ୍ତା/ ଖାଉଟି ଅଦାଲତର ନ୍ୟାୟାଧିଶ ମାନଙ୍କୁ ଏକଥା ଚନ୍ତା କରିବା ଆବଶ୍ୟକ ଯେ ଯେଉଁ ଉପଭୋକ୍ତା ମାତ୍ର କିଛି ହଜାର ଟଙ୍କାର କ୍ଷତିପୂରଣ ପାଇଁ ତାଙ୍କ ନିକଟକୁ ଆସିଛି ତାଙ୍କର ଅଧିକାର/ପ୍ରାପ୍ୟ ରାଶି ଠାରୁ ଅଧିକ ରାଶି ଏବଂ ସମୟ ବ୍ୟୟ କରାଯିବା ଅନ୍ୟାୟ ନିଶ୍ଚୟ। ଔପଚାରିକ ଅଦାଲତ ପ୍ରକ୍ରିୟାକୁ ଶୀଘ୍ରାତିଶୀଘ୍ର ସମାପ୍ତ କରାଯାଇ ପାରିଲେ ଉପଭୋକ୍ତା ଆନ୍ଦୋଳନକୁ ବାସ୍ତବରେ ନ୍ୟାୟକାରୀ ବ୍ୟବସ୍ଥାରେ ପରିଣତ କରାଯାଇପାରିବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ଫେଁରିଛି ରେବତୀ



ଡ. ସନ୍ତୋଷ କୁମାର ପଣ୍ଡା

ହରିପୁର ଗାଁର ସେଇ ପୁରୁଣା ଚାଟଶାଳୀ ଜାଗାରେ ଏବେ ଏକ ସୁଦୃଶ୍ୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଗାଁ ମୁଣ୍ଡ ବରଗଛଟା ସେମିତି ଅଛି, କିନ୍ତୁ ସମୟ ବଦଳି ଯାଇଛି। ଶ୍ୟାମବନ୍ଧୁ ମହାନ୍ତିଙ୍କ ବଂଶର ଚତୁର୍ଥ ପିଢ଼ିର ଝିଅଟିଏ— ନାଁ ତାର ରେବତୀ।

ସେଦିନର ରେବତୀ ପାଇଁ 'ଶିକ୍ଷା' ଥିଲା ଏକ ଅପରାଧ, ଯାହାର ପରିଣତି ସ୍ୱରୂପ ତାକୁ ମହାମାରୀ ଓ ପରିବାରର ବିନାଶ ସହିବାକୁ ପଡ଼ିଥିଲା। ଲୋଚନୀ ଆଈର ସେଇ ଅଭିଶାପ— 'ଲୋ ରେବତୀ! ଲୋ ରେବି! କିଆଁ ପାଠ ପଢ଼ିଲୁ ଲୋ!' ଆଜି ବି ଗାଁର କିଛି ସଂକୀର୍ଣ୍ଣମନା ଲୋକଙ୍କ କାନରେ ପ୍ରତିଧ୍ୱନିତ ହୁଏ। କିନ୍ତୁ ଆଜିର ରେବତୀ ସେ ଅଭିଶାପକୁ ଆଶୀର୍ବାଦରେ ବଦଳାଇ ଦେଇଛି। ହରିପୁର ଗାଁର ସେଇ ପୁରୁଣା କାନ୍ଥ ଏବେ ଚୂନଧଉଳା ହୋଇ ଚକ୍ ଚକ୍ କରୁଛି। ସନ୍ଧ୍ୟା ନଇଁ ଆସୁଛି। ଦିନେ ଏଇଠି ରେବତୀ ଅନ୍ଧାରରେ ବସି କାନ୍ଦୁଥିଲା, କିନ୍ତୁ ଆଜି ସେଠାରେ ଏକ ଏଲ୍.ଇ.ଡି ବଲ୍ବ ଜଳୁଛି। ଆଜିର ରେବତୀ କେବଳ ଭାଗବତ ପଢ଼ିବାରେ ସୀମିତ ନୁହେଁ। ସେ ଜାଣେ କିପରି ଲାପଟପ୍ ଚଲାଇବାକୁ ହୁଏ ଏବଂ କିପରି ନିଜ ଅଧିକାର ପାଇଁ ଲଢ଼ିବାକୁ ହୁଏ। ସେ ଗାଁର ପ୍ରଥମ ଝିଅ ଭାବେ ସହରକୁ ଯାଇ ଉଚ୍ଚଶିକ୍ଷା ଗ୍ରହଣ କଲା। ଯେତେବେଳେ ଗାଁର କିଛି ଲୋକ କହିଲେ, 'ଝିଅଟା ବାହାରକୁ ଗଲେ କୁଳ ବୁଡ଼ାଇବ', ସେତେବେଳେ ତାର ବାପା (ଶ୍ୟାମବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ) ତାକୁ ସମର୍ଥନ କଲେ।

ପାଠ ପଢ଼ି ସାରି ସେ ସହରରେ ଚାକିରି ନକରି ନିଜ ଗାଁକୁ ଫେରିଆସିଲା। ରେବତୀ ଏବେ ସେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ। ସେଦିନର ବାସୁଦେବ (ବାସୁ ମାଷ୍ଟ୍ରେ) ହୁଏତ ଆଜି ନାହାନ୍ତି, କିନ୍ତୁ ରେବତୀ ଭିତରେ ସେଇ ଜ୍ଞାନର ପିପାସା ଜୀବନ୍ତ। ଗାଁର ଯେଉଁ ଝିଅମାନଙ୍କୁ ଘରୁ ବାହାରିବାକୁ ମନା କରାଯାଉଥିଲା, ସେମାନଙ୍କୁ ସେ ଏକାଠି କରି 'ରେବତୀ ସ୍ୱୟଂ ସହାୟକ ଗୋଷ୍ଠୀ' ଗଠନ କରିଛି। ଗାଁ ମୁଣ୍ଡରେ ଏବେ ଆଉ ଶୂନ୍ୟତା ନାହିଁ। ବାସୁ ମାଷ୍ଟ୍ରେଙ୍କ ପରି ଏବେ ଅନେକ ଯୁବକ ଶିକ୍ଷାକୁ ବୃତ୍ତି ନୁହେଁ, ବରଂ ବ୍ରତ ଭାବେ ଗ୍ରହଣ କରିଛନ୍ତି। ଚାଟଶାଳୀ ଜାଗାରେ ଥିବା ସ୍କୁଲରେ ଏବେ 'ସ୍ମାର୍ଟ କ୍ଲାସ୍' ଚାଲିଛି। ସେଦିନ ଯେଉଁ ଗାଁ ଲୋକେ ରେବତୀକୁ 'ଅଲକ୍ଷଣୀ' କହି ଦୂରେଇ ଦେଇଥିଲେ, ଆଜି ସେଇମାନେ ନିଜ ଝିଅଙ୍କୁ ଧରି ରେବତୀ ପାଖକୁ ଆସୁଛନ୍ତି— 'ମାଆ ରେବତୀ! ମୋ ଝିଅକୁ ଟିକେ ତୋ ପରି କରିଦେ।' 'ରେବତୀ ଆଉ ହଜିଯିବାର ନାଁ ନୁହେଁ, ରେବତୀ ହେଉଛି ଜଣେ ବିଜେତାଙ୍କ କାହାଣୀ।' ଆଜିର ରେବତୀ କୌଣସି ମହାମାରୀରେ ହାରିଯାଏନା ବରଂ ସଚେତନତା ବାଣ୍ଟେ। ସେ କେବଳ ନିଜେ ପଢ଼େନାହିଁ, ସାରା ଗାଁକୁ ପଢ଼ାଏ। ଅନ୍ଧବିଶ୍ୱାସର କଳାପାହାଡ଼କୁ ଭାଙ୍ଗି ସେ ପ୍ରମାଣ କରିଦେଇଛି ଯେ, ଶିକ୍ଷା ହିଁ ପ୍ରକୃତ ସଶକ୍ତିକରଣ। ସେଦିନର ରେବତୀ ହାରିଯାଇଥିଲା କାରଣ ସେ ଏକା ଥିଲା। ଆଜିର ରେବତୀ ଜିତୁଛି କାରଣ ତା' ପଛରେ ଏକ ସଚେତନ ସମାଜର ସଂକଳ୍ପ ଅଛି। ରାତିର ନିସ୍ତବ୍ଧତା ଭିତରେ ଆଜି ଆଉ ସେଇ କରୁଣ ଚିତ୍କାର ଶୁଭୁନାହିଁ, ବରଂ ଶୁଭୁଛି ଆଗକୁ ବଢ଼ିବାର ଏକ ମଧୁର ସଙ୍ଗୀତ।

'ରେବତୀ ମରିନାହିଁ, ରେବତୀ ପ୍ରତିଟି ଝିଅର ସ୍ୱପ୍ନରେ ପୁଣି ଜନ୍ମ ନେଇଛି।' ଫକୀରମୋହନଙ୍କ ରେବତୀ ଅନ୍ଧାରରେ ମରିଯାଇଥିଲା, କିନ୍ତୁ ଆଜିର ରେବତୀ ସୂର୍ଯ୍ୟର ଆଲୋକ ପରି ପ୍ରତିଟି ଘରକୁ ଆଲୋକିତ କରୁଛି। ଫେରିଛି ରେବତୀ— ଏକ ନୂଆ ରୂପରେ, ଏକ ନୂଆ ସଂକଳ୍ପରେ। ସେଦିନ ରାତିରେ ବର୍ଷା ହେଉଥିଲା। ଠିକ୍ ସେମିତି, ଯେମିତି ଶହେ ବର୍ଷ ତଳେ ଶ୍ୟାମବନ୍ଧୁଙ୍କ ଘର ଉପରେ ଦୁଃଖର ପାହାଡ଼ ଅଜାଡ଼ି ପଡ଼ିଥିଲା। ରେବତୀ ଝରକା ପାଖରେ ଠିଆ ହୋଇ ବାହାରକୁ ଚାହିଁଥିଲା। ତା' ଆଖି ଆଗରେ ନାଚି ଯାଉଥିଲା ପୁରୁଣା ବହିର ସେଇ ହଳଦିଆ ପଡ଼ିଯାଇଥିବା ପୃଷ୍ଠାଗୁଡ଼ିକ, ଯାହାକୁ ତା'ର ପୂର୍ବଜ 'ରେବତୀ' ଛାତିରେ ଚାପି ଧରି ଶେଷ ନିଶ୍ୱାସ ତ୍ୟାଗ କରିଥିଲା। ସେ ଧୀରେ ଧୀରେ ଆଈଙ୍କ ସେଇ ପୁରୁଣା ଫଟୋ ପାଖକୁ ଗଲା। ରେବତୀ ତା'ର ପୁରୁଣା ଆଈର ଫଟୋ ପାଖରେ ଠିଆ ହୋଇଛି। ସେ ପଢ଼ିଥିବା ସେଇ ପୁରୁଣା ପୋଥି ନାହିଁ, ବରଂ ତା' ହାତରେ ଅଛି ଏକ ଟାବଲେଟ୍। ଫଟୋର କାଚ ଉପରେ ହାତ ରଖି ସେ ଶେଷ ସଂଳାପଟି ଗୁଣୁଗୁଣୁ ହୋଇ କହିଲା:

'ଆଈ! ତୁମେ କହୁଥିଲ ପାଠ ପଢ଼ିଲେ ବଂଶ ନିପାତ ହୋଇଯାଏ। ଦେଖ, ଆଜି ସେଇ ପାଠ ପାଇଁ ମୁଁ ଫେରିଛି। ତୁମ ରେବି ମରିନଥିଲା ଆଈ, ସେ ତ ଖାଲି ଶୋଇପଡ଼ିଥିଲା। ଆଜି ତା' ଆଖିରୁ ସେଇ ଭୟର ଅନ୍ଧାର ଲିଭିଯାଇଛି। ମୁଁ ଆଜି ହାରିବାକୁ ଫେରିନି, ଜିତିବାକୁ ଫେରିଛି।' ରେବତୀର ଆଖିରୁ ଦୁଇ ଟୋପା ଲୁହ ଖସି ପଡ଼ିଲା। କିନ୍ତୁ ସେ ଲୁହରେ ଅସହାୟତା ନଥିଲା, ଥିଲା ଏକ ଅକୁହା ବିଜୟର ଗର୍ବ। ସେ ଅନୁଭବ କଲା, ଯେମିତି ସେଇ ଅନ୍ଧାର କୋଣରୁ କେହି ଜଣେ କହୁଛି— 'ଲୋ ରେବି! ପଢ଼ ମାଆ, ପଢ଼... ସାରା ଦୁନିଆକୁ ପଢ଼ା।'

ତା' ପରଦିନ ସକାଳେ, ସୂର୍ଯ୍ୟର ପ୍ରଥମ କିରଣ ଯେତେବେଳେ ସ୍କୁଲର ଘଣ୍ଟି ଉପରେ ପଡ଼ିଲା, ରେବତୀ ଦେଖିଲା ଶହ ଶହ ଛୋଟ ଛୋଟ 'ରେବତୀ' ହାତରେ ବହି ଧରି ଧାଡ଼ି ବାନ୍ଧି ଆସୁଛନ୍ତି। ସେମାନଙ୍କ ପାଦଶବ୍ଦରେ ହରିପୁର ଗାଁର ସେଇ ପୁରୁଣା ଅଭିଶାପ ସବୁଦିନ ପାଇଁ ମାଟିରେ ମିଶିଗଲା।

ଫେରିଛି ରେବତୀ, ଆଉ ଏଥର ସେ କାହା ପାଇଁ ଅଟକିବ ନାହିଁ। ଠିକ୍ ସେତିକି ବେଳେ ଗାଁର କିଛି ମହିଳା ତା' ପାଖକୁ ଆସିଲେ। ରେବତୀ ତାଙ୍କ ଆଡ଼କୁ ଚାହିଁ ଧୀର ଅଥଚ ଦୃଢ଼ ସ୍ୱରରେ କହିଲା: 'ଆଈ କହୁଥିଲା, ପାଠ ପଢ଼ିଲେ କୁଳ ବୁଡ଼ିଯାଏ, ଆଖି ପୋଡ଼ିଯାଏ। କିନ୍ତୁ ଦେଖ ଖୁଡ଼ି, ଆଜି ସେଇ ପାଠ ପାଇଁ ମୁଁ ଜାଣିପାରୁଛି କେଉଁଠି ମାଗଣା ଚିକିତ୍ସା ମିଳୁଛି, କେଉଁଠି ଆମ ଗାଁ ଝିଅଙ୍କ ପାଇଁ ସରକାରୀ ସାହାଯ୍ୟ ଆସୁଛି। ଆଜି ଯଦି ମୁଁ ପଢ଼ି ନଥାନ୍ତି, ତେବେ ସେଦିନ ଭଳି ଆଜି ବି ଆମେ ଅନ୍ଧାରରେ ପଡ଼ିଥାନ୍ତେ। ପାଠ ଆଖି ପୋଡ଼େନାହିଁ ଖୁଡ଼ି, ପାଠ ଅନ୍ଧାର ଦେଖୁଥିବା ଆଖିକୁ ଦୁନିଆ ଦେଖିବାର ଶକ୍ତି ଦିଏ।'


କଟକ
୮୨୪୯୦୨୧୪୨୪


# ଜୀବନ ସାଥୀ



ସୁବ୍ରତ କୁମାର ଦାସ

ଅନନ୍ୟା ପ୍ରତି ଦିନ ଏକ ଅଦୃଶ୍ୟ ଚିଠି ଲେଖୁଥିଲା। ସେହି ଚିଠିରେ ଥିଲା ତା ଭଲ ପାଇବା ପ୍ରତି ଅଜଣା ଭୟ, କିଛି ନ ପାଇବାର ଆଶା ଓ ସମୟକୁ ଅପେକ୍ଷା। ସେ ଜାଣିଥିଲା, ଯଦି ସମୟ ଚାହିଁବ, ଏହି ଚିଠି ଗୁଡ଼ିକ ନିଶ୍ଚୟ ଏମିତି ଦିନ ଆସିବ ପଢ଼ାଯିବ। ସେହି ଫଗୁଣକୁ ସାକ୍ଷୀ ରଖି ଅନନ୍ୟା ଆଗକୁ ବଢ଼ି ଚାଲିଲା । ଫଗୁଣ ମାନେ କେବଳ ଏକ ଋତୁ ନୁହେଁ— ଏହା ମନର ଏକ ଅବସ୍ଥା। ଫୁଲ ଫୁଟେ, ରଙ୍ଗ ଖେଳେ, ଆକାଶ ପଳାଶ ଫୁଲ ରଙ୍ଗରେ ଲାଲ ହୋଇଯାଏ । ଆଉ ମଣିଷର ହୃଦୟରେ ଭଲ ପାଇବା ଅଚାନକ ନିଜ ଠିକଣା ଖୋଜି ନିଏ। ସେହି ଫଗୁଣର ମଝିରେ ଅନନ୍ୟା ଓ ଅସିତ୍ । ଦୁଇଟି ହୃଦୟ, ନୀରବ ଭାବରେ ଏକାଠି ହୋଇଥିଲେ। ପ୍ରେମ ସେମାନଙ୍କ ପାଇଁ କେବଳ ଆକର୍ଷଣ ନଥିଲା। ଏହା ଥିଲା ଧୈର୍ଯ୍ୟର ଏକ ଦୀର୍ଘ ପରୀକ୍ଷା। ସମାଜର ଅନେକ ପ୍ରାଚୀର ସେମାନଙ୍କ ମଧ୍ୟରେ ଠିଆ ହୋଇଥିଲା। ପରିବାରର ପ୍ରଶ୍ନ ସେମାନଙ୍କୁ ନିଜ ନିଜ ଭିତରେ ଭାଙ୍ଗି ଦେଉଥିଲା। ତଥାପି, ଭଲ ପାଇବାର ପ୍ରତିଶ୍ରୁତିରୁ ସେମାନେ ହାରି ଯାଇନଥିଲେ। କାରଣ ସତ୍ୟ ପ୍ରେମ କେବେ ଚିତ୍କାର କରେନାହିଁ, ସେ ନୀରବ ରହି ଅପେକ୍ଷା କରେ। ଅସିତ୍ ମଧ୍ୟ ନୀରବ ରହି ଉତ୍ତର ଦେଉଥିଲା । ପ୍ରକୃତ ଭଲ ପାଇବା କେବଳ ପ୍ରତିଶ୍ରୁତିରେ ନୁହେଁ, ଭରସା, ବିଶ୍ୱାସ ଦେଇ ଜୀବନ ସାଥୀ କରିବାର ନିଷ୍ପତ୍ତିରେ ବନ୍ଧା ହୋଇ ଥାଏ। ଭଲ ପାଇବାକୁ ସାକାର କରିବାକୁ ହେଲେ, କଠିନ ପରିସ୍ଥିତିରେ ସାଥ ଦେଇ, ପ୍ରତ୍ୟେକ କଷ୍ଟକୁ ଆପଣାଇ ନେବା। ସେମାନଙ୍କ ପ୍ରେମ ଧୀରେ ଧୀରେ ଦୃଢ଼ ହେଉଥିଲା। ଫଗୁଣର ମୃଦୁ ପବନ ପରି। ଦିନ ପରେ ଦିନ ବିତିଗଲା। ଫଗୁଣ ଶେଷ ହେଲା। ଫୁଲ ଝଡିଲା, ଫଗୁଣର ରଙ୍ଗମାନେ ମନରେ ମିଶିଗଲା। ହେଲେ ସେଇ ଫଗୁଣର ଶେଷ ଦିନଟି ସେମାନଙ୍କ ପାଇଁ ଏକ ନୂଆ ଆରମ୍ଭ ନେଇ ଆସିଲା। ସେହି ଦିନ, ଦୁହେଁ ଏକାଠି ବସି ନିଷ୍ପତ୍ତି ନେଲେ; ଭଲ ପାଇବାକୁ ଆଉ ଲୁଚାଇବେ ନାହିଁ, ସମୟକୁ ଆଉ ପରୀକ୍ଷା



କରିବେ ନାହିଁ। ଜୀବନର ନିଷ୍ପତ୍ତିକୁ ଶେଷ ସ୍ପର୍ଶ ଦେବେ। ଜୀବନ ସାଥୀ ହୋଇ ଜୀବନ ଅତିବାହିତ କରିବେ। ପରସ୍ପରକୁ ବିବାହ ବନ୍ଧନରେ ବାନ୍ଧି ହୋଇ ଜୀବନକୁ ଏକାଠି ଲେଖିବେ । ସୁଖ ଓ ଦୁଃଖ, ଦୁହିଁକୁ ସମାନ ଭାବରେ ଗ୍ରହଣ କରି ଏକ ବନ୍ଧନରେ ଆବଦ୍ଧ ହେବେ। ଫଗୁଣର ଶେଷ ଚିଠି—ସେହି ଦିନ ଖୋଲାଗଲା। ଏହା କୌଣସି ବିଦାୟ ନୁହେଁ, ଏହା ଥିଲା ସାରା ଜୀବନର ପ୍ରତିଶ୍ରୁତି। କାରଣ ଯେଉଁ ପ୍ରେମ ଧୈର୍ଯ୍ୟରେ ବଞ୍ଚେ,ସେ ପ୍ରେମ ଋତୁରେ ନୁହେଁ, ସାରା ଜୀବନ ଫୁଟି ରହେ।


(ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ)
ମୋ:୯୪୩୭୭୩୧୯୦୩


# ସ୍ପେଶାଲ



ମହାଶ୍ୱେତା ପାଣିଗ୍ରାହୀ

ଅନେକ ଦିନରୁ ମନରେ ରଖିଥିବା କଥାଟିକୁ ସାହସ ଜୁଟାଇ ମହେଶ କହିବା ପାଇଁ କେଡ଼ବରୀର ବଡ଼ ଚକୋଲେଟ୍ ଟିଏ ନେଇ ରୀତାକୁ ଦେଲା।

'ଓ ୟୁ ଆର ଦ ଓ୍ୱାନ ଆଣ୍ଡ ଅନଲି ଭେରୀ ସ୍ପେଶାଲ ଡିୟର' କହି ଧନ୍ୟବାଦ୍ ଜଣାଇଲା ରୀତା।

ହାତ ଧରି ସେଇ ପାର୍କରେ ଥିବା ଗୋଟିଏ ବେଞ୍ଚ ଆଡକୁ ଟାଣି ନେଲା। ଜାଣିଛ କୁଆଡେ 'ଶ୍ୟାମଳ ରଙ୍ଗ ଉପରେ ନାଲି ଶାଢ଼ୀ କୁଆଡେ ଭଲ ମାନେ ମୋତେ, ଆଉ ତା' ସହ ହାଲକା ଲିପିଷ୍ଟିକ ଆଉ ଗାଢ଼ କଜ୍ଜଳର ଧାର କୁଆଡେ ମତୁଆଲା କରିଦିଏ। ତୁମକୁ ଦେଖିଲେ ପ୍ରେମ ମଧ୍ୟ ବାଟବଣା ହୋଇ ତୁମ ପ୍ରେମରେ ପଡ଼ିଯାଏ ବୋଲି ସେ କୁହନ୍ତି। ଏହିପରି ନିଜ ପ୍ରଶଂସାରେ ଫାଟି ପଡୁଥିଲା ରୀତା ଯାହା ସେ ତାର ପ୍ରିୟ ସାଙ୍ଗ ମହେଶକୁ ଅନର୍ଗଳ ଭାବରେ କହି ଚାଲିଥିଲା।

ଜାଣିଛ ମୋ ଫାବରାଇଟ ଚକୋଲେଟ୍, ପୁଣି ସେଦିନ ଯୋଉ ଟେଡି ଦେଖିକି ଓ୍ୱିଶ୍ କରିଥିଲି ନା, ହଁ ହଁ, ସମ୍ବିତ୍ ଠିକ୍ ସେମିତି ଟେଡି ଉପହାର ପଠେଇ ଦେଇଥିଲେ । ସେ ଦିଲ୍ଲୀରୁ କାଲି ଫେରିବେ ଆଉ ବାଧରେ ଏଇ ଭାଲେନଟାଇନରେ ପ୍ରପୋଜ କରିବେ ମୋତେ, ଓଃ ମହେଶ ମୁଁ ବହୁତ ଖୁସି। ମୋ ଖୁସିରେ ତୁମେ ଖୁସି ନା!

ହଁ ବହୁତ ଖୁସି, ନିଜ ଆବେଗକୁ ହସରେ ଲୁଚାଇ ମହେଶ ଉଠି ଆସିବା ପାଇଁ ପ୍ରସ୍ତୁତ ହେଲେ। ଅଦିନିଆ ମେଘ ତାଙ୍କ ମୁଖମଣ୍ଡଳକୁ ଅଚାନକ ଘୋଡେଇ ଦେଲା। ବହୁତ ଦିନରୁ ନୋଟପେଡ୍‌ରେ ଲେଖା ଥିବା ପ୍ରେମ କବିତାକୁ ଦିନକୁ ଚାରି ଚାରି ଥର କପି କରି ରୀତାର ହ୍ୱାଟ୍ସଆପକୁ ଯାଇ ପୁଣି ଫେରି ଆସୁଥିବା ସେଇ ଲେଖାକୁ ଆଜି ଡିଲିଟ ମାରିଦେଲେ। ଆଉ ସବୁତକ ଜହରକୁ ଗିଳିଦେଇ ସ୍ପେଶାଲ ନୁହଁ ଭେରୀ ସ୍ପେଶାଲ ହୋଇଯାଇଥିଲେ।


ସାଇ ପ୍ରିୟା ନଗର
ରାୟଗଡ଼


# ଆତ୍ମ ବିଶ୍ୱାସ



ଡ ଚନ୍ଦ୍ରକଳା ନାୟକ

ଦୂରନ୍ତ ଟ୍ରେନରେ ଯାତ୍ରାର ଆରମ୍ଭ। ଯାତ୍ରୀମାନଙ୍କ ସିଟଗୁଡିକୁ କନଫର୍ମ କରୁ କରୁ ଟି.ଟି.ଇ ଏ.ସି ବଗି ଭିତରୁ ଗୋଟିଏ ପୁରୁଣା ଛିଣ୍ଡା ମନି ପର୍ସ ପାଇଲେ। ପର୍ସଟା ଖୋଲିବାକୁ ଆଗ୍ରହ ପ୍ରକାଶ କଲେ। ଟି. ଟି.ଇ ଭାବିଲେ ଏ.ସି ଟୁଟାୟାରରେ ଯାଉଥିବା ବ୍ୟକ୍ତି ନିଶ୍ଚୟ ବହୁତ ଟଙ୍କା ଏହି ପର୍ସରେରଖିଥିବ। ଏଟିଏମକାର୍ଡବି ଥିବ। ହେଲେ ସେହି ମନିପର୍ସ ଭିତରେ ମାତ୍ର ପାଂଚ ଶହ ଟଙ୍କା ଏବଂ ଶିବଙ୍କର ଏକ ଫଟୋ ଥିଲା। ଟି.ଟି.ଇ ବିରକ୍ତ ହୋଇ ଅବିଚଳିତ ଢଙ୍ଗରେ ପଚାରିଲେ, ଏ ପର୍ସ ପଡିଛି କାହାର ? ଉପରେ ଶୋଇଥିବା ବୃଦ୍ଧ ଜଣକ ଉତ୍ତର ଦେଲେ, ପୁଅ ସେଇଟା ମୋର। ଉପରକୁ ଶୋଇବା ବେଳେ ବୋଧେ ପଡି ଯାଇଛି। ବିରକ୍ତ ସୂଚକ ମନ୍ତବ୍ୟ ଦେଇ ଟି.ଟି.ଇ ଉତ୍ତର ଦେଲେ ଉପଯୁକ୍ତ ପ୍ରମାଣ ଦେଇ ନେଇଯାଅ। ତୁଚ୍ଛାଟାରେ କହି ଦେଲେ କଣ ଦେଇଦେବି। ଆପଣଙ୍କ ଏହି ପର୍ସ ବୋଲି ପ୍ରମାଣ କଣ ? ଉପରେ ବୃଦ୍ଧ ଏଥର ସ୍ମିତହାସ୍ୟ ପ୍ରକାଶ କଲେ। ଆରେ ପୁଅ ମୋ ଶିବଙ୍କ ଫଟୋଟି କଣ ଯଥେଷ୍ଟ ପ୍ରମାଣ ନୁହେଁ ? ଟି.ଟି.ଇ ଉତ୍ତର ଦେଲେ- ନା ଚଳିବନି। ଗୋଟେ ଫଟୋ କେମିତି ପ୍ରମାଣ ହେବ ? ଟି.ଟି.ଇ ଏଥର ଏଇଟା କାଳେ ଗୋଟିଏ ପ୍ରମାଣ କହି ହସରେ ଉଡାଇ ଦେଲେ। ବୃଦ୍ଧଙ୍କ ନିକଟକୁ ଯାଇ କହିଲେ, ଆଚ୍ଛା ଆପଣ ନିଜ ଫଟୋ ନରଖି ଏ ନୀଳକଣ୍ଠଙ୍କୁ କାହିଁକି ରଖିଛନ୍ତି ? ବୃଦ୍ଧ ହସିକି ଉତ୍ତର ଦେଲେ, ବାପାରେ ଏ ପର୍ସରେ ମୋ ଫଟୋବି ଥିଲା। ଦିନ ଥିଲା, ଏଥିରେ ମୋ ବାପାଙ୍କ ସହିତ ଉଠାଇ ଥିବା ଫଟୋଟିଏ ମୁଁ ସାଇତି ରଖିଥିଲି। ହେଲେ ବାପା ଚାଲିଗଲା ପରେ ତାକୁ ବାହାର କରି ଦେଇଛି। ତା ପରେ ସେ ସ୍ଥାନ ମୋ ବୁଦ୍ଧିମତୀ ସ୍ତ୍ରୀ ନେଇଥିଲେ। ତିରିଶ ବର୍ଷ କାଳ ଏହି ଛିଣ୍ଡା ମନିପର୍ସରେ ମୋ ସ୍ତ୍ରୀଙ୍କୁ ମୁଁ ସାଇତି ରଖିଥିଲି। ମୋର ସ୍ତ୍ରୀ ଥିଲେ ଲକ୍ଷ୍ମୀ ପ୍ରତିମା। ସୁଖ ଦୁଃଖର ସାଥୀ। ହେଲେ ଗତ ବର୍ଷ ସେବି ମୋ ହାତ ଛାଡି ଆରପାରିକୁ ଚାଲିଗଲେ। ବାକି ରହିଲି ମୁଁ। ଗୋଟିଏ ବୋଲି ଝିଅ ମୋର। ଶାଶୁଘରେ ଦୁହିତା ଧର୍ମ ନିଭାଉଛି। ଭଲ ମନ୍ଦ ପଚାରି ବୁଝୁଛି। ହେଲେ ବାପା ପୁରା ସମୟ ମୁଁ ମୋ ଭିତରେ ବଂଚିଛି। ଝିଅ କଥା କହୁ କହୁ ବୃଦ୍ଧଙ୍କ କଣ୍ଠସ୍ୱର କ୍ଷୀଣ ହୋଇ ଆସିଥିଲା। ଆଖି କୋଣରେ ଅଦୃଶ୍ୟ ଲୁହ ଗୁଡାକ ଜକେଇ ଆସୁଥାଏ। ବାଷ୍ପରୁଦ୍ଧ କଣ୍ଠରେ କହିଲେ, ପୁଅରେ ଆଉ କିଏ ରହିଲା ମୋ ସାଥୀରେ କହିଲୁ ? ମୋର ଶେଷ ଆଶ୍ରୟ ଏହି ନୀଳକଣ୍ଠ। ମୋ ସାଥୀରେ ସବୁବେଳେ ଅଛନ୍ତି। ଆଉ କିଛି କହିବୁ ପୁଅ। ଆଉ କିଛି ପରିଚୟର ଆବଶ୍ୟକ ଅଛିକି ? ଅହଂକାରୀ ଟି.ଟି.ଇ ଅବାକ ହୋଇଗଲେ। ବୃଦ୍ଧଙ୍କର ଇଶ୍ୱରଙ୍କ ଉପରେ ଥିବା ଗଭୀର ଆତ୍ମ ବିଶ୍ୱାସ ଟି.ଟି.ଇଙ୍କୁ ବିସ୍ମିତ କରିଥିଲା। ବୃଦ୍ଧ କହିଥିଲେ, ପୁଅ ଦେଖ ସେଥିରେ ପରା ମୋର ପାଂଚ ଶହ ଟଙ୍କାଟିଏ ଅଛି। ଗଭୀର ଅନୁତାପରେ ବୃଦ୍ଧଙ୍କ ନିକଟକୁ ଯାଇ ଟି.ଟି.ଇ କ୍ଷମା ପ୍ରାର୍ଥନା କରିଥିଲେ। କହିଥିଲେ- ଆପଣ ମୋ ବାପାଙ୍କ ବୟସର। ଆପଣଙ୍କୁ ଏପରି କହିଥିବାରୁ ମୁଁ ଦୁଃଖିତ। ମୋତେ ଆପଣ ପୁଅଟିଏ ଭାବି କ୍ଷମା କରିଦେବେ। ଠିକ ସେତିକିବେଳେ ଟ୍ରେନ କଲିକତା ଷ୍ଟେସନର ପହଞ୍ଚି ସାରିଥାଏ ।ବାଲେଶ୍ୱରରୁ ଆସିଥିବା ଟି.ଟି.ଇଙ୍କର ଏହିଠାରେ କାର୍ଯ୍ୟ ସମାପ୍ତି ହୋଇଥାଏ। ଟି.ଟି.ଇ ଜଣକ ଓହ୍ଲାଇବା ପରେ ଏକ ମୁହାଁ ହୋଇ ଷ୍ଟେସନର ବହି ଦୋକାନକୁ ଚାଲିଲେ। ବହି ଦୋକାନୀଙ୍କୁ ଜଗନ୍ନାଥଙ୍କ ଛୋଟିଆ ଫଟୋ ଖଣ୍ଡେ ଦେଖାଇବାକୁ ଅନୁରୋଧ କଲେ। ସେହି ଜଗନ୍ନାଥଙ୍କର ଫଟୋ ଖଣ୍ଡିକୁ ଟି.ଟି.ଇ ତାଙ୍କ ପର୍ସରେ ପୁରାଇ ଗଭୀର ଆତ୍ମବିଶ୍ୱାସର ଆଗକୁ ବଢୁଥିଲେ।


ଅଧ୍ୟାପିକା
ମହାପୁରୁଷ ହାଡି ଦାସ ମହାବିଦ୍ୟାଳୟ
ଛତିଆ ଯାଜପୁର,
ମୋ-୯୪୩୭୯୫୭୬୧୭


# ବୋଉର ପଣତକାନି



କାନନବାଳା ନାୟକ

ବହୁତ ବର୍ଷ ପରେ ଏବର୍ଷ ଶୀତଟା ବହୁତ ଜୋରରେ ପଡ଼ିଛି। ଆଲିସାନ ମହଲର ଦାମୀ ବିଦେଶୀ କମ୍ବଳ ଭିତରେ ବି ସୁମିତକୁ ନିଦ ଆସୁନି। ପାଖରେ ସମ୍ପୂର୍ଣ୍ଣା ନିଘୋଡ଼ ନିଦରେ ଶୋଇଛି, ହେଲେ ସୁମିତର ଆଖିରେ ନିଦ ନାହିଁ। ଏକ ଅଜଣା ଶୂନ୍ୟତା ତା' ଭିତରେ ଶିହରଣ ଖେଳାଇ ଦେଉଛି। ବାହାରେ କୁହୁଡ଼ିର ମେଞ୍ଚା ମେଞ୍ଚା ଅନ୍ଧାର। ସେଇ କୁହୁଡ଼ି ଭରା ରାତିଟା ତାକୁ ବାରମ୍ବାର ଟାଣି ନେଇଯାଉଛି ପିଲାଦିନର ସେଇ ଝାଟିମାଟିର ଘରକୁ।

ସୁମିତ ଯେତେବେଳେ ମାତ୍ର ପାଞ୍ଚ ବର୍ଷର ହୋଇଥିଲା, ଏକ ଦୁର୍ଘଟଣାରେ ତା' ବାପା ଆରପାରିକୁ ଚାଲିଯାଇଥିଲେ। ପଛରେ ଛାଡ଼ି ଯାଇଥିଲେ ଅଭାବ ଅସୁବିଧାର ଏକ ବିରାଟ ପାହାଡ଼। ସେଇ ଅଭାବକୁ ମେଣ୍ଟାଇବା ପାଇଁ ସୁମିତର ବୋଉ ପରଘରେ ବାସନ ମାଜିବା ସହ ଅନ୍ୟାନ୍ୟ କାମ କଲା। ହେଲେ ସେଥିରେ ଦୁଇ ପ୍ରାଣୀଙ୍କ ପେଟ ପୁରୁନଥିଲା। ସେ ସମୟର ଶୀତ ରାତିଗୁଡ଼ିକ ସୁମିତକୁ ବହୁତ କଷ୍ଟଦାୟକ ଲାଗୁଥିଲା। ଘରର ଭଙ୍ଗା କବାଟ କୋଣ ଦେଇ ପଶି ଆସୁଥିବା ଥଣ୍ଡା ପବନ ସିଧା ହାଡ଼ ଭିତରେ ମାଡ଼ ହେଉଥିଲା।

ଶୀତରୁ ରକ୍ଷା ପାଇବା ପାଇଁ ଖଣ୍ଡେ ଛିଣ୍ଡା କନ୍ଥା ଛଡ଼ା ଆଉ କିଛି ସମ୍ବଳ ନଥିଲା ସୁମିତର ବୋଉ ପାଖରେ। ଛିଣ୍ଡା କନ୍ଥାଟିକୁ ଘୋଡ଼ାଇ ଶୋଇବାର ଚେଷ୍ଟା କରୁଥିବା ବେଳେ, କନ୍ଥାର କଣା ଭିତର ଦେଇ ଯେତେବେଳେ ଥଣ୍ଡା ପବନ ପଶି ଆସୁଥିଲା, ବୋଉ ସେତେବେଳେ ସୁମିତକୁ ନିଜ ପଣତକାନି ଭିତରକୁ ଟାଣି ଆଣି ଛାତିରେ ଜାକି ଧରୁଥିଲା। ବୋଉ ଦେହର ସେଇ ଉଷ୍ମତା ଦୁନିଆର ସବୁଠାରୁ ଦାମୀ କମ୍ବଳଠୁ ବି ବଳି ଯାଉଥିଲା। ବୋଉ କହୁଥିଲା, 'ଶୋଇପଡ଼ରେ ଧନ... ମୁଁ ଅଛି ପରା, ତତେ ଆଉ ଶୀତ ଲାଗିବନି। ବଡ଼ ହେଲେ ତୁ ଭଲ ଚାକିରି କରିବୁ, ବଡ଼ ଘର କରିବୁ, ଆଉ ଆମକୁ ଏମିତି କଷ୍ଟ ପାଇବାକୁ ପଡ଼ିବନି।

ସୁମିତ ବଡ଼ ହେଲା, ଭଲ ଚାକିରିଟିଏ ବି କଲା। ହେଲେ ବୋଉର ପଣତ କାନିକୁ ଭୁଲି ଦୁନିଆର ଜାକଜମକ ଭିତରେ ନିଜର ସୁଖ ଖୋଜିବାକୁ ଲାଗିଲା। ବୋଉ ସ୍ଥିର କରିଥିବା ଗାଁ ମାଷ୍ଟରଙ୍କର ଶାନ୍ତ, ସୁଶୀଳ ଓ ସଂସ୍କାରୀ ଝିଅ ମାଳତୀକୁ ବିବାହ ନକରି, ସହରର ପ୍ରସିଦ୍ଧ ସୁନା ଗହଣା ବ୍ୟବସାୟୀ ଅମରେନ୍ଦ୍ର ପଟ୍ଟନାୟକଙ୍କ ଏକମାତ୍ର କନ୍ୟା ସମ୍ପୂର୍ଣ୍ଣାକୁ ବିବାହ କଲା। ଯିଏ ବିବାହ ପରେ ଗାଁକୁ ଯିବା ତ ଦୂରର କଥା, ବୋଉକୁ ପାଖକୁ ଆଣି ରଖିବାର ପ୍ରସ୍ତାବକୁ ମଧ୍ୟ ଅଗ୍ରାହ୍ୟ କରିଦେଲା। ତା' କଥାକୁ ମାନି ସୁମିତ ମଧ୍ୟ ଗାଁକୁ ଯିବା ଛାଡ଼ିଦେଲା ଏବଂ ବୋଉକୁ ମଧ୍ୟ ପାଖକୁ ଆଣିଲା ନାହିଁ।

ବୋଉକୁ ଗାଁରେ ଛାଡ଼ି ସୁମିତ ଅମରେନ୍ଦ୍ର ବାବୁଙ୍କ ଘର ଜ୍ୱାଇଁ ପାଲଟିଗଲା। ସୁମିତର ଶ୍ୱଶୁର ଘରର ଅଭିଜାତ୍ୟପୂର୍ଣ୍ଣ ଚଳଣି ଭିତରେ ନିପଟ ମଫସଲରୁ ଆସି ତା' ବୋଉ ଚଳି ପାରିବେ ନାହିଁ ବୋଲି କହି, ସମ୍ପୂର୍ଣ୍ଣା ସୁମିତକୁ ମନା କରିଛି ତା' ବୋଉକୁ ତାଙ୍କ ଘରକୁ ଆଣିବାକୁ। ଅନେକ ସଂଘର୍ଷ କରି ବଡ଼ ହୋଇଥିବା ସୁମିତ ଧନର ମାୟାଜାଲରେ ନିଜକୁ ବନ୍ଦୀ କରିଦେଇ ସମ୍ପୂର୍ଣ୍ଣାର 'ହଁ'ରେ 'ହଁ' ମିଳାଇ ଚାଲିଛି। ତେଣୁ ବିବାହ ପରେ ସେ ଗାଁକୁ ଯିବା ତ ଦୂରର କଥା, ବୋଉ ସହ ଠିକରେ କଥା ପଦେ ବି କହିନି। ଗାଁର ଅପାଠୋଇ ବୋଉ ସହ କଥା ହେଲେ କୁଆଡ଼େ ତା' ଆଭିଜାତ୍ୟ କ୍ଷୁର୍ଣ୍ଣ ହେବ।

ସେଦିନ ତା' ଅଫିସକୁ ଗାଁର ଜଣେ କାକା ଆସିଥିଲେ କୌଣସି କାମରେ। ହେଲେ ସୁମିତ ତାଙ୍କୁ ଚିହ୍ନି ବି ନଚିହ୍ନିବାର ଅଭିନୟ କଲା। ସେ କହିଲେ, 'ଆରେ ସୁମିତ, ଚିହ୍ନି ପାରୁନୁ କିରେ? ମୁଁ ପରା ଦାମ କକା। ହଁ, ତୁ ତ ବାହାଘର ପର ଠାରୁ ଆଉ ଗାଁକୁ ଯାଉନୁ। ହଁ, ବଡ଼ ଚାକିରି ପୁଣି ବଡ଼ ଲୋକର ଜ୍ୱାଇଁ; ତୁ ଆଉ ସେ ମାଟି-କାଦୁଅ ଭରା ଗାଁକୁ ଯିବୁ ବା କାହିଁକି? ଗାଁକୁ ନ ଗଲୁ ନାହିଁ, ତୋ ବୋଉଟାକୁ ହେଲେ ପାଖକୁ ନେଇ ଆସନ୍ତୁ। ତୁ ଏତେ ବଡ଼ ଚାକିରି କରିଛୁ, ଅଥଚ ଏଇ ପରିଣତ ବୟସରେ ସେ ଗାଁରେ ପର ଘରେ ବାସନ ମାଜୁଛି; ତୋତେ ଟିକେ ଲଜ୍ଜା ଲାଗୁନି?'

'ତୁ ଭଲ ପାଠ ପଢୁଥିଲୁ ବୋଲି ତୋ ବୋଉ କହୁଥିଲା, ସୁମିତ ବଡ଼ ହୋଇ ଭଲ ଚାକିରି କଲେ ତା' ମୁଣ୍ଡ ଗର୍ବରେ ଉପରକୁ ହୋଇଯିବ। ହେଲେ ଚାକିରି ପାଇ ବିବାହ କଲା ପରେ ତୁ ଏମିତି ବଦଳି ଗଲୁ ଯେମିତି ସିନେମାରେ ହୁଏ। ତୋ ବୋଉର ମୁଣ୍ଡ ଉପରକୁ ହେବା ପରିବର୍ତ୍ତେ ତଳକୁ ହୋଇଯାଉଛି। ଏବେ ତ ଗାଁର କିଛି ଲୋକ କହିଲେଣି ତାଙ୍କ ପିଲାଙ୍କୁ ଆଉ ପାଠ ପଢ଼ାଇବେ ନାହିଁ, ଚାଷବାସ କାମରେ ଲଗାଇବେ। କହିଲେ କହୁଛନ୍ତି, ସୁମିତ ବଡ଼ ଚାକିରି କଲା ପରେ ବି ତା' ବୋଉ ଆଜି ବି ଆମ ମାନଙ୍କ ଘରେ ବାସନ ମାଜୁଛି, ଜିନିଷ ମାଗି ନେଉଛି। ଆମ ପିଲାମାନେ ବି ସେମିତି କରିବେ।'

ତୋ ବୋଉ ସେଦିନ ଆମ ଘରକୁ ଆସିଥିଲା। ତୋ ଖୁଡ଼ିକୁ କହୁଥିଲା— ଶ୍ୟାମ ବୋଉ, ତୋ ପାଖରେ ଗୋଟେ ପୁରୁଣା କନ୍ଥା କି କମ୍ବଳ ଅଛି କି ଦେଲୁ?



ସେ ପୁରୁଣା କନ୍ଥାଟା ପାରୁପାରୁ ହୋଇ ଛିଣ୍ଡି ଗଲାଣି। ଏସନ ଯେମିତି ଶୀତ ପଡ଼ିଛି, ଆଉ ସମ୍ଭାଳି ପାରୁନି। ତୋ ଖୁଡ଼ି ତାକୁ କହିଲା— ନାନୀ, ସୁମିତ ପରା ଭଲ ଚାକିରି କରିଛି, ବଡ଼ ଘରେ ବାହା ହୋଇଛି? ସେ କ'ଣ ତୁମ ପାଖକୁ ଟଙ୍କା ପଠାଉ ନାହିଁ କି? ତୁମେ ଆଜି ବି ପର ଘରେ ବାସନ ମାଜୁଛ? ଅନ୍ୟମାନଙ୍କ ଆଗରେ ହାତ ପତାଉଛ?'

ତୋ ବୋଉ କିଛି କହି ନଥିଲା। କ'ଣ ବି କହିଥାଆନ୍ତା? ପୁଅ ବଡ଼ ଚାକିରି କଲା ପରେ ମାଆକୁ ପର କରି ଶ୍ୱଶୁର ଘରକୁ ଆପଣାର କରିଛି। ତୋ ମାଆ ଆଖିରେ ଲୁହ ଜକେଇ ଆସିଥିଲା। ପିଲାମାନେ ବଡ଼ ହୋଇ ବାପାମାଆଙ୍କୁ ହତାଦର କଲେ ବାପାମାଆଙ୍କ ଆଖିରୁ ଲୁହ ଝରେନି, ତାଙ୍କ ଆତ୍ମାରୁ ଲହୁ ଝରେ। ହେଲେ ଆମ ଅବସ୍ଥା ବି ତୁ ଜାଣୁ, ତେଣୁ ତୋ ବୋଉକୁ ଖାଲି ହାତରେ ଫେରିବାକୁ ପଡ଼ିଥିଲା। ଏତେ ଶୀତରେ କ'ଣ କରୁଛି କେଜାଣି?

ଦାମ କାକାଙ୍କ କଥା ଆଜି ସୁମିତକୁ ଭିତରୁ କୋରି ଖାଉଛି। ଦାମ କାକାଙ୍କ କଥା — 'ସୁମିତ, ତୋ ବୋଉ ଏବେ ବି ପର ଘରେ ବାସନ ମାଜୁଛି। ଆଉ ଶୀତରୁ ରକ୍ଷା ପାଇବା ପାଇଁ ଗାଁ ଲୋକଙ୍କୁ ପୁରୁଣା କନ୍ଥା ବା କମ୍ବଳଟିଏ ମାଗୁଛି। ଲୋକେ ତାକୁ ଦେଖି ଉପହାସ କରୁଛନ୍ତି। କହୁଛନ୍ତି ପୁଅ ଏତେ ବଡ଼ ଚାକିରି କରିଛି ହେଲେ ମାଆକୁ ଶୀତରୁ ରକ୍ଷା ପାଇବା ପାଇଁ ଖଣ୍ଡେ ରେଜେଇ କି କମ୍ବଳ ଦେଇ ପାରୁନି ଯେ ମାଆ ଅନ୍ୟମାନଙ୍କ ଆଗରେ ହାତ ପାତୁଛି।

ଏଇ କଥାଟା ସୁମିତର କାନରେ ବାରମ୍ବାର ପ୍ରତିଧ୍ୱନିତ ହେଉଥିଲା। ସେ ଚମକି ପଡ଼ି ଶେଜରୁ ଉଠି ବସିଲା। ବାହାରେ ସାଏଁ ସାଏଁ ହୋଇ କାଲୁଆ ପବନ ବହୁଥିଲା। ସୁମିତ ଭାବୁଥିଲା, ଏତେ ଥଣ୍ଡାରେ ତା' ବୋଉ କେମିତି ରହୁଛି? ତା'ର ସବୁ ଅଭିଜାତ୍ୟ, ଗର୍ବ ଏବଂ ଧନ ଆଜି ତାକୁ ତା ନିଜ ଆଖିରେ ବହୁତ ଛୋଟ କରିଦେଲା। ସୁମିତ ଆଉ ଡେରି କଲାନି। ଅଧରାତିରେ ଆଲମିରାରୁ ନିଜର ସବୁଠୁ ଗରମ ଶାଲ୍ ଏବଂ କିଛି ଟଙ୍କା ଧରି ଗାଡ଼ିର ଚାବି ଉଠାଇଲା।

ସମ୍ପୂର୍ଣ୍ଣା ପଛରୁ ଡାକୁଥିଲେ ବି ସେ ଶୁଣିଲା ନାହିଁ। ଶୀତୁଆ କୁହୁଡ଼ିକୁ ଚିରି ତା' ଗାଡ଼ି ଛୁଟିଲା ଗାଁ ଅଭିମୁଖେ। ଭୋର ହେବା ବେଳକୁ ସେ ଯେତେବେଳେ ନିଜର ସେଇ ପୁରୁଣା ଝାଟିମାଟି ଘର ପାଖରେ ପହଞ୍ଚିଲା, ଦେଖିଲା ବୋଉ ଦୁଆର ମୁହଁରେ ଶେଷ ହୋଇ ଆସୁଥିବା ନିଆଁ କୁହୁଳା ପାଖରେ ସେଇ ଛିଣ୍ଡା କନ୍ଥାଟିକୁ ଗୁଡ଼େଇ ହୋଇ ଶୋଇଛି। ତା' ଭିତରୁ ତା'ର ଶେଷ ହୋଇ ଆସୁଥିବା ଶରୀରଟା ଦିଶୁଛି। ସୁମିତ ଦୌଡ଼ିଯାଇ ବୋଉକୁ କୁଣ୍ଢାଇ ଧରିଲା। ତା' ଆଖିର ବନ୍ୟାରେ ବୋଉର କାନ୍ଧ ଭିଜିଗଲା। ବୋଉ ଆଖି ଖୋଲି ଅତି କଷ୍ଟରେ ଚାହିଁଲା। ସୁମିତ କଇଁ କଇଁ ହୋଇ କାନ୍ଦି ପକାଇ କହିଲା, 'ବୋଉ, ମତେ କ୍ଷମା କରିଦେ। ମୁଁ ପାଠ ପଢ଼ି ବଡ଼ ମଣିଷ ତ ହୋଇଗଲି, ହେଲେ ତୋ ପୁଅ ହୋଇ ପାରିଲିନି। ଚାଲ୍ ବୋଉ, ମୋ ସାଙ୍ଗରେ ଚାଲ୍।

ବୋଉ ତା'ର ଶୁଖିଲା ହାତରେ ସୁମିତର ଲୁହ ପୋଛି ଦେଇ କହିଲା, 'ନାଇଁରେ ଧନ, ତୁ ଆସିଛୁ ଏତିକି ମୋ ପାଇଁ ଯଥେଷ୍ଟ। ମୋର ଆଉ କିଛି ଦରକାର ନାହିଁ।' ସୁମିତ ନିଜ ସାଙ୍ଗରେ ଆଣିଥିବା ଦାମୀ ଶାଲ୍‌ଟିକୁ ବୋଉ ଦେହରେ ଗୁଡ଼ାଇ ଦେଲା ଓ ନିଜେ ଟିକେ ଶାନ୍ତି ପାଇବା ପାଇଁ ସେଇ ଛିଣ୍ଡା କନ୍ଥା ଭିତରେ ବୋଉର ପଣତକୁ ଧରି ତା' ପାଖରେ ଗେଞ୍ଜି ହୋଇ ଶୋଇଗଲା। ଆଜି ବହୁ ବର୍ଷ ପରେ ସୁମିତ ବୁଝିପାରିଲା ଯେ, ଶରୀରକୁ ଗରମ ରଖିବା ପାଇଁ ଟଙ୍କାରେ କମ୍ବଳ କିଣାଯାଇପାରେ, କିନ୍ତୁ ଆତ୍ମାକୁ ଶାନ୍ତି ଦେଉଥିବା ମାତୃତ୍ୱର ଉଷ୍ମତା କୌଣସି ବଜାରରେ ମିଳେନାହିଁ; ତାହା ଥାଏ ବୋଉର ମମତାଭରା 'ପଣତକାନି'ରେ।


ଅତିରିକ୍ତ କମିଶନର (ଅପିଲ୍)
ଦ୍ରବ୍ୟ ଓ ସେବାକର, ପୁରୀ
ଚକଲା, ପୁରୀ
୯୪୩୮୧୪୬୨୦୦

# ଟି-୨୦ ବିଶ୍ୱକପରେ ୪୦ ବିଜୟ ରେକର୍ଡ କରିଥିବା ପ୍ରଥମ ଦଳ ହେଲା ଭାରତ

**ଅହମ୍ମଦାବାଦ**

ଟି-୨୦ ବିଶ୍ୱକପରେ ଟିମ ଇଣ୍ଡିଆ ଇତିହାସ ସୃଷ୍ଟି କରିଛି। ଅହମ୍ମଦାବାଦରେ ନେଦରଲାଣ୍ଡ୍ସକୁ ପରାସ୍ତ କରି ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି ଭାରତ। ଟିମ ଇଣ୍ଡିଆ ଆଇସିସି ପୁରୁଷ ଟି-୨୦ ବିଶ୍ୱକପରେ ୪୦ ବିଜୟ ରେକର୍ଡ କରିଥିବା ପ୍ରଥମ ଦଳ ହୋଇଛି। ସେମାନେ ନେଦରଲାଣ୍ଡ ବିପକ୍ଷରେ ୪୦ତମ ବିଜୟ ହାସଲ କରିଛନ୍ତି। ଏହା ଟି-୨୦ ବିଶ୍ୱକପରେ ଯେକୌଣସି ଦଳ ଦ୍ୱାରା ସର୍ବାଧିକ ବିଜୟ ହାସଲ କରିବାର ରେକର୍ଡ। ଭାରତ ପରେ ଦକ୍ଷିଣ ଆଫ୍ରିକା ଏବଂ ଶ୍ରୀଲଙ୍କା ପରବର୍ତ୍ତୀ ସ୍ଥାନରେ ଅଛନ୍ତି।



ଆଇସିସି ପୁରୁଷ ଟି-୨୦ ବିଶ୍ୱକପରେ ୩୦ରୁ ଅଧିକ ବିଜୟ ହାସଲ କରିଥିବା ପାଞ୍ଚଟି ଦଳ ଅଛନ୍ତି। ଟିମ ଇଣ୍ଡିଆ ଏକମାତ୍ର ଦଳ ଯିଏ ୪୦ ମ୍ୟାଚ୍ ଜିତିଛି। ପୁରୁଷ ଟି-୨୦ ବିଶ୍ୱକପରେ ଖେଳାଯାଇଥିବା ୫୬ଟି ମ୍ୟାଚ ମଧ୍ୟରୁ ଟିମ୍ ଇଣ୍ଡିଆ ୪୦ଟି ବିଜୟ ହାସଲ କରିଛି। ଭାରତ ପରେ ଦକ୍ଷିଣ ଆଫ୍ରିକା ରହିଛି, ଯାହା ୫୩ଟି ମ୍ୟାଚ ମଧ୍ୟରୁ ୩୬ଟି ଜିତିଛି। ଶ୍ରୀଲଙ୍କା ୫୭ଟି ମ୍ୟାଚ୍ ମଧ୍ୟରୁ ୩୬ଟି ଜିତିଛି। ପାକିସ୍ତାନ ୫୫ଟି ମ୍ୟାଚ୍ ମଧ୍ୟରୁ ୩୩ଟି ଜିତି ତାଲିକାରେ ଚତୁର୍ଥ ସ୍ଥାନରେ ଅଛି। ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ପ୍ରତ୍ୟେକେ ୩୧ଟି ବିଜୟ ହାସଲ କରିଛନ୍ତି। ଅଷ୍ଟ୍ରେଲିଆ ଟି-୨୦ ବିଶ୍ୱକପରେ ୫୦ଟି ମ୍ୟାଚ୍ ଜିତିଛି। ଇଂଲଣ୍ଡ ୫୬ଟି ମ୍ୟାଚ୍ ଜିତିଛି।

ପୁରୁଷ ଟି-୨୦ ବିଶ୍ୱକପରେ ନ୍ୟୁଜିଲାଣ୍ଡ ଏବଂ ୱେଷ୍ଟଇଣ୍ଡିଜ ପ୍ରତ୍ୟେକେ ୨୮ଟି ମ୍ୟାଚ ଜିତିଛନ୍ତି। ନ୍ୟୁଜିଲାଣ୍ଡ ୫୦ଟି ମ୍ୟାଚ ମଧ୍ୟରୁ ୨୮ଟି ଜିତିଛି। ୱେଷ୍ଟଇଣ୍ଡିଜ କେବଳ ୪୯ଟି ମ୍ୟାଚରେ ଏହି ସଫଳତା ହାସଲ କରିଛି। ପୁରୁଷ ଟି-୨୦ ବିଶ୍ୱକପରେ ଆଫଗାନିସ୍ତାନ ୧୩ଟି ବିଜୟ ହାସଲ କରିଛି। ବାଂଲାଦେଶ ୪୫ଟି ମ୍ୟାଚ୍ ଖେଳି ଟି-୨୦ ବିଶ୍ୱକପରେ ୧୨ଟି ବିଜୟ ହାସଲ କରିଛି।

# ଶ୍ରୀଲଙ୍କାକୁ ହରାଇ ଗ୍ରୁପ୍ ଟପ୍ପର ହେଲା ଜିମ୍ବାୱେ

**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପରେ ଦମ୍‌ଦାର ପ୍ରଦର୍ଶନ ଜାରି ରଖିଛି ଜିମ୍ବାୱେ। ଅନ୍ତିମ ଲିଗ୍ ମ୍ୟାଚରେ ଶ୍ରୀଲଙ୍କା ବିପକ୍ଷରେ ଦମ୍‌ଦାର ବିଜୟ ହାସଲ କରିଛି ଦଳ। ୬ ୱିକେଟରେ ମ୍ୟାଚ୍ ବିଜୟୀ ହେବା ସହ ଗ୍ରୁପ୍–ବି ଟେବୁଲ୍ ଟପ୍ପର ସହ ସୁପର-୮କୁ ଓହ୍ଲାଇବ। ୪ ମ୍ୟାଚ୍‌ରୁ ୩ ବିଜୟ ହାସଲ କରିଛି ଜିମ୍ବାୱେ। ଗୁରୁବାର କଲମ୍ବୋରେ ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ପୂର୍ବରୁ କଙ୍ଗାରୁ ଦଳକୁ ହରାଇଥିବା ଏହି ଦଳ ଏବେ ଭଲ ପ୍ରଦର୍ଶନ ଜାରି ରଖିଛି। ସୁପର-୮ରେ କିଭଳି ପ୍ରଦର୍ଶନ କରିବ ଏବେ ଏହାକୁ ନେଇ ମଧ୍ୟ



ଚର୍ଚ୍ଚା ଆରମ୍ଭ ହୋଇଛି।

ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ମଧ୍ୟରେ ୭ ୱିକେଟ୍ ବିନିମୟରେ ୧୭୮ ରନ୍ କରିଥିଲା। ଯେଉଁଥିରେ ପଥୁମ୍ ନିଶାଙ୍କ ୬୨ ରନ୍ ପାଳି ସାମିଲ୍ ରହିଛି। ତେବେ ୧୭୯ ରନର ବିଜୟ ଲକ୍ଷ୍ୟ ରହିଥିବାବେଳେ ଜିମ୍ବାୱେ ୩ଟି ବଲ୍ ପୂର୍ବରୁ ହାସଲ କରି ନେଇଛି। ୬ ୱିକେଟ୍ ବିନିମୟରେ ଏହି ମ୍ୟାଚ୍‌କୁ ଜିତିଥିବା ବେଳେ ସିକନ୍ଦର ରାଜା ୨୬ ବଲରୁ ୪୫ ରନର ମ୍ୟାଚ୍ ବିଜୟ ପାଳି ଖେଳି ମ୍ୟାନ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେପଟେ ଚଳିତ ଟି-୨୦ ବିଶ୍ୱକପରେ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳି ଦଳ ସୁପର-୮ରୁ ବାଦ୍ ପଡ଼ିଛି। ଜିମ୍ବାୱେ ଏବଂ ଶ୍ରୀଲଙ୍କାଠାରୁ ହାରିବା ପରେ ଏହି ଶକ୍ତିଶାଳି ଦଳ ଟୁର୍ଣ୍ଣାମେଣ୍ଟର ପରବର୍ତ୍ତୀ ପର୍ଯ୍ୟାୟରୁ ବାଦ୍ ପଡ଼ିଛି। ଜିମ୍ବାୱେ ଏବେ ଗ୍ରୁପ୍‌ର ଶୀର୍ଷରେ ରହିଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ କିଭଳି ପ୍ରଦର୍ଶନ କରିବ ଏହା ଉପରେ ସମଗ୍ର କ୍ରିକେଟ ପ୍ରେମୀଙ୍କ ନଜର ରହିଛି।

# ରଣଜୀ ଟ୍ରଫି : ୧୧ ବର୍ଷ ପରେ ଫାଇନାଲ୍‌ରେ କର୍ଣ୍ଣାଟକ

**ଲକ୍ଷ୍ନୌ**

କର୍ଣ୍ଣାଟକ ୧୧ ବର୍ଷ ପରେ ରଣଜୀ ଟ୍ରଫି ଫାଇନାଲ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ସ୍ଥାନୀୟ ଏକନା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ସେମିଫାଇନାଲ୍‌ରେ କର୍ଣ୍ଣାଟକ ପ୍ରଥମ ପାଳି ଅଗ୍ରଣୀ ଭିତ୍ତିରେ ଏହି ସଫଳତା ପାଇଛି। ଉତ୍ତରାଖଣ୍ଡ ବିପକ୍ଷ ଏହି ମ୍ୟାଚ୍‌ର ପ୍ରଥମ ପାଳିରେ ଦେବଦତ୍ତ ପଡ଼ିକଲଙ୍କ ଦ୍ୱିଶତକ ଏବଂ କେଏଲ୍ ରାହୁଲ ଓ ରବିଚନ୍ଦ୍ରନ ସ୍ମରଣଙ୍କ ଶତକୀୟ ପାଳି ବଳରେ ୭୩୬ ରନ୍ କରିଥିଲା। ଜବାବରେ ଉତ୍ତରାଖଣ୍ଡ ମାତ୍ର ୨୩୩ ରନ୍‌ରେ ଅଲ୍‌ଆଉଟ୍ ହୋଇ ଫଲୋଅନ୍ ହୋଇଥିଲା। ହେଲେ ପ୍ରଥମ ପାଳି ଅଗ୍ରଣୀ ପାଇଥିବାରୁ କର୍ଣ୍ଣାଟକ ଫଲୋଅନ୍ ନ ଡାକି ବ୍ୟାଟିଂ କରିଥିଲା।

ଦ୍ୱିତୀୟ ପାଳିରେ ସ୍ମରଣ (୧୨୭)ଙ୍କ ଶତକ ଓ କେଏଲ୍ ରାହୁଲ (୮୬)ଙ୍କ ଅର୍ଦ୍ଧଶତକ ବଳରେ ୩୨୩ ରନ୍ କରି ଉତ୍ତରାଖଣ୍ଡ ସମ୍ମୁଖରେ ୮୨୭ ରନ୍‌ର ଅସମ୍ଭବ ବିଜୟ ଲକ୍ଷ୍ୟ ରଖିଥିଲା। ଶେଷ ଦିନ ଓ ୩ ଅଧିବେଶନରେ ଏତେ ରନ୍ କରିବା ଅସମ୍ଭବ ଥିଲେ ମଧ୍ୟ ଉତ୍ତରାଖଣ୍ଡ ଅବନୀଶ ସୁଧା (୬୬), ସୌରଭ ରାୱତ (୫୩) ଓ ଅଭୟ ନେଗି (୫୭) ଅର୍ଦ୍ଧଶତକ ଅର୍ଜନ କରିବା ସହ ଦଳୀୟ ସ୍କୋର ୧୮୪/୬ରେ ପହଞ୍ଚାଇ ପରାଜୟକୁ ଟାଳିଥିଲେ। ପଡ଼ିକଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଫେବୃଆରୀ ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଖେଳଯିବାକୁ ଥିବା ଫାଇନାଲ୍‌ରେ ଜମ୍ମୁ ଓ କାଶ୍ମୀରକୁ ଭେଟିବ କର୍ଣ୍ଣଟକ।

୨୦୧୪-୧୫ରେ ଶେଷ ଥର ଲାଗି ବିଜେତା ହୋଇଥିବା କର୍ଣ୍ଣାଟକ ନିଜର ଏହି ୧୫ତମ ଫାଇନାଲ୍ ଜିତି ନବମ ଟ୍ରଫି ହାତେଇବା ଲକ୍ଷ୍ୟରେ ରହିଛି। ଅନ୍ୟପକ୍ଷରେ ଜମ୍ମୁ ଓ କାଶ୍ମୀର ନିଜର ପ୍ରଥମ ଫାଇନାଲ୍‌ରେ ଟ୍ରଫି ଜିତି ଏହାକୁ ଆହୁରି ସ୍ମରଣୀୟ କରିବା ଲାଗି ଲକ୍ଷ୍ୟ ରଖିଛି।

# ଆଫଗାନିସ୍ତାନ ବିଜୟ ସହ ଅଭିଯାନ ଶେଷ

**ଚେନ୍ନାଇ**

ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଆଫ୍‌ଗାନିସ୍ତାନ ବିଜୟ ସହ ଅଭିଯାନ ଶେଷ କରିଛି। ସୁପର-୮ରୁ ବାଦ୍ ପଡ଼ିଥିବା ଆଫ୍‌ଗାନିସ୍ତାନ ଗୁରୁବାର ନିଜର ଶେଷ ଗ୍ରୁପ୍ ମ୍ୟାଚ୍‌ରେ କାନାଡ଼ାକୁ ୮୨ ରନ୍‌ରେ ପରାସ୍ତ କରିଛି। ସ୍ଥାନୀୟ ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଟସ୍ ହାରି ବ୍ୟାଟିଂ କରିଥିବା ଆଫ୍‌ଗାନିସ୍ତାନ ଭଲ ଆରମ୍ଭ କରିଥିଲା। ହେଲେ ରହମାନୁଲ୍ଲା ଗୁରବାଜ (୩୦) ଓ ଗୁଲବଦିନ ନୈବ (୧)ଙ୍କୁ ଯଶକରନ ସିଂହ ୪ ବଲ୍ ବ୍ୟବଧାନରେ ପ୍ୟାଭିଲିୟନ୍ ପଠାଇ ଦେଇଥିଲେ।

ତୃତୀୟ ୱିକେଟ୍‌ରେ ଇବ୍ରାହିମ ଜଦ୍ରାନ ଓ ସେଦିକୁଲ୍ଲା ଅଟଳ ୯୫ ରନ୍‌ର ଭାଗୀଦାର ଗଢ଼ି ପାଳି ସମ୍ଭାଳି ନେଇଥିଲେ। ୧୬ତମ ଓଭରରେ ଅଟଳ (୪୪, ୩୨ ବଲ୍) ଅର୍ଦ୍ଧଶତକ ଅର୍ଜନ କରିବା ପୂର୍ବରୁ ଆଉଟ୍ ହୋଇଥିଲା ବେଳେ ଜଦ୍ରାନ ଅପରାଜିତ ରହି ୭ ଚୌକା ଓ ୫ ଛକା ସହାୟତାରେ ୫୬ ବଲ୍‌ରୁ ୯୫ ରନ୍ କରି ଦଳୀୟ ସ୍କୋର ୨୦୦/୪ରେ ପହଞ୍ଚାଇଥିଲେ। ଜବାବରେ ଆଫ୍‌ଗାନିସ୍ତାନ ବୋଲିଂକୁ ସାମ୍ନା କରି ନପାରି କାନାଡ଼ା ୧୧୮/୮ରେ ଅଟକି ଯାଇଥିଲା। ହର୍ଷ ଠକ୍କର (୩୦ ରନ୍) ଓ ସାଦ୍ ବିନ୍ ଜାଫର (୨୮ ରନ୍) ଭଲ ଖେଳିବାରୁ ଦଳ ୧୦୦ ରନ୍ ପାର କରିବାକୁ ସକ୍ଷମ ହୋଇଥିଲା। ଆଫ୍‌ଗାନିସ୍ତାନର ମହମ୍ମଦ ନବି ୪-୦-୭-୪



ବୋଲିଂ ସଫଳତା ପାଇଥିଲା ବେଳେ ରସିଦ ଖାନ ୨ ୱିକେଟ୍ ନେଇଥିଲେ।

## ଅଲ୍ ଇଣ୍ଡିଆ ରାମଧୂନ କପ୍ ଫୁଟବଲ୍

# ୨-୧ ଗୋଲରେ ବିଜୟୀ ହୋଇ ସେମିରେ ଭୁବନେଶ୍ୱର ଦଳ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଗାନ୍ଧି ଷ୍ଟାଡିୟମ୍ ଠାରେ ଆୟୋଜିତ ୧୭ତମ ସର୍ବଭାରତୀୟ ରାମଧୂନ୍ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ବି-ପୁଲର ପ୍ରଥମ ମ୍ୟାଚ୍‌ରେ ଗୁରୁବାର ଭୁବନେଶ୍ୱର ଜଗା ୟୁନାଇଟେଡ୍ ଓ କଲିକତା ନାଇଜେରିଆନ ଇଲେଭେନ ଦଳ ମଧ୍ୟରେ ଅନୁଷ୍ଠିତ ହୋଇ ସଂଘର୍ଷପୂର୍ଣ୍ଣ ଖେଳ ହୋଇଥିଲା। ଗୁରୁବାର ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଯୋଗ ଦେଇ ପ୍ରଥମେ ଦର୍ଶକ ଗ୍ୟାଲେରୀରେ ବସି ଖେଳ ଉପଭୋଗ କରିଥିଲେ। ପରେ ସର୍ବ ଶ୍ରେଷ୍ଠ ଖେଳାଳି ତଥା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଭୁବନେଶ୍ୱର ଜଗା ୟୁନାଇଟେଡ୍ ଦଳର ଏକଲବ୍ୟ ଲାଖୁଆଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲା ବନ ଖଣ୍ଡ ଅଧିକାରୀ ମଦନ ଲାଲ ଶର୍ମା, ସୋନପୁର ବିଡିଓ ପ୍ରତୀକ କର, ରାମ୍‌ଧୂନ୍ କ୍ଲବ ଉପଦେଷ୍ଟା ତଥା ଆଇନଜୀବୀ ନନ୍ଦ କିଶୋର ତ୍ରିପାଠୀ ଯୋଗ ଦେଇ ଖେଳାଳିଙ୍କ ପରିଚୟ ପ୍ରଦାନ କରି ଆୟୋଜକ, ଦର୍ଶକ ଓ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କଲିକତା ନାଇଜେରିଆନ ଇଲେଭେନ୍ ଦଳର ଫ୍ରାଞ୍ଚାଇଜ୍ ଚନ୍ଦ୍ରମା ମୋଟର୍ସ ତଥା ସୋନାଲିକା ଟ୍ରାକ୍ଟର ସୋ ରୁମ୍ ଏମ୍‌ଡି ପ୍ରଶାନ୍ତ କୁମାର ବାବୁ ଓ ଭୁବନେଶ୍ୱର ଜଗା ୟୁନାଇଟେଡ୍ ଦଳର ଫ୍ରାଞ୍ଚାଇଜ୍ ପଶ୍ଚିମ ନିଉଜ ଅଧ୍ୟକ୍ଷ ତଥା ସମଲେଶ୍ୱରୀ ନର୍ସିଂ ହୋମ ଏମ୍‌ଡି ସୁଭାଶିଷ ରଥ, ଜିଲ୍ଲା ଟ୍ରାକ୍ଟର ଆସୋସିଏସନ୍ ସଭାପତି ଶିବ ଶଙ୍କର ବହିଦାର, ସଂପାଦକ କୋଶଳେଶ୍ୱର ବହିଦାର ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ମୁଖ୍ୟ ଅତିଥିଙ୍କ ସହ ଖେଳାଳି ଓ ଦର୍ଶକ ଲଟେରୀ ବିଜେତାଙ୍କୁ ପୁରସ୍କୃତ କରିଥିଲେ। ଏହି ଖେଳକୁ ମୁଖ୍ୟ ରେଫରି ଭାବେ ସଞ୍ଜୀବ ସାହୁ, ସହଯୋଗୀ ରେଫରୀ ଭାବେ ସୁଜିତ ରାଜ ହଂସ, ଅଜୟ ପଧାନ, ସୁଶାନ୍ତ ବାଗ ଓ ମ୍ୟାଚ୍ କମିଶନର ଭାବେ ଭୁକୁଲୁ ବକ୍ସି ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଅତିଥି ଓ ଭେଟେରାନ କ୍ରୀଡ଼ାବିତ୍‌ମାନଙ୍କ ସହିତ ହଜାର ହଜାର ଦର୍ଶକ ଖେଳକୁ ଉପଭୋଗ କରିଥିବା ବେଳେ ମନୋରଞ୍ଜନ ତ୍ରିପାଠୀ ଓ ଦିଗାମ୍ବର ଶତପଥି ଖେଳର ପ୍ରତ୍ୟକ୍ଷ ଧାରାବିବରଣୀ ପ୍ରଦାନ କରିଥିଲେ ଏବଂ ସଭା ପରିଚାଳନା ଓ ଲଟେରୀ ଉଠାଣ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କ୍ରୀଡ଼ା ସଂଘ ସଂପାଦକ ପୀୟୂଷ ପଣ୍ଡା, ରାମଧୂନ କ୍ଲବ୍ ସଦସ୍ୟ ବିକାଶ ପଣ୍ଡା, ସନ୍ତୋଷ ପାଢ଼ୀ, ବୁବୁନ ନାଏକ, ବାଲ ଗୋପାଲ ମିଶ୍ର, ପ୍ରିତମ ସରାଫ, ରିକୁନ ନାଏକ, ସିପୁନ ନାଏକ, ସୁରଜ୍ ସାହୁ, ଚନ୍ଦନ ସାହୁ, ବିଦ୍ୟା ଧର ମିଶ୍ର, ମଦନ ସାହୁ, ରଜତ ସାହୁ, ରଞ୍ଜିତ ସାହୁ, ଜଗନ୍ନାଥ ସାହୁ, ସନତ ହୋତା, ସଦା ସାହୁ, ଗୁରୁ ଦଳାଇ, ବୁଠୀ ଦଳାଇ, ଚନ୍ଦନ ବେହେରା, ଆୟୁଷ ପଣ୍ଡା, ଅଂଶୁମାନ ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। କଟକ ମଙ୍ଗଳା ଦଳର ଖେଳାଳି ଜୀତୁ ମୁଦୁଲିଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଅତିଥିମାନେ ପୁରସ୍କୃତ କରିଥିଲେ।




# ବିଜୟଙ୍କ ସଫଳତାର ଆଉ ଏକ ଫର୍ଦ୍ଦ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକର ଚରମ୍ପାର ବିଜୟ ଗୁପ୍ତା ଭାରତର ଉତ୍ତରାଖଣ୍ଡର ବ୍ରହ୍ମତାଲ ପଥକୁ ସଫଳତାର ସହ ଟ୍ରେକିଂ କରି ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି, ଯାହା ୧୨,୨୫୦ ଫୁଟ ଉଚ୍ଚତାର ଅଟେ। ୨୦୨୬ ଫେବୃଆରୀ ୧୨ ତାରିଖରେ, ସେ ଅସାଧାରଣ ଧୈର୍ଯ୍ୟ ଏବଂ ଦୃଢ଼ତା ପ୍ରଦର୍ଶନ କରି ୧୨ କିଲୋମିଟରର ଚ୍ୟାଲେଞ୍ଜିଂ ହିମାଳୟ ଟ୍ରେକିଂ ସମାପ୍ତ କରିଥିଲେ।

ପୂର୍ବରୁ ବିଜୟ ହିମାଳୟରେ ଏକାକୀ ୬୪ କିଲୋମିଟର ଟ୍ରେକିଂ କରି ୧୪,୫୫୦ ଫୁଟର ପ୍ରଭାବଶାଳୀ ଉଚ୍ଚତାକୁ ଚଢ଼ି ତାଙ୍କର ସାହସିକ ମନୋଭାବ ପ୍ରଦର୍ଶନ କରିସାରିଛନ୍ତି। ତାଙ୍କର ବିବିଧ ସଫଳତା ସହିତ, ସେ ୬୪ ବର୍ଷ ବୟସରେ ଭାରତ ମହାସାଗରରେ ୧୮ ମିଟର ସ୍କୁବା ଡାଇଭ୍ ମଧ୍ୟ ସମାପ୍ତ କରିଥିଲେ। ଯାହା ଅନ୍ୟମାନଙ୍କ ପାଇଁ ଦୁର୍ଗମ ଏବଂ ଅସମ୍ଭବ ବିଜୟଙ୍କ ପାଇଁ ତାହା ସୁଗମ ଏବଂ ସହଜରେ ପରିଣତ ହୋଇଛି। ଏହା କେବଳ ତାଙ୍କର ଅଦମନୀୟ ସାହସ ଏବଂ ଗଭୀର ଆତ୍ମବିଶ୍ୱାସ ଯୋଗୁଁ ସମ୍ଭବ ହୋଇପାରିଛି। ଏପରି ପ୍ରଶଂସନୀୟ ଦୁଃସାହସିକ କ୍ରୀଡ଼ା ଏବଂ ତାଙ୍କର ଶାରୀରିକ ସୁସ୍ଥତା ଏବଂ ସ୍ଥିରତା ପାଇଁ, ତାଙ୍କୁ ଭଦ୍ରକ ଏବଂ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଏବଂ ବିଭିନ୍ନ ସାମାଜିକ ସଂଗଠନ ଦ୍ୱାରା ସମ୍ମାନିତ କରାଯାଇଛି। ସେ ଆମ ରାଜ୍ୟର ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ଆଦର୍ଶ ହୋଇପାରିଛନ୍ତି।

ବିଜୟ ଗୁପ୍ତାଙ୍କ ସଫଳତା ତାଙ୍କର ଅସାଧାରଣ ଶାରୀରିକ ସୁସ୍ଥତା ଏବଂ ସାହସିକତା ପ୍ରତି ଆଗ୍ରହକୁ ପ୍ରକାଶ କରେ, ଯାହା ଅନେକଙ୍କୁ ପ୍ରକୃତିରେ ନିଜର ଚ୍ୟାଲେଞ୍ଜିଂ ଯାତ୍ରା କରିବାକୁ ପ୍ରେରଣା ଦିଏ। ଉଚ୍ଚତା ଏବଂ ଗଭୀରତା ଉଭୟକୁ ନିଜ ଆତ୍ମବିଶ୍ୱାସରେ ଜୟ କରିଥିବା ବିଜୟ କେବଳ ବରିଷ୍ଠ ନାଗରିକ ନୁହନ୍ତି ସମସ୍ତଙ୍କପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।




# ଅପରେସନ ସାଇବର କବଚ ଅଭିଯାନରେ ବରଗଡ଼ ପୋଲିସକୁ ବଡ଼ ସଫଳତା

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ଅପରେସନ ସାଇବର କବଚ ଅଭିଯାନରେ ବରଗଡ଼ ପୋଲିସକୁ ବଡ଼ ସଫଳତା, ମନି ଲଣ୍ଡ୍ରିଙ୍ଗକୁ ସହଜ କରିବା ପାଇଁ ନିରୀହ ବ୍ୟାଙ୍କ ହିତାଧିକାରୀଙ୍କ ଆକାଉଣ୍ଟକୁ ଅପବ୍ୟବହାର କରି ୧୦ କୋଟି ଟଙ୍କା ସାଇବର ଠକେଇ କରିଥିବା ଅଭିଯୋଗରେ ପୋଲିସ ସୋହେଲା ଥାନା ବିସିପାଲି ଗାଁର ମନୋଜ କୁମାର କୁଶଲଙ୍କୁ ଗିରଫ କରିଛି, ପୋଲିସ ଖୋଳତାଡ଼ ପରେ ଅଭିଯୁକ୍ତ ପାଖରୁ ୫୭ଟି ପାସବୁକ, ୧୯ଟି ଚେକ ବୁକ, ୮୧ଟି ଏଟିଏମ କାର୍ଡ ୨୬ଟି ମୋବାଇଲ ସିମ, ଏକ ସ୍କୁଟି, ୨ ମୋବାଇଲ, ୬୭୦୦ ଟଙ୍କା ଜବତ କରିଛି, ଅଭିଯୁକ୍ତ ୧୦ କୋଟି ଟଙ୍କା ସାଇବର ଠକେଇ କରିଥିବା ବରଗଡ଼



ଏସ୍‌ପି ପ୍ରହଲ୍ଲାଦ ମୀନା କହିଛନ୍ତି, ଏସପି ସୂଚନା ଦେଇ କହିଛନ୍ତି ଯେ, ଫେବୃଆରୀ ୧୩ରୁ ୨୭ ତାରିଖ ପର୍ଯ୍ୟନ୍ତ ପୋଲିସ ଡିଜିଙ୍କ ନିର୍ଦ୍ଦେଶରେ ଅପରେସନ ସାଇବର କବଚ ଅଭିଯାନ କରାଯାଉଛି, ଏହି କ୍ରମେ ବରଗଡ଼ ଜିଲ୍ଲାର ଏକ ହଜାର ବ୍ୟାଙ୍କ ଆକାଉଣ୍ଟକୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ଟାଉନ ପୋଲିସ ବାନ୍ଧୁଟିକ୍ରା ବାସିନ୍ଦା ସୋମ୍ୟ ରଞ୍ଜନ ଦୀପଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅଭିଯୁକ୍ତ ମନୋଜ କୁଶଲ ବେଆଇନ ଭାବେ ଟଙ୍କା କାରବାର ପରିଚାଳନା କରୁଥିଲା। ପରବର୍ତ୍ତୀ ସମୟରେ ସାଇବର ଠକେଇ ପାଇଁ ଅପବ୍ୟବହାର କରୁଥିଲା। ଏପରିକି ନିରୀହ ଲୋକଙ୍କୁ ଏକ ହଜାରରୁ ଦଶ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରଲୋଭନ ଦେଇ ସେମାନଙ୍କ ନାଁରେ ବ୍ୟାଙ୍କ ଆକାଉଣ୍ଟ ଖୋଲି ସେହି ଆକାଉଣ୍ଟକୁ ସାଇବର ଠକେଇରେ ବ୍ୟବହାର କରୁଥିଲା। ଏପରି ଆକାଉଣ୍ଟ ଖୋଲିବା ପରେ, ସେ ପାସବୁକ୍ ନିଜ ହେପାଜତକୁ ନେଇ ଥିଲେ ଏବଂ ଏହି ଆକାଉଣ୍ଟ ଗୁଡ଼ିକ ମାଧ୍ୟମରେ ଠକେଇ ଦ୍ୱାରା ପ୍ରାପ୍ତ ଟଙ୍କା ସ୍ଥାନାନ୍ତର କରୁଥିଲେ। ଅଭିଯୁକ୍ତ ମନୋଜ କୁମାର କୁଶଲଙ୍କ ଘରେ ଚଢ଼ଉ ଏବଂ ପଚରାଉଚରା ଚାଲିଥିବା ସମୟରେ ସେ ତାଙ୍କ ଗାଡ଼ି ନେଇ ପଳାଇବାକୁ ଚେଷ୍ଟା କରିଥିଲେ। ତଥାପି ତାଙ୍କୁ ଅଟକ ରଖାଯାଇଥିଲା ଏବଂ ପଚରାଉଚରା ସମୟରେ ସେ ସାଇବର ଠକେଇର ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ତାଙ୍କର ସମ୍ପୃକ୍ତି ସ୍ୱୀକାର କରିଥିଲେ, ସେହିପରି ଝାରବନ୍ଧ ଥାନାରେ ସାଇବର କବଚ ଅଭିଯାନରେ ଅନ୍ୟ ଦୁଇ ଜଣ ଯୁବକଙ୍କୁ ଗିରଫ କରାଯାଇଛି ବୋଲି ଏସ୍‌ପି କହିଛନ୍ତି।

GOVERNMENT OF ODISHA,
"e"-PROCUREMENT NOTICE
13001/322/2526
OFFICE OF THE NOTIFIED AREA COUNCIL, BALLIGUDA
Tender Call Notice
NO 273 Date 18.02.206
E-mail: eonacballiguda@yahoo.in
Bid Identification No. EO_BLG.N_06_2025-26
The Executive Officer, NAC, Balliguda, Dist - Kandhamal inviting percentage rate bid in online mode for the works as detailed in the table from eligible contractors for civil work as detailed in the table below:

1. Name of Work : As per D T C N
2. No of Work : 08
3. Tender Cost : As per D T C N
4. Class of Contractor : As per DTCN
5. Period & time of completion : As per DTCN
6. Available of Bid Document in the Website : From Dt 20.02.2026, 1.00 PM to Dt. 27.02.2026 Up to 5.00 PM.
7. Date of opening of Bid : Dt 02.03.2026 at 11.30 AM
8. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

Sd/- Executive Officer
NAC, Balliguda
OIPR-13001/13097/1/25-26/0001

NOTIFIED AREA COUNCIL, BHANJANAGAR
"e" PROCUREMENT NOTICE
13001/317/2526
Tender Reference No - BNJ/EO/5-2025/26
Tender call Notice No- 785 Dt.- 18.02.2026
Bid documents consisting of plans, Specifications, the schedule of quantities and the set of terms and conditions of contract and other necessary documents can be seen in the Govt, web site i.e. www.tendersorissa.gov.in

1. Name of the work : Civil Works.
2. No. of Works : 12 No.s
3. Bid value : Rs 2.20 to 13.18 Lakh
4. Period of Work : 03 months.
5. Date and time of availability of the bid documents in the portal : 19.02.2026 at 11A.M.to 5.00PM. of dt 06.03.2026.
6. Last date of / Time for receipt of bids in the portal: 06.03.2026 up to 5.00PM
7. Bids received on line shall be opened on 07.03.2026 at 11A.M
8. Name and Address of the officer inviting Bid: Executive Officer, N.A.C., Bhanjanagar.
Further details can be seen from the procurement portal: www.tendersorissa.gov.in

Sd/- Executive Officer
NAC Bhanjanagar
OIPR-13001/13144/1/25-26/0001

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, KENDRPARA
INVITATION FOR BIDS (SHORT NOTICE)
'E' PROCUREMENT NOTICE NO. RWD / KPD-18 / 2025-26 DT.13.02.2026
ecrw_kpd@yahoo.com
25001/156/2526

1. Name of work : Building works in the District of Kendrapara for the year 2025-26
2. Total No of work : 01 Number of Building work
3. Estimated.Cost, : Rs.17.16 lakhs approximately
4. Period of Completion : As Specified in the Annexure
5. Class of contractors : As Specified in the Annexure
6. Cost of tender paper : Cost offender paper is to be remitted ONLINE as specified in column-5 of the Annexure.
7. Detail projects : As Specified in the Annexure

Other details as follows:
a) Procurement officer : Executive Engineer Rural Works Division, Kendrapara
b) Availability of tender online : 23.02.2026 at 11:00 AM to 07.03.2026 up to 5:00 PM
c) Last date & time of seeking of tender clarification : 06.03.2026 up to 5.00 PM
d) Opening Of "Tender : 09.03.2026 at 11:00 AM
e) Decision to conduct Lottery : If required, to decide the agency, transparent Lottery shall be conducted on dt 12.03.2026 at 11.00 A.M in Office Chamber of the undersigned.
Further details can be seen from the Govt, website www.tendersorissa.gov.in

Sd/- Executive Engineer
Rural Works Division, Kendrapada
OIPR-25001/25064/1/25-26/0001

# ଭାରତୀୟ ମହିଳା ଦଳକୁ ୧୯ ରନ୍‌ରେ ହରାଇଲା ଅଷ୍ଟ୍ରେଲିଆ

**କାନ୍‌ବେରା**

ଭାରତ-ଅଷ୍ଟ୍ରେଲିଆ ଦ୍ୱିତୀୟ ଟ୍ୱେଣ୍ଟି-୨୦ରେ ଭାରତୀୟ ମହିଳା ଦଳ ଅଷ୍ଟ୍ରେଲିଆ ଠାରୁ ୧୯ ରନ୍‌ରେ ପରାସ୍ତ ହୋଇଛି। ଏହା ସହିତ ଏହି ତିନି ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳା ୧-୧ରେ ବରାବର ହୋଇଯାଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଦଳ ୨୦ ଓଭରରେ ୫ ୱିକେଟ୍ ହରାଇ ୧୬୫ ରନ୍ କରିଥିଲା।

ଦଳ ପକ୍ଷରୁ ଜର୍ଜିଆ ଭଲ୍ ୮୮(୫୭ ବଲ୍, ୧୧ ଚୌକା, ୧ ଛକା) ଓ ବଥ୍ ମୁନି ୪୬ ରନ୍ (୩୯ ବଲ୍) କରିଥିଲେ। ଭାରତ ପକ୍ଷରୁ ଅରୁନ୍ଧତୀ ରେଡ୍ଡି ୩୦ ରନ୍ ବ୍ୟୟ କରି ୨ଟି ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ଭାରତ ୨୦ ଓଭରରେ ୯ ୱିକେଟ୍ ହରାଇ ୧୪୪ ରନ୍ ହିଁ କରିପାରିଥିଲା। ଦଳ ପକ୍ଷରୁ ଦୁଇ ଓପନର ସ୍ମୃତି ମାନ୍ଧାନା (୨୪ ବଲ୍‌ରୁ ୩୧ ରନ୍) ଓ ଶେଫାଳି ବର୍ମା (୨୩ ବଲ୍‌ରୁ ୨୯ରନ୍) ପ୍ରଥମ ୱିକେଟ୍ ଯୋଡ଼ିରେ ୫୭ ରନ୍‌ର ଏକ ଦୃଢ଼ ଭାଗୀଦାର କରିଥିବାବେଳେ ମଧ୍ୟକ୍ରମରେ ହରମନପ୍ରିତ୍ କୌର ଓ ରଚା ଘୋଷଙ୍କ ୫୫ରନ୍‌ର ଆଉ ଏକ ଭାଗୀଦାର ହୋଇଥିଲା। ଏହା ସତ୍ତ୍ୱେ ଶେଷ ଚାରି ଓଭରରେ ଭାରତ ଗୁରୁତର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏପରିକି ୧୨୬ ରନ୍‌ରେ ଦଳ ୪ଟି ୱିକେଟ୍ ହରାଇଥିବାବେଳେ ଆଉ ୭ ରନ୍ ମଧ୍ୟରେ ଦଳ ୫ଟି ୱିକେଟ୍ ହରାଇଥିଲା।

ଏହି ବିପର୍ଯ୍ୟୟ ଫଳରେ ଦଳ ୧୪୪ ରନ୍‌ରେ ସୀମିତ ରହିଯାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଆସ୍‌ଲେ ଗାର୍ଡନର ୩ଟି ୱିକେଟ୍ ନେଇଥିବାବେଳେ କିମ୍ ଗାର୍ଥ, ଆନାବେଲ୍ ସଦରଲାଣ୍ଡ ଓ ସୋଫି ମୋଲିନେକ୍ସ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଜର୍ଜିଆ ଭଲ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଦିଆଯାଇଥିଲା।



# ଚତୁର୍ଥ ବାର୍ଷିକ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା : ପାଣ୍ଡୁଲିପୋଷି ଟିମ୍ ଚାମ୍ପିଅନ

**ଯୋଡ଼ା। ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଗୁଆଲି ଲୌହ ଖଣି, ବଡ଼ବିଲ ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଚତୁର୍ଥ ବାର୍ଷିକ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ଆଖ ପାଖ ଗାଁର ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ପାଣ୍ଡୁଲିପୋଷି ମିନି ଖେଳପଡ଼ିଆରେ ଅନୁଷ୍ଠିତ ଦୁଇ ଦିବସୀୟ ଫୁଟବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ରୋମାଞ୍ଚପୂର୍ଣ୍ଣ ରହିଥିଲା। ପାଣ୍ଡୁଲିପୋଷି ଫୁଟବଲ ଏକାଦଶ ଓ ଜନମ ବୁରୁ ଏକାଦଶ ମଧ୍ୟରେ ମୁକାବିଲା ଶେଷ ପର୍ଯ୍ୟନ୍ତ ଦେଖିବାକୁ ମିଳିଥିଲା। ପାଣ୍ଡୁଲିପୋଷି ଫୁଟବଲ ଏକାଦଶ ଜନମ ବୁରୁ ଫୁଟବଲ ଏକାଦଶକୁ ୧-୦ ଗୋଲରେ ହରେଇ ବିଜୟ ହାସଲ କରିଥିଲା। ପ୍ରତିଯୋଗିତା ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଡ଼ା ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷ କବିନ୍ଦ୍ର ନାଏକ, ଯୋଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡାନିସ ବେହେରା, ଓଡ଼ିଶା ଖଣି ନିଗମ ଏଜିଏମ (ମାଇନିଂ) ଜ୍ଞାନ ପ୍ରକାଶ ମହାପାତ୍ର, ଗୁଆଲି ଲୌହ ଖଣି ପ୍ରବନ୍ଧକ ପ୍ରବୀଣ କୁମାର ମହାନ୍ତ, ଗୁଆଲି ଗ୍ରାମପଞ୍ଚାୟତ ସରପଞ୍ଚ ବିଦ୍ୟାଧର ନାୟକ ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ। ବଡ଼ବିଲ ଆଞ୍ଚଳିକ କାର୍ଯ୍ୟାଳୟ ସିଏସଆର ପରାମର୍ଶଦାତା ନୂତନ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭିନ୍ନ ସମୟରେ ଗ୍ରାମାଞ୍ଚଳରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ ଗ୍ରାମୀଣ କ୍ରୀଡ଼ା ବିକାଶକୁ ପ୍ରୋତ୍ସାହନ ଦେବା ନିତ୍ୟାନ୍ତ ଏହିଭଳି ପ୍ରତିଯୋଗିତା ଅନୁଷ୍ଠିତ କରାଯିବା ଆବଶ୍ୟକ ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ବିଜେତା ଦଳ ପାଣ୍ଡୁଲିପୋଷି ଏକାଦଶ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିବା ବେଳେ ରନର୍ସଅପ୍ ଜନମ ବୁରୁ ଏକାଦଶକୁ ଟ୍ରଫି ପ୍ରଦାନ କରାଥିଲେ। ପରିଶେଷରେ ଓଡ଼ିଶା ଖଣି ନିଗମ ସିଏସଆର ଅଧିକାରୀ ଆଶିଷ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଚତୁର୍ଥ ବାର୍ଷିକ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତାକୁ କୃଷ୍ଣଚନ୍ଦ୍ର ମହାନ୍ତ, ଦୀପକ ମହାନ୍ତ, ଶଙ୍କର୍ଷଣ ନାଏକ, ଜତୀନ ମହାନ୍ତଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିବା ବେଳେ ଭାଗିରଥି ପାତ୍ର ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତାକୁ ଦେଖିବା ପାଇଁ ଆଖ ପାଖ ଗ୍ରାମାଞ୍ଚଳର ଲୋକଙ୍କ ବିପୁଳ ଜନ ସମାଗମ ଦେଖିବାକୁ ମିଳିଥିଲା।





ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ର ମନ୍ତ୍ରୀ

# ୨ କ୍ଲଷ୍ଟରକୁ ପୃଥକ ସିଟି ଇକୋନୋମିକ ରିଜିୟନରେ ବିକଶିତ ପାଇଁ କଲେ ଅନୁରୋଧ

**ନୂଆଦିଲ୍ଲୀ/ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସମ୍ବଲପୁର-ସୁନ୍ଦରଗଡ଼-ଝାରସୁଗୁଡ଼ା-ବରଗଡ଼ କ୍ଲଷ୍ଟର ଏବଂ ଅନୁଗୋଳ-ଢେଙ୍କାନାଳ କ୍ଲଷ୍ଟରକୁ ଦୁଇଟି ପୃଥକ 'ସିଟି ଇକୋନୋମିକ ରିଜିୟନ' ଭାବରେ ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିଠି ଲେଖି ଅନୁରୋଧ କରିଛନ୍ତି । ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ର (ବିସିପିପିଇଆର) ମଡେଲରେ ଏହି ଇକୋନୋମିକ ରିଜିୟନ ଗଠନ ପାଇଁ ସେ ପ୍ରସ୍ତାବ ଦେଇଛନ୍ତି ।



ଶ୍ରୀ ପ୍ରଧାନ ଚିଠିରେ ଦର୍ଶାଇଛନ୍ତି ଯେ, ସମ୍ବଲପୁର-ସୁନ୍ଦରଗଡ଼-ଝାରସୁଗୁଡ଼ା-ବରଗଡ଼ ଅଞ୍ଚଳରେ ପ୍ରଚୁର ଖଣିଜ ସମ୍ପଦ, ଶିଳ୍ପ ଭିତ୍ତିଭୂମି ରହିଛି । ଏନଆଇଟି ରାଉରକେଲା, ଆଇଆଇଏମ ସମ୍ବଲପୁର, ଭିସୁଟ ବୁର୍ଲା ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଯୋଗୁଁ ଏହା ଆଧୁନିକ ଜ୍ଞାନକୌଶଳ, ନବସୃଜନ ଏବଂ ନୂଆ ନୂଆ ଷ୍ଟାର୍ଟଅପ୍ କ୍ଷେତ୍ରରେ 'ନ୍ୟୁ ଏଜ୍ ଇକୋନୋମୀ'ର ଏକ କେନ୍ଦ୍ରବିନ୍ଦୁ ଭାବରେ ସ୍ଥାପିତ କରୁଛି । ଉତ୍ତମ ସଂଯୋଗୀକରଣ ଏବଂ ପ୍ରଚୁର ସମ୍ପଦ ଯୋଗୁଁ ଏହାକୁ ଏକ 'ସିଟି ଇକୋନୋମିକ ରିଜିୟନ' ଭାବେ ଗଢ଼ିବା ପାଇଁ ସବୁ ପ୍ରକାର ଯୋଗ୍ୟତା ରହିଛି । ସଡ଼କ ଓ ରେଳପଥ ସହ ଝାରସୁଗୁଡ଼ା (ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର), ରାଉରକେଲା, ସମ୍ବଲପୁର (ଜମାଦାରପାଲି) ଏବଂ ବରଗଡ଼ (ସତିଭଟା)ର ବିମାନ ଚଳାଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଅଞ୍ଚଳରେ ଥିବା ଦେବ୍ରିଗଡ, ଭୀମମଣ୍ଡଳୀ, ବେଦବ୍ୟାସ, ଖଣ୍ଡାଧାର ପ୍ରଧାନପାଟ ଭଳି ପର୍ଯ୍ୟଟନର ଯଥେଷ୍ଟ ସମ୍ଭାବନା ରଖୁଛି । ସେହିପରି ଅନୁଗୋଳ-ଢେଙ୍କାନାଳ ରିଜିୟନ କେବଳ ଓଡ଼ିଶା ପାଇଁ ନୁହେଁ, ବରଂ ସାରା ଭାରତର ଆର୍ଥିକ ପ୍ରଗତି ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏଠାରେ ପ୍ରଚୁର ପରିମାଣରେ କୋଇଲା, କ୍ରୋମାଇଟ୍ ଏବଂ ଲୁହା ପଥର ମିଳୁଥିବାରୁ ଏହା ଭାରୀ ଶିଳ୍ପ, ନୂତନ କାରଖାନା ଏବଂ ସୌର ଶକ୍ତି ଭଳି ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ଏକ ଉତ୍କୃଷ୍ଟ ସ୍ଥାନ । ଅନୁଗୋଳ-ଢେଙ୍କାନାଳ ଅଞ୍ଚଳରେ ବ୍ରାହ୍ମଣୀ ନଦୀ ଦେଇ ନିକଟରେ ଘୋଷଣା କରାଯାଇଥିବା ୫ ନମ୍ବର ଜାତୀୟ ଜଳପଥ ପରିବହନ କ୍ଷେତ୍ରରେ ବିପ୍ଳବ ଆଣିବ । ଏହା ତାଳଚେର, କଳିଙ୍ଗନଗର ଓ ପାରାଦୀପ ମଧ୍ୟରେ ଖଣିଜ ଦ୍ରବ୍ୟର ଶସ୍ତା ପରିବହନ ପାଇଁ ରାସ୍ତା ଫିଟାଇବ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ସମ୍ବଲପୁର-ସୁନ୍ଦରଗଡ଼-ଝାରସୁଗୁଡ଼ା-ବରଗଡ଼ ଓ ଅନୁଗୋଳ-ଢେଙ୍କାନାଳ କ୍ଲଷ୍ଟର ରାଜ୍ୟର ମୋଟ ଜିଏସଡିପିରେ ୨୬ % ରୁ ଅଧିକ ଯୋଗଦାନ ରଖୁଛି । ଏହି ଅଞ୍ଚଳରେ ଜିସିସି ଡାଟା ସେଣ୍ଟର, ଇଲେକ୍ଟ୍ରୋନିକ୍ସ ଉତ୍ପାଦନ, ବସ୍ତ୍ର ଶିଳ୍ପ ଏବଂ ଖାଦ୍ୟ ପ୍ରକ୍ରିୟାକରଣ (ବିଶେଷ କରି ଲଘୁ ବନଜାତ ଦ୍ରବ୍ୟ ଭିତ୍ତିକ) କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶର ସୁଯୋଗ ରହିଛି। ଏହି ନୂତନ କରିଡରଗୁଡ଼ିକର ବିକାଶ କରାଗଲେ, ଏହା ଶିଳ୍ପାୟନ ଓ ବ୍ୟବସ୍ଥିତ ସହରୀକରଣ ମାଧ୍ୟମରେ ରାଜ୍ୟର ସମୃଦ୍ଧି ଏବଂ ଜନସାଧାରଣଙ୍କ ସାମଗ୍ରିକ କଲ୍ୟାଣ ସୁନିଶ୍ଚିତ କରିବାରେ ଏକ ମୁଖ୍ୟ ଆଧାର ସାଜିବ । ଏହି ଦୁଇଟି ନୂତନ ଇକୋନୋମିକ ରିଜିୟନ ଗଠନ ହେଲେ ଶିଳ୍ପାୟନକୁ ବଡ଼ ଗତି ମିଳିବା ସହ ହଜାର ହଜାର ସ୍ଥାନୀୟ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହା ରାଜ୍ୟ ଓ ଦେଶର ସାମଗ୍ରିକ ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଏହି ପ୍ରସ୍ତାବ ସମ୍ବନ୍ଧୀୟ ଏକ ବିସ୍ତୃତ 'କନସେପ୍ଟ ନୋଟ୍' ମଧ୍ୟ ସେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି ।

ରାଞ୍ଚି ଆକାଶବାଣୀ କେନ୍ଦ୍ରରେ 'ବିକଶିତ ଭାରତ ୨୦୪୭' ଉପରେ ଆଲୋଚନା

# ଏଫ ଏମ୍ ପ୍ରସାରଣର ସମ୍ପୂର୍ଣ୍ଣ ଉପଯୋଗ ପାଇଁ ଏଡିଜିଙ୍କ ପରାମର୍ଶ

**ରାଞ୍ଚି, ନ୍ୟୁଜ ବ୍ୟୁରୋ**



ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ପତ୍ର ସୂଚନା କାର୍ଯ୍ୟାଳୟ ରାଂଚି/ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ରାଞ୍ଚିକୁ ତାଙ୍କର ତିନି ଦିନିଆ ଗସ୍ତରେ ଯାଇ ଗୁରୁବାର ରାଞ୍ଚି ଆକାଶବାଣୀ କେନ୍ଦ୍ର ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ ଅଧିକାରୀ ଏବଂ କର୍ମଚାରୀଙ୍କ ସହ ଆଲୋଚନା କରିବା ସହିତ 'ବିକଶିତ ଭାରତ ୨୦୪୭' ଲକ୍ଷ୍ୟ ସମ୍ପର୍କରେ ଗଣମାଧ୍ୟମ ଏବଂ ପ୍ରସାରଣ କ୍ଷେତ୍ରରେ ହେଉଥିବା ଡିଜିଟାଲ ପରିବର୍ତ୍ତନ ଉପରେ ବିସ୍ତୃତ ଭାବେ ମତ ବିନିମୟ କରିଥିଲେ। ଶ୍ରୀ ମିଶ୍ର କହିଥିଲେ ଯେ ସମଗ୍ର ବିଶ୍ୱରେ ଡିଜିଟାଲ ପରିବର୍ତ୍ତନ ଦ୍ରୁତ ଗତିରେ ଘଟୁଛି ଏବଂ ଭାରତ ମଧ୍ୟ ଏହି ପରିବର୍ତ୍ତନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ସେ କହିଛନ୍ତି ଯେ ଜନସାଧାରଣଙ୍କ ସୂଚନା ଏବଂ ମନୋରଞ୍ଜନର ବ୍ୟବହାର ଢାଂଚାରେ ବ୍ୟାପକ ପରିବର୍ତ୍ତନ ଆସିଛି, ଯାହା ସୂଚନା ପ୍ରସାର ପ୍ରକ୍ରିୟାକୁ ମଧ୍ୟ ପ୍ରଭାବିତ କରିଛି। ନୂତନ ମନୋରଞ୍ଜନ ମାଧ୍ୟମ ଏବଂ ଡିଜିଟାଲ ପ୍ଲାଟଫର୍ମର ଆଗମନ ସହିତ, ବିଷୟବସ୍ତୁର ପ୍ରକୃତି ଏବଂ ଏହାର ଚାହିଦା କ୍ରମାଗତ ଭାବରେ ବଦଳୁଛି। ସେ କହିଥିଲେ ଯେ ଗଣମାଧ୍ୟମ କ୍ଷେତ୍ରରେ ଆଜି ଅନେକ ଧାରା ପ୍ରଚଳିତ ରହିଛି, ଯାହା ୩୦ ବର୍ଷ ପୂର୍ବେ ନଥିଲା। ବୈଷୟିକ ପ୍ରଗତି ସହ ସ୍ଥାନୀୟ କଂଟେଂଟର ଗୁରୁତ୍ୱ ମଧ୍ୟ ବୃଦ୍ଧି ପାଇଛି । ବିଶେଷ କରି ରାଂଚି ଭଳି ସହରରେ ଏହା ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ ।

ଶ୍ରୀ ମିଶ୍ର ଆକାଶବାଣୀ କେନ୍ଦ୍ରର କର୍ମଚାରୀମାନଙ୍କୁ ପ୍ରଶଂସା କରି କହିଥିଲେ ଯେ ସ୍ଥାନୀୟ ବିଷୟବସ୍ତୁ ଏବଂ ଆଂଚଳିକ ସାମଗ୍ରୀକୁ ପ୍ରୋତ୍ସାହିତ କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଫ.ଏମ. ପ୍ରସାରଣରେ ସୃଜନଶୀଳତାର ବିପୁଳ ସମ୍ଭାବନା ରହିଛି ବୋଲି ଉଲ୍ଲେଖ କରି ସେ କର୍ମଚାରୀମାନଙ୍କୁ ଏହି ସୁଯୋଗର ସମ୍ପୂର୍ଣ୍ଣ ଉପଯୋଗ କରିବାକୁ ଆହ୍ୱାନ କରିଥିଲେ। ସେ ଏହା ମଧ୍ୟ କହିଥିଲେ ଯେ ପ୍ରସାରଣ କ୍ଷେତ୍ରରେ ଆର୍ଥିକ ଦିଗ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଲାଭର ଉଦ୍ଦେଶ୍ୟ ରଖି କେବେ ବି ଜନସେବାର ମୌଳିକ ଲକ୍ଷ୍ୟକୁ ଦୁର୍ବଳ କରିବା ଉଚିତ ନୁହେଁ। କାର୍ଯ୍ୟକ୍ରମ ସମୟରେ, ଗଣମାଧ୍ୟମ ଏବଂ ପ୍ରସାରଣର ପରିବର୍ତ୍ତିତ ପ୍ରକୃତି, ଡିଜିଟାଲ୍ ଯୁଗରେ ବିଷୟବସ୍ତୁ ସୃଷ୍ଟି, ସୂଚନା ପ୍ରସାରରେ ନୂତନ ଧାରା ଏବଂ ଜନସେବା ପ୍ରସଙ୍ଗରେ ପ୍ରସାରଣ ଗଣମାଧ୍ୟମର ଭୂମିକା ଉପରେ ଏକ ଅର୍ଥପୂର୍ଣ୍ଣ ଆଲୋଚନା ହୋଇଥିଲା। ଏହି ଆଲୋଚନା ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ଜ୍ଞାନପ୍ରଦ ଏବଂ ପ୍ରେରଣାଦାୟୀ ଥିଲା। ରାଂଚି ଆକାଶ ବାଣୀ କେନ୍ଦ୍ରର ମୁଖ୍ୟ ଶ୍ରୀ ଡି. ସି. ହେମ୍ବ୍ରମ୍, କାର୍ଯ୍ୟକ୍ରମ ମୁଖ୍ୟ ଶ୍ରୀ ଜାଭିୟର୍ କାଣ୍ଡୁଲନା, ସମ୍ବାଦ ବିଭାଗ ମୁଖ୍ୟ ଶ୍ରୀମତୀ ମହବିଶ୍ ରହମାନ୍, କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଶ୍ରୀ ପ୍ରଭୁ ଶରଣ, କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଶ୍ରୀ ସଞ୍ଜୀବ କୁମାର ଲାଲ୍, ଆକାଶ ବାଣୀ କେନ୍ଦ୍ରର ଉଦଘୋଷକମାନେ ଏହି ବୈଠକରେ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତରେ ପିଲା...

ସେ ଆହୁରି ମଧ୍ୟ କହିଥିଲେ ଯେ ପିଲାମାନଙ୍କ ସୁରକ୍ଷା ଏକ ବଡ଼ ପ୍ରାଥମିକତା। ପିଲାମାନେ ଇଣ୍ଟରନେଟରେ ଯାହା ଅନୁମତି ନାହିଁ , ତାହା ଦେଖିବା ଉଚିତ୍ ନୁହେଁ। ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ଏବଂ ଇଣ୍ଟରନେଟକୁ ସୁରକ୍ଷିତ କରିବା ପ୍ଲାଟଫର୍ମ, ସରକାର ଏବଂ ନିୟାମକମାନଙ୍କର ଦାୟିତ୍ୱ। ଫ୍ରାନ୍ସ ଏବେ ୧୫ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଲଗାଇବା ପ୍ରକ୍ରିୟା ଆରମ୍ଭ କରୁଛି। ଗ୍ରୀସ୍, ସ୍ପେନ୍ ଏବଂ ଅନ୍ୟାନ୍ୟ ୟୁରୋପୀୟ ଦେଶଗୁଡ଼ିକ ମଧ୍ୟ ଏହି ପଦକ୍ଷେପରେ ସାମିଲ ଅଛନ୍ତି ଏବଂ ଭାରତ ମଧ୍ୟ ଏହି ଅଭିଯାନରେ ଯୋଗଦେବାର ଆଶା କରାଯାଉଛି। ସେ କହିଥିଲେ, 'ମୁଁ ଜାଣେ, ପ୍ରଧାନମନ୍ତ୍ରୀ ମୋଦୀ, ଆପଣ ମଧ୍ୟ ଏହି ପଦକ୍ଷେପରେ ଯୋଗଦେବେ ଏବଂ ଏହା ବହୁତ ଭଲ ଖବର ହେବ ଯେ ଭାରତ ମଧ୍ୟ ଶିଶୁ ଏବଂ କିଶୋରମାନଙ୍କ ସୁରକ୍ଷା ପାଇଁ ଏପରି ପଦକ୍ଷେପରେ ଯୋଗଦେବ।

## ଜେଲର ସନ୍ତୋଷିନୀ ...

ଆଦେଶ ପରେ ମଧ୍ୟ ଜେଲର ସନ୍ତୋଷିନୀ ଦାଶ ନିର୍ଦ୍ଧାରିତ ସମୟରେ ନୂତନ ଦାୟିତ୍ୱ ଗ୍ରହଣ କରିନଥିଲେ। ଶେଷରେ ଜେଲ୍ ଡିଜିଙ୍କ ଦ୍ୱାରା ନିଲମ୍ବନ ଆଦେଶ ଜାରି କରାଯାଇଛି।

## ସବୁକିଛି ମାଗଣାରେ...

କହିଛନ୍ତି ଯେ ବିଦ୍ୟୁତ୍ କମ୍ପାନୀଗୁଡ଼ିକ ଶୁଳ୍କ ମାଧ୍ୟମରେ ସମ୍ପୂର୍ଣ୍ଣ ମୂଲ୍ୟ ଆଦାୟ ସୁନିଶ୍ଚିତ କରିବା ଆବଶ୍ୟକ। ଦେଶର ମାଗଣା ବ୍ୟବସ୍ଥା ଉପରେ ମତାମତ ଦେଇ ସିଜେଆଇ ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଏହି ପ୍ରକାରେ ମାଗଣା ବଣ୍ଟା ଦେଶର ଆର୍ଥିକ ବିକାଶକୁ ବାଧା ଦେବ। ଯେଉଁମାନେ ଶିକ୍ଷା କିମ୍ବା ମୌଳିକ ଜୀବନଯାପନ ଖର୍ଚ୍ଚ ବହନ କରିପାରୁନାହାଁନ୍ତି ସେମାନଙ୍କୁ ସୁବିଧା ଯୋଗାଇବା ରାଜ୍ୟର କର୍ତ୍ତବ୍ୟ, କିନ୍ତୁ ଯେଉଁମାନେ ଉପଭୋଗ କରୁଛନ୍ତି ସେମାନେ ପ୍ରଥମେ ମାଗଣା ବଣ୍ଟାକୁ ପକେଟରେ ପକାଉଛନ୍ତି। ଏହା କ'ଣ ସରକାର ଧ୍ୟାନ ଦେବା ଉଚିତ ନୁହେଁ? ଆମେ ଏପରି ଏକ ରାଜ୍ୟ ବିଷୟରେ ଜାଣୁ ଯେଉଁଠାରେ ବିଦ୍ୟୁତ ମାଗଣା; ଯଦି ଆପଣ ଜଣେ ବଡ଼ ଜମିଦାର ହୁଅନ୍ତି, ତେବେ ଆପଣ ଲାଇଟ୍ ଜାଳିଦିଅନ୍ତି। ଯଦି ଆପଣଙ୍କୁ କୌଣସି ସୁବିଧା ଆବଶ୍ୟକ ହୁଏ, ତେବେ ଆପଣଙ୍କୁ ଏଥିପାଇଁ ଦେୟ ଦେବାକୁ ପଡିବ। ଏହା ଟିକସ ଟଙ୍କା। ଆମେ କେବଳ ତାମିଲନାଡୁ ବିଷୟରେ କହୁନାହୁଁ। ଆମେ ପଚାରିବାକୁ ଚାହୁଁଛୁ ଯେ ନିର୍ବାଚନ ପୂର୍ବରୁ କାହିଁକି ଯୋଜନା ଘୋଷଣା କରାଯାଉଛି ? ସମସ୍ତ ରାଜନୈତିକ ଦଳ, ସମାଜବିଜ୍ଞାନୀ ଏବଂ ବିଚାରଧାରାକୁ ଏହା ଉପରେ ପୁନର୍ବିଚାର କରିବାକୁ ପଡିବ। ଏହା କେତେଦିନ ପର୍ଯ୍ୟନ୍ତ ଚାଲିବ ? ରାଜ୍ୟଗୁଡ଼ିକ କ୍ଷତିରେ ଚାଲୁଛନ୍ତି, ତଥାପି ସେମାନେ ମାଗଣାରେ ସାମଗ୍ରୀ ପ୍ରଦାନ କରୁଛନ୍ତି। ଯଦି ଆପଣ ବାର୍ଷିକ ରାଜସ୍ୱର ୨୫% ସଂଗ୍ରହ କରନ୍ତି, ତେବେ ଏହାକୁ ରାଜ୍ୟ ବିକାଶ ପାଇଁ କାହିଁକି ବ୍ୟବହାର କରାଯାଇପାରିବ ନାହିଁ? ପ୍ରଧାନ ବିଚାରପତି କହିଛନ୍ତି ଯେ ରାଜ୍ୟ ସରକାରମାନଙ୍କୁ ମାଗଣା ଏବଂ ଜନମଙ୍ଗଳ ଯୋଜନା ମଧ୍ୟରେ ପାର୍ଥକ୍ୟ ବୁଝିବା ଉଚିତ। ଗରିବ ଏବଂ ପଛୁଆ ଲୋକଙ୍କୁ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା ଯୋଗାଇବା ରାଜ୍ୟର କର୍ତ୍ତବ୍ୟ ହୋଇଥିଲେ ମଧ୍ୟ ଧନୀ କିମ୍ବା ଧନୀମାନଙ୍କୁ ଅନାବଶ୍ୟକ ମାଗଣା ଯୋଗାଇବା ଅନ୍ୟାୟ। ଯଦି ରାଜ୍ୟଗୁଡ଼ିକ ମାଗଣା ଖାଦ୍ୟ, ମାଗଣା ସାଇକେଲ, ମାଗଣା ବିଦ୍ୟୁତ୍ ଏବଂ ସିଧାସଳଖ ନଗଦ ସ୍ଥାନାନ୍ତର ପ୍ରଦାନ କରିବା ଜାରି ରଖନ୍ତି, ତେବେ ବିକାଶ ପାଇଁ ଟଙ୍କା କେଉଁଠାରୁ ଆସିବ ? ସୁପ୍ରିମକୋର୍ଟ ଉଲ୍ଲେଖ କରିଛନ୍ତି ଯେ ଅନେକ ରାଜ୍ୟ ପୂର୍ବରୁ କ୍ଷତିରେ ଅଛନ୍ତି, ତଥାପି ସେମାନେ ନୂତନ କଲ୍ୟାଣକାରୀ ଯୋଜନା ଆରମ୍ଭ କରୁଛନ୍ତି। ଏହି ମାମଲାରେ ସୁପ୍ରିମକୋର୍ଟ ତାମିଲନାଡୁ ସରକାରଙ୍କୁ କଡ଼ା ଭର୍ତ୍ସନା କରିଛନ୍ତି। ରାଜ୍ୟ ସରକାର କିଛି ସମ୍ପ୍ରଦାୟ ପାଇଁ ବିଦ୍ୟୁତ୍ ଶୁଳ୍କରେ ସବସିଡି ଦେବା ପାଇଁ ଏକ ଯୋଜନା ଘୋଷଣା କରିଥିଲେ। ଏହା ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡ଼ିକ ଉପରେ ଆର୍ଥିକ ଚାପ ପକାଇଥିଲା, ଯେଉଁମାନେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ବିରୁଦ୍ଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ସମସ୍ତ ଅବୈଧ...

ପ୍ରଶାସନର ବରିଷ୍ଠ ଅଧିକାରୀ ଦେବବ୍ରତ ସାହୁ, ରାଜସ୍ୱ ବିଭାଗର ଭୂସଂସ୍କାର ଶାଖାର ବରିଷ୍ଠ ଅଧିକାରୀବୃନ୍ଦ, ଖୋର୍ଦ୍ଧା ଜିଲ୍ଲାର ଉପଜିଲ୍ଲାପାଳ ଏବଂ ତହସିଲଦାରଗଣ ଉପସ୍ଥିତ ଥିଲେ।

## ରାଜ୍ୟର ଅଭିବୃଦ୍ଧି ...

ଟନ ଥିଲା, ଯାହା ୨୦୨୩-୨୪ଠାରୁ ୨.୮ ପ୍ରତିଶତ ବୃଦ୍ଧି ପାଇଛି । ସେହିପରି ଜଳସେଚନ ଭିତ୍ତିଭୂମି କ୍ଷେତ୍ରରେ ଓଡ଼ିଶା ଉଲ୍ଲେଖନୀୟ ପୁଞ୍ଜିବିନିଯୋଗ କରିଛି । ରାଜ୍ୟରେ ଜଳସେଚନ କ୍ଷମତା ବର୍ତ୍ତମାନ ୭୪.୨ ଲକ୍ଷ ହେକ୍ଟର ଜମିରେ ପହଞ୍ଚିଛି । ରାଜ୍ୟରେ ଦୁଗ୍ଧ ଉତ୍ପାଦନ ଗତବର୍ଷ ତୁଳନାରେ ୨୦୨୪-୨୫ରେ ପ୍ରାୟ ୩ ପ୍ରତିଶତ ବୃଦ୍ଧି ପାଇ ୨୭.୧ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି । ମତ୍ସ୍ୟ ଉତ୍ପାଦନ ଏବଂ ସାମୁଦ୍ରିକ ରପ୍ତାନୀ ମଧ୍ୟ ବୃଦ୍ଧି ପାଇଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରେ ଦର୍ଶାଯାଇଛି । ଓଡ଼ିଶା ହେଉଛି ଦେଶର ୪ର୍ଥ ବୃହତ୍ତମ ମତ୍ସ୍ୟ ଉତ୍ପାଦନକାରୀ ରାଜ୍ୟ। ୨୦୨୪-୨୫ରେ ମାଛ ଉତ୍ପାଦନ ପୂର୍ବ ବର୍ଷ ତୁଳନାରେ ୬.୧ ପ୍ରତିଶତ ବୃଦ୍ଧି ପାଇ ୧୧.୯୨ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି। ସେହିପରି ଓଡ଼ିଶା ଦେଶର ତୃତୀୟ ବୃହତ୍ତମ ସାମୁଦ୍ରିକ ମତ୍ସ୍ୟ ରପ୍ତାନୀକାରୀ ରାଜ୍ୟ। ସାମୁଦ୍ରିକ ଚିଙ୍ଗୁଡ଼ି ରପ୍ତାନୀ ୨୦୧୯-୨୦ରେ ୩୨୪୩୯ କୋଟି ଟଙ୍କାରୁ ବୃଦ୍ଧି ପାଇଁ ୨୦୨୪-୨୫ରେ ୪୭୦୮୧ କୋଟି ଟଙ୍କାରେ ପହଞ୍ଚିଛି। ରିପୋର୍ଟରେ କୁହାଯାଇଛି ଯେ, ୨୦୨୪-୨୫ରେ ଓଡ଼ିଶାରୁ ଦେଶର ୩୦ ଟି ସହର କୁ ବିମାନ ଚଳାଚଳ ବୃଦ୍ଧି ପାଇଛି । ଓଡ଼ିଶାରେ ବର୍ତ୍ତମାନ ୧୨୦୦ ରୁ ଅଧିକ ବିମାନ ଚଳାଚଳ କରୁଛି। ନିକଟ ଅତୀତରେ ନୂତନ ବିମାନ ବନ୍ଦର, ବିମାନ ମାର୍ଗ ପ୍ରତିଷ୍ଠା ଏବଂ ପୁଞ୍ଜି ବିନିଯୋଗ ବୃଦ୍ଧି ସହିତ ଓଡିଶାରେ ବିମାନ ଚଳାଚଳ କ୍ଷେତ୍ର ଯଥେଷ୍ଟ ସମ୍ପ୍ରସାରିତ ହୋଇଛି । ରାଜ୍ୟରେ ପାଞ୍ଚଟି କାର୍ଯ୍ୟକ୍ଷମ ବିମାନ ବନ୍ଦର ରହିଛି ଗୋଟିଏ ଆନ୍ତର୍ଜାତୀୟ ଏବଂ ଚାରୋଟି ଘରୋଇ ୨୦୨୪-୨୫ରେ, ରାଜ୍ୟରୁ ବିମାନ ଚଳାଚଳ କରୁଥିବା ବିମାନ ସଂଖ୍ୟା ୧,୨୦୦ରୁ ଅଧିକ ବୃଦ୍ଧି ପାଇଛି, ଯାହା ହା ବିମାନ ଯାତ୍ରା ଚାହିଦାରେ ବୃଦ୍ଧିକୁ ସୂଚାଉଛି । ସେହିପରି ୨୦୨୧-୨୦୨୫ ମଧ୍ୟରେ ବିମାନ ଯାତ୍ରୀ ଙ୍କ ସଂଖ୍ୟା ୩୧ ପ୍ରତିଶତ ବୃଦ୍ଧି ପାଇଥିବା ରିପୋର୍ଟରେ ଦର୍ଶାଯାଇଛି।

## ବିରୋଧୀ ଦଳ...

ଟଙ୍କା ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତେବେ ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ବେଳେ ଗୃହରେ ବିରୋଧୀ ଦଳର ବିଧାୟକମାନେ ତୁମୁଳ ହଟ୍ଟଗୋଳ ସୃଷ୍ଟି କରିଥିଲେ। ଏପରିକି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ରାଜ୍ୟପାଳଙ୍କ ଅଭିଭାଷଣ ସମ୍ବଳିତ ପୁସ୍ତିକାକୁ ଚିରି ଗୃହ ମଧ୍ୟରେ ଫିଙ୍ଗି ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ପୂର୍ବରୁ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗନେବା ପାଇଁ ବାଚସ୍ପତି ଶ୍ରୀମତୀ ପାଢ଼ୀ ବିରୋଧୀ ଦଳ ବିଧାୟକମାନଙ୍କୁ ଅନୁରୋଧ ଜଣାଇଥିଲେ ମଧ୍ୟ ସେମାନେ ହୋହଲ୍ଲା ଓ ପ୍ରତିବାଦ କରି କକ୍ଷତ୍ୟାଗ କରିଥିଲେ। ଧନ୍ୟବାଦ ପ୍ରସ୍ତାବ ଉପରେ କେବଳ ଶାସକ ବିଜେପିର ବିଧାୟକମାନେ ଭାଗ ନେଇଥିଲେ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ, ଅଶ୍ୱିନୀ ଷଡଙ୍ଗୀ, ପ୍ରତାପ ଚନ୍ଦ୍ର ନାୟକ, ଇରାଶୀଷ ଆଚାର୍ଯ୍ୟ ଓ ଦୁର୍ଗାପ୍ରସନ୍ନ ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଆରମ୍ଭ ହେଲା ...

କଡ଼ାକଡ଼ି ପାଳନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ପରୀକ୍ଷାକୁ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ନେଇ ଗୁରୁତ୍ୱାରୋପ କରିଛନ୍ତି । ସେହିପରି ବିଭାଗୀୟ ଶାସନସଚିବ ମାଧ୍ୟମିକ ଶିକ୍ଷା ପରିଷଦର କମାଣ୍ଡ କଣ୍ଟ୍ରୋଲ୍ ରୁମ୍ ପରିଦର୍ଶନ କରି ପରୀକ୍ଷା ପରିଚାଳନାର ସମସ୍ତ ପ୍ରକ୍ରିୟା ସମୀକ୍ଷା କରିଛନ୍ତି । ଶାନ୍ତିପୂର୍ଣ୍ଣ ଓ ତ୍ରୁଟିମୁକ୍ତ ପରୀକ୍ଷା ସୁନିଶ୍ଚିତ କରିବା ନେଇ ସମସ୍ତ ନିରୀକ୍ଷଣ ଓ ସମନ୍ୱୟ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ।

# ମୟୂରଭଞ୍ଜ ଖଣିରେ ମିଳିଲା ବ୍ୟାପକ ସୁନାର ସନ୍ଧାନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସୁନା ଦର ବଢୁଥିବା ବେଳେ ଓଡ଼ିଶାବାସୀଙ୍କ ପାଇଁ ଆଶ୍ୱସ୍ତିର ଖବର। ମୟୁରଭଞ୍ଜ ମଦନସାହି କାଞ୍ଜିଆ ସୁନା ଖଣିରେ ରହିଛି ୧ ହଜାର ୪୬୨ କେଜି ୭୩୦ ଗ୍ରାମ ସୁନା। ଜିଏସଆଇ ଦ୍ୱାରା ଜି- ୨ ସର୍ଭେ ପରେ ଏହା ଜଣା ପଡ଼ିଛି। ଗୁରୁବାର ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଖଣି ମନ୍ତ୍ରୀ । ଏହା ବାଦ ରାଜ୍ୟରେ ଦେବଗଡ ଜିଲ୍ଲାର ଆଡାସ-ରାମପାଲି ଅଞ୍ଚଳ, କେଉଁଝର ଜିଲ୍ଲାର ଗୋପୁର- ଜଳଡ଼ିହି ଅଞ୍ଚଳ ଅଞ୍ଚଳରେ ସୁନାପଥର ଥିବା ସନ୍ଧାନ ମିଳିଛି । ଏଠାରେ ଅନୁସନ୍ଧାନ କାର୍ଯ୍ୟ ଚାଲୁ ରହିଛି ।

ଏହାବାଦ ଓଡ଼ିଶା ଖଣି ନିଗମ ଦ୍ୱାରା ବିଭିନ୍ନ ପର୍ଯ୍ୟାୟରେ ପ୍ରାରମ୍ଭିକ ଅନୁସନ୍ଧାନ ପରେ ନିମ୍ନ ଲିଖିତ ସ୍ଥାନ ଗୁଡିକରେ ସୁନା ଥିବା ଅନୁମାନ କରାଯାଉଛି। ସେଗୁଡ଼ିକ ହେଲା କେନ୍ଦୁଝର ଜିଲ୍ଲାର ଗାଜିପୁର, ସଲେଇକଣା, ଡିମିରିମୁଣ୍ଡା। ମୟୂରଭଞ୍ଜ ଜିଲ୍ଲାର ଯଶିପୁର, ସୁରିଆଗୁଡା, ରୁଆଁସି, ଇଡେଲକୁଚା, ମରେଡ଼ିହି ଓ ସୁଲେଇପାଟ (ଧୂସୁରା ପାହାଡ) ଏବଂ ବାଦାମ ପାହାଡ ଅଞ୍ଚଳ। ସୁନ୍ଦରଗଡ଼ ଜିଲ୍ଲା ଦିଗ ଝରଣ, ମାଲଡ଼ିହି, ଘୋଗର ଓ ଗିରିଙ୍ଗିକେଳା। କୋରାପୁଟ ଜିଲ୍ଲାର ରୋଙ୍ଗପନ୍ତ, ଗାରିଆ ଓ ଦଶମନ୍ତପୁର, ମାଲକାନଗିରି ଜିଲ୍ଲା- ସୁନାପଦର, କ୍ୟାଙ୍ଗ ଓ ଗୋବିନ୍ଦପଲ୍ଲୀ, ଅନୁଗୁଳ ଜିଲ୍ଲାର ମାଙ୍କଡ଼ଚୁଆଁ, ଟିକିର, ସୋମାକୋଇ, ବୌଦ୍ଧ ଜିଲ୍ଲାର କୁଦଗାଁ, ଜହ୍ନପଙ୍କ ଓ ରାମଗଡ ଅଞ୍ଚଳ। ସମ୍ବଲପୁର ଜିଲ୍ଲାର କେନ୍ଦୁଖୁଣ୍ଟି ଓ କୁନ୍ତରବାହଲ। ଦେବଗଡ଼ ଜିଲ୍ଲାର ସୁନାକେନି, ନିକିତାମାଲ ଓ ଗାଇଲୋ ଅଞ୍ଚଳରେ ସୁନାପଥର ବିକ୍ଷିପ୍ତ ଭାବରେ ଥିବାର ଅନୁମାନ କରାଯାଉଛି।

## ରାଜଧାନୀରେ ୧୫ଲକ୍ଷରୁ ଅଧିକ ଯାନବାହାନ ପଞ୍ଜିକୃତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରରେ ଦୁଇଟି ଆଂଚଳିକ କାର୍ଯ୍ୟାଳୟ ଥିବାବେଳେ ଏଠାରେ ମୋଟ ୧୫,୨୦,୩୪୬ ଗୋଟି ବିଭିନ୍ନ କିସମର ଯାନବାହାନ ପଞ୍ଜିକୃତ ହୋଇଛି । ଏହାଛଡା ଅନ୍ୟ ରାଜ୍ୟ ଓ ଜିଲ୍ଲାରେ ପଞ୍ଜିକୃତ ହୋଇଥିବା ଯାନବାହାନ ମଧ୍ୟ ଏଠାରେ ଚଳାଚଳ କରୁଛି । ରାଜଧାନୀର ଚଳାଚଳ କରୁଥିବା ଯାନବାହାନ ଓ ଏଗୁଡିକୁ ରଖିବାପାଇଁ ସ୍ଥାନ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ରାଜଧାନୀରେ ପଞ୍ଜିକୃତ ୧୫ଲକ୍ଷରୁ ଅଧିକ ଯାନବାହାନ ସହିତ ଅନ୍ୟ ରାଜ୍ୟ ଓ ଜିଲ୍ଲାରେ ପଞ୍ଜିକୃତ ଯାନ ବାହାନ ଏଠାରେ ଚଳାଚଳ କରୁଛି । ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ପାର୍କିଂ ସ୍ଥଳ ନିର୍ମାଣ କରୁଛନ୍ତି ।

# ବ୍ରହ୍ମପୁର ରେଳ ଷ୍ଟେସନର ପୁନଃବିକାଶ ପାଇଁ ୯୩.୧୯ କୋଟି ଟଙ୍କା ମଞ୍ଜୁର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦକ୍ଷିଣ ଓଡ଼ିଶାରେ ରେଳ ଭିତ୍ତିଭୂମି ଏବଂ ଆଂଚଳିକ ବିକାଶକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ସ୍ୱରୂପ, ପ୍ରଥମ ପର୍ଯ୍ୟାୟ ଅନ୍ତର୍ଗତ ୯୩.୧୯ କୋଟି ଟଙ୍କା ବ୍ୟୟରେ ବ୍ରହ୍ମପୁର ରେଳ ଷ୍ଟେସନର ପୁନଃବିକାଶକୁ ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ଷ୍ଟେସନକୁ ଏକ ଆଧୁନିକ, ଯାତ୍ରୀ ଅନୁକୂଳ, ସ୍ମାର୍ଟ ଏବଂ ସ୍ଥାୟୀ ପରିବହନ ହବ୍ ଭାବରେ ପରିଣତ କରିବା ଯାହା ଭବିଷ୍ୟତର ଅଭିବୃଦ୍ଧି ଆବଶ୍ୟକତାକୁ ଆରାମରେ ପୂରଣ କରିପାରିବ।

ଓଡ଼ିଶାର ସିଲ୍କ ସିଟି ଭାବେ ଜଣାଶୁଣା ବ୍ରହ୍ମପୁର ଏବଂ ଗୋପାଳପୁର ସମୁଦ୍ର ବେଳାଭୂମି ଏବଂ ତାରାତାରିଣୀ ମନ୍ଦିର ଭଳି ପ୍ରସିଦ୍ଧ ସ୍ଥାନଗୁଡ଼ିକର ପ୍ରବେଶ ଦ୍ୱାର ଭାବରେ ପରିଚିତ ବ୍ରହ୍ମପୁର ରେଳ ଷ୍ଟେସନ, ଏହି ଅଞ୍ଚଳର ସବୁଠାରୁ ପୁରୁଣା ଏବଂ ବ୍ୟସ୍ତବହୁଳ ରେଳ ଷ୍ଟେସନ ମଧ୍ୟରୁ ଗୋଟିଏ। ଅଦ୍ୟତନ କରାଯାଉଥିବା ଏହି ଷ୍ଟେସନ୍‌ଟି ପୀକ୍ ଆୱରରେ ୫,୦୦୦ରୁ ଅଧିକ ଯାତ୍ରୀ ଭିଡ଼କୁ ସୁଚାରୁ ଭାବେ ପରିଚାଳନା କରିବା ପାଇଁ ଡିଜାଇନ୍ କରାଯାଉଛି, ଯାହା ଫଳରେ ଭିଡ଼ ସମୟ ଏବଂ ପର୍ବପର୍ବାଣୀ ଭିଡ଼ ସମୟରେ ମଧ୍ୟ ସୁଗମ ଏବଂ ବାଧାମୁକ୍ତ ଗତିବିଧି ସୁନିଶ୍ଚିତ ହେବ।




ପୁନଃବିକାଶ ପ୍ରକଳ୍ପରେ ଅନ୍ତର୍ଭୁକ୍ତ ଅଛି ୧୨ ମିଟର ଓସାର ଫୁଟ ଓଭର ବ୍ରିଜର ନିର୍ମାଣ ଏବଂ ସମ୍ପ୍ରସାରଣ – ୬.୭୦ କୋଟି , ଦ୍ରୁତ ଜଳ ଯୋଗାଣ ବ୍ୟବସ୍ଥାର ସ୍ଥାପନ –୮.୨୬ କୋଟି , ଷ୍ଟେସନ ବିଲ୍ଡିଂର ଦ୍ୱିତୀୟ ପ୍ରବେଶ ଦ୍ୱାରର ବିକାଶ ସହିତ ଏକ ନୂତନ ଏ+୨ ମୁଖ୍ୟ ଷ୍ଟେସନ ବିଲ୍ଡିଂର ନିର୍ମାଣ- ୯୩.୧୯ କୋଟି, ଭିଡ଼ ହ୍ରାସ କରିବା ପାଇଁ ପ୍ଲାଟଫର୍ମ ସମ୍ପ୍ରସାରଣ କାର୍ଯ୍ୟ , ଦୁଇ ଲେନ ବିଶିଷ୍ଟ ବସ୍ ଡ୍ରପ୍-ଅଫ୍ ଜୋନ୍ . ଭବିଷ୍ୟତର ପାର୍କିଂ ଏବଂ/କିମ୍ବା ବାଣିଜ୍ୟିକ ବିକାଶ ପାଇଁ ୧୩,୧୦୦ ବର୍ଗ ମିଟର ସ୍ଥାନର ବ୍ୟବସ୍ଥା , ମୋଟ କ୍ୟାନୋପି ଏରିଆ: ୧,୭୬୩ ବର୍ଗ ମିଟର ଏବଂ ରୁଫ ପ୍ଲାଜା ସୁବିଧା: ୧,୦୯୮ ବର୍ଗ ମିଟର।

ଏହାସହ ୫୦୦ ରୁ ଅଧିକ ଯାତ୍ରୀଙ୍କ ପାଇଁ ବସିବା କ୍ଷମତା ସହିତ ଏକ ପ୍ରଶସ୍ତ ପ୍ରତୀକ୍ଷାଳୟ , ୦୮ ଟି ଟିକେଟିଂ ୱିଣ୍ଡୋର ବ୍ୟବସ୍ଥା , ଲିଫ୍ଟ ୧୬ ଟି , ଏସ୍କାଲେଟର ୦୫ ଟି , ଦିବ୍ୟାଙ୍ଗ-ଅନୁକୂଳ ଭିତ୍ତିଭୂମି , ଭବିଷ୍ୟତ ଯାତାୟାତ ବୃଦ୍ଧିକୁ ଧ୍ୟାନରେ ରଖି ଉନ୍ନତ ପାର୍କିଂ ଏବଂ ଟ୍ରାଫିକ୍ ସଞ୍ଚାଳନ ବ୍ୟବସ୍ଥା ରହିଛି। ଦିନକୁ ପ୍ରାୟ ୧୬୨ଟି ଟ୍ରେନ୍ ର ଚଳାଚଳ ସହ ଗଞ୍ଜାମ, କନ୍ଧମାଳ, ରାୟଗଡା, କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାର ଯାତ୍ରୀମାନଙ୍କୁ ସେବା ଯୋଗାଇଥିବା ବ୍ରହ୍ମପୁର ରେଳ ଷ୍ଟେସନ ଦକ୍ଷିଣ ଓଡ଼ିଶାର ଆର୍ଥିକ ଓ ସାମାଜିକ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରୁଛି।। ଏହି ପୁନଃବିକାଶ ପ୍ରକଳ୍ପ ଭିଡ଼ ହ୍ରାସ କରିବା, ସୁରକ୍ଷା ବୃଦ୍ଧି, ଯାତ୍ରୀ ସୁବିଧାରେ ଉନ୍ନତି ଆଣିବ ଏବଂ ଏକ ପ୍ରମୁଖ ବାଣିଜ୍ୟିକ ଏବଂ ପର୍ଯ୍ୟଟନ କେନ୍ଦ୍ର ଭାବରେ ସହରର ସ୍ଥିତିକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ।

# ଉନ୍ନତ ଇଭି ବସ୍ ତାଲିମ ଶେଷ କରି ଫେରିଲେ ୨୦ ମହିଳା ଚାଳକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମହିଳାଙ୍କ ନେତୃତ୍ୱରେ ସହରୀ ପରିବହନ ସେବାକୁ ସୁଦୃଢ଼ କରିବା ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ, ଓଡ଼ିଶା ସରକାରଙ୍କ ପ୍ରମୁଖ ସାର୍ବଜନୀନ ପରିବହନ ସଂସ୍ଥା 'କ୍ୟାପିଟାଲ୍ ରିଜନ ଅର୍ବାନ ଟ୍ରାନ୍ସପୋର୍ଟ' (କ୍ରୁଟ୍) ପକ୍ଷରୁ 'ଆମ ବସ୍' ସେବା ପାଇଁ ମହିଳା ଚାଳକ ନିଯୁକ୍ତିର ପ୍ରଥମ ପର୍ଯ୍ୟାୟ ସଫଳତାର ସହ ଶେଷ ହୋଇଛି। ଏହି ଅଭିଯାନ ଅଧୀନରେ, ବୈଧ ଭାରୀ ଯାନ ଚାଳନା ଅନୁମତିପତ୍ର ଥିବା ୨୦ ଜଣ ମହିଳା ଚାଳକଙ୍କୁ ପୁଣେରେ ଉନ୍ନତ ତାଲିମ ପାଇଁ ଚୟନ କରାଯାଇଥିଲା। ସେମାନେ ସଫଳତାର ସହ ନିଜର ତାଲିମ ସମାପ୍ତ କରି ଓଡ଼ିଶା ଫେରିଛନ୍ତି।




ଏହି ୧୪ ଦିନିଆ ଉନ୍ନତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପୁଣେସ୍ଥିତ 'ଏକ୍କା ମୋବିଲିଟି' ପ୍ଲାଂଟରେ ୨ ଫେବୃଆରୀରୁ ୧୪ ଫେବୃଆରୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଓତ ର ବୈଷୟିକ ସହାୟତା ଓ ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ଇଭି ବସ୍ ଚାଳନା, ସୁରକ୍ଷା ପ୍ରୋଟୋକଲ୍, ଉନ୍ନତ ଡ୍ରାଇଭିଂ ଅଭ୍ୟାସ ଏବଂ ଆଧୁନିକ ସିଟି ବସ୍ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିଲା ।ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ କହିଛନ୍ତି ଯେ, ଆନୁଷ୍ଠାନିକ ଭାବେ ନିୟୋଜିତ ହେବା ପୂର୍ବରୁ ଏହି ପ୍ରଶିକ୍ଷିତ ଚାଳକମାନେ ଓଡ଼ିଶାରେ ଆଉ ୧୫ ଦିନର ସ୍ଥାନୀୟ ଡ୍ରାଇଭିଂ ଅଭ୍ୟାସ ଏବଂ ରୁଟ୍ ଚିହ୍ନଟ ପ୍ରକ୍ରିୟା ଦେଇ ଗତି କରିବେ। ସଫଳ କ୍ଷେତ୍ର ଅଭ୍ୟାସ ଏବଂ ମୂଲ୍ୟାଙ୍କନ ପରେ ହିଁ, ସେମାନଙ୍କୁ 'ଆମ ବସ୍' ସେବା ପରିଚାଳନା ପାଇଁ ଏକ ସମର୍ପିତ ମହିଳା ଚାଳକ ଭାବରେ ନିୟୋଜିତ କରାଯିବ।

ଶ୍ରୀମତୀ ପାଢ଼ୀ ଆହୁରି ମଧ୍ୟ କହିଛନ୍ତି, "ଏହା କେବଳ ମହିଳାମାନଙ୍କୁ ବସ୍ ଚଲାଇବା ପାଇଁ ତାଲିମ ଦେବା ନୁହେଁ, ବରଂ ସାର୍ବଜନୀନ ସେବାରେ ନେତୃତ୍ୱ, ସମ୍ମାନ ଏବଂ ସମାନ ସୁଯୋଗ ପ୍ରଦାନ କରିବା। ଏହି ମହିଳାମାନେ ଅନ୍ୟମାନଙ୍କୁ ଆଗକୁ ଆସିବା ପାଇଁ ପ୍ରେରଣା ଦେବେ।"

ଓଡ଼ିଶା ସରକାରଙ୍କ ଏହି ପଦକ୍ଷେପ ଏକ ନିରାପଦ, ଅନ୍ତର୍ଭୁକ୍ତ ଏବଂ ଭବିଷ୍ୟତମୁଖୀ ସହରୀ ପରିବହନ ବ୍ୟବସ୍ଥା ଗଠନ କରିବା ସହ ସାର୍ବଜନୀନ ପରିବହନ କ୍ଷେତ୍ରରେ ମହିଳାମାନଙ୍କ ପାଇଁ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବା ଦିଗରେ ସହାୟକ ହେବ।

# ବୋଲଗଡ଼ ବିଡ଼ିଓଙ୍କ ଅଗଣତାନ୍ତ୍ରିକ କାର୍ଯ୍ୟକୁ ବିଜେଡିର ନିନ୍ଦା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଖୋର୍ଦ୍ଧା ଜିଲ୍ଲାର ବୋଲଗଡ଼ ବ୍ଲକର ବିଡ଼ିଓ ଶ୍ରୀମତୀ ସୁମନ ସୁଧା କୁଣ୍ଡୁଙ୍କ ଦ୍ୱାରା ଅଗଣତାନ୍ତ୍ରିକ କାର୍ଯ୍ୟ ଓ ଦଳୀୟ ଭିତ୍ତିରେ ପକ୍ଷପାତ ବ୍ୟବହାର, ପ୍ରଶାସନିକ ଅନିୟମିତାକୁ ତୀବ୍ର ଭାବେ ନିନ୍ଦା କରିଛି ବିଜୁ ଜନତା ଦଳ । ବୋଲଗଡ଼ ବ୍ଲକରେ ଘଟୁଥିବା ଘଟଣାକୁ ନେଇ ଦଳ ଗଭୀର ଚିନ୍ତା ପ୍ରକାଶ କରିବା ସହ ଏହା ପଞ୍ଚାୟତସ୍ତରରେ ଲୋକତାନ୍ତ୍ରିକ କାର୍ଯ୍ୟପ୍ରଣାଳୀ ପାଇଁ କ୍ଷତିକାରକ ବୋଲି ବିଜେଡି କହିଛି । ଗତ ୮ ଦିନ ଧରି ବିଭିନ୍ନ ରାଜନୈତିକ ଦଳର ନିର୍ବାଚିତ ପ୍ରତିନିଧିମାନେ ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସି ସାଧାରଣ ବିକାଶମୂଳକ ସମସ୍ୟାଗୁଡ଼ିକୁ ଉଠାଇ ଆସୁଛନ୍ତି । ଏଥିରେ କଲ୍ୟାଣକାରୀ ଯୋଜନାର ରୂପାୟନରେ ବିଳମ୍ବ, ଅସଂପୂର୍ଣ୍ଣର୍ ଅବସ୍ଥାରେ ଥିବା ଅଧାଗଢା କାମ ଓ ଗ୍ରାମୀଣ ଲାଭାର୍ଥୀ ମାନଙ୍କ ସମସ୍ୟା ସମ୍ମିଳିତ ଅଛି । ଏହି ଆନେ୍ଦାଳନ ସମ୍ପୂର୍ଣ୍ଣ ଭାବେ ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ଉପାୟରେ ଚାଲିଛି । ଯାହା ଆଇନସମ୍ମତ ଉପାୟରେ ଜନସମସ୍ୟା ସମାଧାନ ପାଇଁ ପ୍ରତିନିଧିମାନଙ୍କ ସଙ୍କଳ୍ପକୁ ପ୍ରତିବିମ୍ବିତ କରୁଛି । ସେହିପରି ନିର୍ବାଚିତ ପ୍ରତିନିଧିମାନଙ୍କ ସହିତ ଗଠନମୂଳକ ଆଲୋଚନା କରିବା ପରିବର୍ତ୍ତେ, ବିଡ଼ିଓ ମହୋଦୟା ମୁକାବିଲା ମନୋଭାବ ନେଇ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି । ଖବର ଅନୁସାରେ, ଧାରଣା ସମୟରେ ନିର୍ବାଚିତ ବ୍ଲକ ଚେୟାରମ୍ୟାନଙ୍କୁ ବ୍ଲକ କାର୍ଯ୍ୟାଳୟ ପରିସରକୁ ପ୍ରବେଶ କରିବାରୁ ବଞ୍ଚିତ କରାଯାଇଥିଲା । ଏହିପରି କାର୍ଯ୍ୟ ଯଦି ସତ୍ୟ ପ୍ରମାଣିତ ହୁଏ, ତେବେ ଏହା ଗୋଟିଏ ସାମ୍ବିଧାନିକ ପଦବୀ ପ୍ରତି ଅସମ୍ମାନ ଏବଂ ପଞ୍ଚାୟତିରାଜ ପ୍ରଣାଳୀରେ ଉଦ୍ଦିଷ୍ଟ ଲୋକତାନ୍ତ୍ରିକ ବିକେନ୍ଦ୍ରୀକରଣର ଆତ୍ମାକୁ କ୍ଷତିଗ୍ରସ୍ତ କରୁଛି । ବିଜେଡି କହିଛି ଯେ ନିର୍ବାଚିତ ପ୍ରତିନିଧିଙ୍କୁ ତାଙ୍କ କର୍ତ୍ତବ୍ୟ ପାଳନରୁ ବଞ୍ଚିତ କରିବା ଏକ ଅଗଣତାନ୍ତ୍ରିକ କାର୍ଯ୍ୟ ଏବଂ ପ୍ରଚଳିତ ପ୍ରଶାସନିକ ମାନଦଣ୍ଡଙ୍କୁ ବିରୋଧ କରୁଛି । ବ୍ଲକ ପ୍ରଶାସନରେ କଥିତ ଦଳପକ୍ଷପାତୀ କାର୍ଯ୍ୟପ୍ରଣାଳୀ ନେଇ ଦଳ ଗଭୀର ଚିନ୍ତା ପ୍ରକାଶ କରିଛି । ସରକାରୀ କର୍ମଚାରୀମାନେ ରାଜନୈତିକ ନିରପକ୍ଷତା ରକ୍ଷା କରି ନିର୍ବାଚିତ ପ୍ରତିନିଧିମାନଙ୍କ ସହ ସମନ୍ୱୟରେ ଲୋକଙ୍କ କଲ୍ୟାଣ ଓ ବିକାଶ ପାଇଁ କାମ କରିବାକୁ ବାଧ୍ୟ ବୋଲି ଦଳ ଜୋର ଦେଇଛି ।

ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ୍ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ଶ୍ରୀ ନାରାୟଣ ଜେନା ଏବଂ ଶ୍ରୀମତୀ ରିତାଞ୍ଜଳି ପ୍ରଧାନଙ୍କ ସମେତ ବିଜେଡି ନେତାମାନଙ୍କ ଏକ ପ୍ରତିନିଧିମଣ୍ଡଳୀ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଉଦେ୍ଦଶ୍ୟରେ ପିଡିଡିଆରଡିଏଙ୍କ ମାଧ୍ୟମରେ ଏକ ସ୍ମାରକପତ୍ର ପ୍ରଦାନ କରିବା ସହିତ ଏହି ବିଷୟରେ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି କରିଥିଲେ ।

ଭୁବନେଶ୍ୱର, ୨୦ ଫେବୃୟାରୀ, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

## ଶ୍ରୀମନ୍ଦିରରେ ଦୋଳପୂର୍ଣ୍ଣିମା ଓ ଗ୍ରହଣ ନୀତି ଆଲୋଚନା

# ରାତି ସାରା ମହାପ୍ରଭୁଙ୍କ ସୁନାବେଶ ଦର୍ଶନ



**ପୁରୀ, ୧୯।୨ ନ୍ୟୁଜ ବ୍ୟୁରୋ**

ମାର୍ଚ୍ଚ ୩ ତାରିଖ ମଙ୍ଗଳବାର ଦୋଳପୂର୍ଣ୍ଣିମା । ସେ ଦିନ କେତୁଗ୍ରସ୍ତ ଗ୍ରହଣ। ଏଥିସାଙ୍ଗକୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦୋଳପୂର୍ଣ୍ଣମୀର ନୀତି ବହୁଳତା । ପୂର୍ବ ଦିନ ଅଗ୍ନିଉତ୍ସବ ତଥା ଠାକୁରଙ୍କ ମେଣ୍ଢା ପୋଡ଼ି ନୀତି। ପ୍ରସ୍ତୁତିରେ ତତ୍ପରତା ରହିଲେ ହିଁ ଗ୍ରହଣ ସାଙ୍ଗକୁ ଏସବୁ ଦୋଳ ନୀତିକୁ ସୁଚାରୁରୂପେ ପରିଚାଳନା କରିହେବ । ଏଣୁ ୧ ତାରିଖରୁ ନୀତିକୁ ଗୁରୁତ୍ୱ ଦିଆଯିବ। ୨ ତାରିଖ ଅଗ୍ନି ଉତ୍ସବ ଓ ପରଦିନ ଦୋଳପୂର୍ଣ୍ଣିମାରେ ଠାକୁରଙ୍କ ଦ୍ୱାର ଫିଟା ହେବ ରାତି ୩ଟାରୁ । ଏନେଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଲୋଚନା ହୋଇ ଏସବୁ ଆପାତଃ ଧାର୍ଯ୍ୟ ହୋଇଛି । ଏହାପରେ ଶ୍ରୀମନ୍ଦିର ନୀତି ସବ୍‌କମିଟି ଓ ଛତିଶା ନିଯୋଗ ବୈଠକରେ ଏସବୁ ଆଲୋଚନା ହୋଇ ନିଷ୍ପତ୍ତି ଚୂଡ଼ାନ୍ତ ହେବ । ମହାପ୍ରଭୁଙ୍କ ଦୋଳପୂର୍ଣ୍ଣିମା ନୀତି ଶୃଙ୍ଖଳା ଓ ନୂତନ ପାଞ୍ଜିକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଶ୍ରୀମନ୍ଦିର ନୀତି ପ୍ରଶାସକ, ଛତିଶା ନିଯୋଗ ନାୟକ, ଶ୍ରୀମନ୍ଦିର କମାଣ୍ଡରଙ୍କ ସମେତ ଦେଉଳକରଣ, ତଢ଼ାଉକରଣ, ପୂଜାପଣ୍ଡା ଓ ସିଂହାରୀ ନିଯୋଗର କର୍ମକର୍ତ୍ତା, ମୁକ୍ତିମଣ୍ଡପ ପ୍ରତିନିଧି ଓ ରାଜଜ୍ୟୋତିଷଙ୍କ ସମେତ ବରିଷ୍ଠ ସେବକ ଓ ଅଧିକାରୀମାନେ ଉପସ୍ଥିତ ଥିଲେ । ୩ ତାରିଖ ଗ୍ରହଣ ସାଙ୍ଗକୁ ଠାକୁରଙ୍କ ଦୋଳପୂର୍ଣ୍ଣିମା ନୀତି ରହିଛି । ବଡ଼ଦେଉଳ ପରମ୍ପରା ଅନୁସାରେ ଗ୍ରହଣ ଲାଗିଲେ ଠାକୁରଙ୍କ ନୀତି ଆରମ୍ଭ ହୁଏ । ଏଣୁ ଅପରାହ୍ନ ପ୍ରାୟ ୪ଟାରୁ ଠାକୁରଙ୍କ ନୀତି ଆରମ୍ଭ ହେବାକୁ ପ୍ରସ୍ତାବ ରହିଛି । ଉଅଣ୍ଡ ସରିଲା ବେଳକୁ ରାତି । ସେ ଦିନ ବହୁ ନୀତି ରହିଛି । ଠାକୁରଙ୍କ ଦୋଳପୂର୍ଣ୍ଣିମା ନୀତି ସରିଲା ବେଳକୁ ରାତି ପାହିବ । ଦୋଳପୂର୍ଣ୍ଣିମାରେ ଶ୍ରୀବିଗ୍ରହ ସୁନା ବେଶ ଅନୁଷ୍ଠିତ ହେବ । ରାତି ୮ଟାରୁ ଠାକୁରଙ୍କ ସୁନା ବେଶ ଆରମ୍ଭ ହୋଇ ସାଢ଼େ ୯ଟାରେ ସରିବ । ପରଦିନ ପ୍ରାତଃ ସାଢ଼େ ୪ଟାରେ ବେଶ ମଇଲମ ହେବ । ୨ ତାରିଖରେ ଅନୁଷ୍ଠିତ ହେବ ମେଣ୍ଢାପୋଡ଼ି ଉତ୍ସବ । ଏନେଇ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି । ଗ୍ରହଣ ସ୍ପର୍ଶ ଅପରାହ୍ନ ୩ଟା ୨୦ମିନିଟ୍ ୧୭ ସେକେଣ୍ଡ, ସର୍ବମୋକ୍ଷ ସନ୍ଧ୍ୟା ୬ଟା ୪୭ମିନିଟ୍ ୧୩ ସେକେଣ୍ଡ । ତେବେ ଆସନ୍ତା ଛତିଶା ନିଯୋଗ ବୈଠକରେ ଦୋଳପୂର୍ଣ୍ଣିମା ଓ ମେଣ୍ଢାପୋଡ଼ି ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହେବ ବୋଲି ସୂଚନା ରହିଛି ।




ଭୁବନେଶ୍ୱର : ଜୟଦେବ ଭବନରେ 'ଗୀତାଞ୍ଜଳୀ' ଅନୁଷ୍ଠାନର ବାର୍ଷିକ ଉତ୍ସବ ପାଳନ ଅବସରରେ ବିଶିଷ୍ଟ ସାହିତ୍ୟିକା ଇତି ସାମନ୍ତଙ୍କୁ ବିଶ୍ୱକବି ରବିନ୍ଦ୍ରନାଥ ଠାକୁର ସମ୍ମାନ-୨୦୨୬ରେ ସମ୍ମାନିତ କରୁଛନ୍ତି ମୁଖ୍ୟଅତିଥି ଚିଫ୍ ଭିଜିଲାନ୍ସ ଅଫିସର, ନାଲ୍‌କୋ ପ୍ରଣବ ଜ୍ୟୋତି ନାଥ, ଜିନ୍ଦଲ ଷ୍ଟେନଲେସ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର (କର୍ପୋରେଟ୍ ଆଫାୟାର୍ସ ଆଣ୍ଡ ଗଭର୍ଣ୍ଣମେଣ୍ଟ ରିଲେସନ) ସୁଦ୍ଧି ରଞ୍ଜନ ମିଶ୍ର, ପୂର୍ବତନ ଚିଫ୍ ପୋଷ୍ଟ ମାଷ୍ଟର ଜେନେରାଲ ଡ. ସନ୍ତୋଷ କୁମାର କାମିଲା, ବିଶିଷ୍ଟ କଣ୍ଠଶିଳ୍ପୀ ଲକ୍ଷ୍ମୀକାନ୍ତ ପାଲିତ, 'ଗୀତାଞ୍ଜଳୀ'ର ସାଧାରଣ ସମ୍ପାଦକ ତପନ କୁମାର ରଥ। (ଫଟୋ : ସମ୍ବାଦ କଳିକା)

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଅଭିଯୁକ୍ତ ବୁଝୁଥିବା ଭାଷାରେ ଲିଖିତ ଭାବେ ଜଣାଇବେ ପୁଲିସ୍

**କଟକ,୧୯/୨ ନ୍ୟୁଜ ବ୍ୟୁରୋ**

ଅଭିଯୁକ୍ତଙ୍କୁ ଗିରଫ ପୂର୍ବରୁ ତାଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଯାଇଛି ବୋଲି କହିଦେଲେ ହେବ ନାହିଁ । ଗିରଫ ବା ଅଟକ ପୂର୍ବରୁ ପୁଲିସ୍ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫଦାରୀର କାରଣ ସଂକ୍ରାନ୍ତରେ ଲିଖିତ ଭାବେ ଜଣାଇବା ସହ ଏନେଇ ତାଙ୍କର ଏକ ସମ୍ମତିପତ୍ର ଆଣିବାକୁ ପଡ଼ିବ । ଅଭିଯୁକ୍ତ ଯେଉଁ ଭାଷା ବୁଝୁଥିବେ ସେହି ଭାଷାରେ ପୁଲିସ୍ ତାଙ୍କୁ ଗିରଫଦାରୀର କାରଣ ସଂକ୍ରାନ୍ତରେ ଜଣାଇବାକୁ ବାଧ ବୋଲି ହାଇକୋର୍ଟ ଏକ ଜାମିନ ମାମଲାର ରାୟ ପ୍ରକାଶ କରି କହିଛନ୍ତି । ନୟାଗଡ଼ ଜିଲ୍ଲା ମାନ୍ଧାତାପୁର ଅଞ୍ଚଳରେ ହୋଇଥିବା ଏକ ବ୍ୟାଙ୍କ୍ ଲୁଟ୍ ଘଟଣାରେ ଗିରଫ ଦୁଇ ଅଭିଯୁକ୍ତ ପ୍ରମୋଦ ନାୟକ ଏବଂ ଶିବ ଡାକୁଆଙ୍କୁ ଜାମିନ ପ୍ରଦାନ କରିବା ଅବସରରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏହି ନିର୍ଦ୍ଦେଶ ଦେଇଛନ୍ତି ।

ଗିରଫଦାରୀ ସମୟରେ ପୁଲିସ୍ ଅଧିକାରୀମାନେ ଏହି ନିୟମକୁ ଅନୁସରଣ କରୁନଥିବାରୁ ଅନେକ ଦୁର୍ଦ୍ଦାନ୍ତ ଅପରାଧୀ ଜାମିନ୍‌ରେ ଖସି ଯାଉଥିବାରୁ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଅଦାଲତ ଏହିଭଳି ଅନେକ କେସ୍ ଦେଖୁଛନ୍ତି, ଯେଉଁଥିରେ ପୁଲିସ୍ ଅଧିକାରୀମାନେ ଗିରଫଦାରୀ ସମୟରେ ନିୟମକୁ ଉପଯୁକ୍ତ ଅନୁସରଣ କରୁନାହାନ୍ତି। ଏନେଇ ଗୃହ ବିଭାଗ ସଚିବ ଏବଂ ପୁଲିସ୍ ଡିଜି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ । ପୁଲିସ୍ ଅଧିକାରୀଙ୍କୁ ଏହି ଆଇନ ସଂକ୍ରାନ୍ତରେ ଅବଗତ କରିବା ଲାଗି ସ୍ୱତନ୍ତ୍ର ତାଲିମ୍ ଦେବାକୁ ହାଇକୋର୍ଟ ଗୃହ ବିଭାଗ ସଚିବ ଏବଂ ପୁଲିସ୍ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଦେଶ କପିକୁ ଉଭୟ ଅଧିକାରୀଙ୍କୁ ପ୍ରଦାନ ଲାଗି ହାଇକୋର୍ଟ ରେଜିଷ୍ଟ୍ରିକୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାରୁ



ଜଣାଯାଇଛି ଯେ, ଉଭୟ ଅଭିଯୁକ୍ତ ନୟାଗଡ଼ ଏକ ବ୍ୟାଙ୍କ୍‌ରୁ ୨୭ଲକ୍ଷ ଟଙ୍କା ଲୁଟ୍ କରିଥିଲେ । ନୟାଗଡ଼ ସଦର ପୁଲିସ୍ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା । ନିମ୍ନ ଅଦାଲତରୁ ଜାମିନ ଖାରଜ ହେବା ପରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା ଯେ, ପୁଲିସ୍ ଅଭିଯୁକ୍ତମାନଙ୍କୁ ଗିରଫଦାରୀ କାରଣ ସଂକ୍ରାନ୍ତରେ ଜଣାଇ ନାହିଁ । ତେଣୁ ପୁଲିସ୍ ଗିରଫଦାରୀ ଆଇନର ଉଲ୍ଲଂଘନ କରିଛି । ହାଇକୋର୍ଟ ଏହି ଯୁକ୍ତିକୁ ଗ୍ରହଣ କରି ଆଦେଶରେ କହିଛନ୍ତି ଯେ, ବିଏନ୍‌ଏସ୍‌ଏସ୍ ଆଇନ ଅନୁଯାୟୀ ଯେତେବେଳେ କୌଣସି ପୁଲିସ୍ ଅଫିସର ଜଣେ ବ୍ୟକ୍ତିଙ୍କୁ ବିନା ୱାରେଣ୍ଟରେ ଗିରଫ କରନ୍ତି, ସେତେବେଳେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫଦାରୀ କାରଣ ଓ ଅଭିଯୋଗ ସଂକ୍ରାନ୍ତରେ ସବିଶେଷ ସୂଚନା ଦେବାକୁ ପଡ଼ିବ। କିନ୍ତୁ ଯେଉଁ 'ଗିରଫଦାରୀ ମେମୋ' ପୁଲିସ୍ ଉପସ୍ଥାପନ କରିଛି ସେଥିରେ ଗିରଫଦାରୀ ସଂକ୍ରାନ୍ତରେ କିଛି ସ୍ପଷ୍ଟ ଉଲ୍ଲେଖ ନାହିଁ । ତେଣୁ ପୁଲିସ୍‌ର ଯୁକ୍ତି ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ତେଣୁ ଗିରଫଦାରୀ ସମୟରେ ନିୟମ ପାଳନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି ।

# ୫ ମଇରୁ ସୁପ୍ରିମକୋର୍ଟରେ ନାଗରିକତା ଆଇନ ଉପରେ ଶୁଣାଣି, ୨୦୦ରୁ ଅଧିକ ଆବେଦନ

**ନୂଆଦିଲ୍ଲୀ,୧୯/୦୨**

ଗୁରୁବାର ଦିନ ସୁପ୍ରିମକୋର୍ଟ ପକ୍ଷରୁ କୁହାଯାଇଛି ଯେ ଚଳିତ ବର୍ଷ ୫ ମଇରୁ ନାଗରିକତା ସଂଶୋଧନ ଆଇନ ଅର୍ଥାତ୍ ସିଏଏ ଏବଂ ନିୟମକୁ ଚ୍ୟାଲେଞ୍ଜ କରୁଥିବା ଆବେଦନଗୁଡ଼ିକର ଶୁଣାଣି ଆରମ୍ଭ କରାଯିବ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିପୁଲ ଏମ୍. ପଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଓକିଲମାନଙ୍କୁ ପଚାରିଥିଲେ ଯେ ସେମାନଙ୍କୁ ସେମାନଙ୍କର ଯୁକ୍ତି ଉପସ୍ଥାପନ କରିବା ପାଇଁ କେତେ ସମୟ ଆବଶ୍ୟକ ହେବ। କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି, 'ସିଏଏ ୨୦୧୯କୁ ଚ୍ୟାଲେଞ୍ଜ କରୁଥିବା ଦୁଇ ପ୍ରକାରର ମାମଲା ଅଛି। ଏହି ମାମଲାଗୁଡ଼ିକୁ ଦୁଇଟି ଗୋଷ୍ଠୀରେ ବିଭକ୍ତ କରାଯାଇଥିଲା: ଆସାମ-ତ୍ରିପୁରା ଏବଂ ଦେଶର ବାକି ଅଂଶ। ନିଯୁକ୍ତ ନୋଡାଲ ଓକିଲ ପ୍ରଥମ ଏବଂ ଦ୍ୱିତୀୟ ଗୋଷ୍ଠୀରେ ପଡୁଥିବା ମାମଲାଗୁଡ଼ିକୁ ଚିହ୍ନଟ କରିବେ ଏବଂ ଦୁଇ ସପ୍ତାହ ମଧ୍ୟରେ ରେଜିଷ୍ଟ୍ରିରେ ତାଲିକା ଦାଖଲ କରିବେ।' ତା'ପରେ ରେଜିଷ୍ଟ୍ରି ସେମାନଙ୍କୁ ଦୁଇଟି ବର୍ଗରେ ବିଭକ୍ତ କରିବ ଏବଂ ୫ ମଇ ୨୦୨୬ରୁ ଆରମ୍ଭ ହେଉଥିବା ସପ୍ତାହରେ ଚୂଡ଼ାନ୍ତ ଶୁଣାଣି ପାଇଁ ସେମାନଙ୍କୁ କ୍ରମାନୁଯାୟୀ ତାଲିକାଭୁକ୍ତ କରାଯିବ। ୫ ମଇର ପ୍ରଥମାର୍ଦ୍ଧରେ ଆବେଦନକାରୀଙ୍କ



ଶୁଣାଣି ହେବ, ୬ ମଇରେ ଆବେଦନକାରୀଙ୍କ ଦ୍ୱିତୀୟ ଅଂଶ ଏବଂ ୭ ମଇରେ ଅଧାଦିନ ଯାଏଁ ପ୍ରତିପକ୍ଷଙ୍କ ଯୁକ୍ତି ଏବଂ ୧୨ ମଇରେ ଉତ୍ତର ଦିଆଯିବ। ସୂଚନାଥାଉକି,୧୧ ଡିସେମ୍ବର, ୨୦୧୯ରେ ସଂସଦ ଦ୍ୱାରା ଗୃହୀତ ଏବଂ ତା'ପରେ ରାଷ୍ଟ୍ରପତିଙ୍କ ଦ୍ୱାରା ଅନୁମୋଦନ ହୋଇଥିବା ସିଏଏକୁ ଚ୍ୟାଲେଞ୍ଜ କରି ୨୪୩ଟି ଆବେଦନ ଦାଖଲ କରାଯାଇଛି। ସେହିଦିନ, ଆଇୟୁଏମଏଲ (ଇଣ୍ଡିଆନ ୟୁନିୟନ ମୁସଲିମ ଲିଗ) ଆଇନକୁ ଚ୍ୟାଲେଞ୍ଜ କରିବା ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଥିଲା। ପରବର୍ତ୍ତୀ ସମୟରେ, ବହୁ ସଂଖ୍ୟକ ଆବେଦନ ଦାଖଲ କରାଯାଇଥିଲା। ସିଏଏ ଏବଂ ନିୟମଗୁଡ଼ିକର ସେହି ହିନ୍ଦୁ, ଜୈନ, ଖ୍ରୀଷ୍ଟିଆନ, ଶିଖ, ବୌଦ୍ଧ ଏବଂ ପାର୍ସୀମାନଙ୍କୁ ନାଗରିକତା ପ୍ରଦାନ କରିବାର ଲକ୍ଷ୍ୟ ରଖିଛି, ଯେଉଁମାନେ ୩୧ ଡିସେମ୍ବର ୨୦୧୪ କିମ୍ବା ତା'ପୂର୍ବରୁ ବାଂଲାଦେଶ, ପାକିସ୍ତାନ ଏବଂ ଆଫଗାନିସ୍ତାନରୁ ଭାରତ ଆସିଥିଲେ। ସିଏଏ ୧୯୫୫ ର ନାଗରିକତା ଆଇନର ଧାରା ୨ କୁ ସଂଶୋଧନ କରେ, ଯାହା ଅବୈଧ ପ୍ରବାସୀଙ୍କୁ ପରିଭାଷିତ କରେ। ଏହା ନାଗରିକତା ଆଇନର ଧାରା ୨(୧) (ଖ)ରେ ଏକ ନୂତନ ବ୍ୟବସ୍ଥା ଯୋଡ଼ିଛି।

ଏହା ଅନୁଯାୟୀ ଆଫଗାନିସ୍ତାନ, ବାଂଲାଦେଶ କିମ୍ବା ପାକିସ୍ତାନର ହିନ୍ଦୁ, ଶିଖ, ବୌଦ୍ଧ, ଜୈନ, ପାର୍ସୀ କିମ୍ବା ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକମାନେ, ଯେଉଁମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ପାସପୋର୍ଟ (ଭାରତରେ ପ୍ରବେଶ) ଆଇନ, ୧୯୨୦ କିମ୍ବା ବିଦେଶୀ ଆଇନ, ୧୯୪୬ ଅନୁଯାୟୀ ମୁକ୍ତ ହୋଇଛନ୍ତି, ସେମାନଙ୍କୁ ଅବୈଧ ପ୍ରବାସୀ ବୋଲି ବିବେଚନା କରାଯିବ ନାହିଁ। ତେଣୁ, ଏହି ପ୍ରକାରର ବ୍ୟକ୍ତିମାନେ ୧୯୫୫ ଆଇନ ଅନୁଯାୟୀ ନାଗରିକତ୍ୱ ପାଇଁ ଆବେଦନ କରିବାକୁ ଯୋଗ୍ୟ ହେବେ। ତଥାପି, ଏହି ଆଇନ ବିଶେଷ ଭାବରେ ମୁସଲିମ ସମ୍ପ୍ରଦାୟକୁ ଏହି ବ୍ୟବସ୍ଥାରୁ ବାଦ ଦେଇଛି, ଯାହା ଫଳରେ ଦେଶବ୍ୟାପୀ ପ୍ରତିବାଦ ଏବଂ ସୁପ୍ରିମକୋର୍ଟରେ ଅନେକ ଆବେଦନ ଦାଖଲ ହୋଇଛି। ଆଇନକୁ ଚ୍ୟାଲେଞ୍ଜ କରୁଥିବା ଆବେଦନକାରୀମାନେ କହିଛନ୍ତି ଯେ, ସିଏଏ ଧର୍ମ ଆଧାରରେ ମୁସଲମାନମାନଙ୍କ ପ୍ରତି ପକ୍ଷପାତିତା କରୁଛି। ସେମାନେ ଯୁକ୍ତି ବାଢ଼ିଛନ୍ତି ଯେ ଏପରି ଧାର୍ମିକ ପୃଥକୀକରଣ ଯୁକ୍ତିଯୁକ୍ତ ପାର୍ଥକ୍ୟ ବିନା ଏବଂ ଧାରା ୧୪ ଅନୁଯାୟୀ ବାକ୍ ସ୍ୱାଧୀନତାର ଅଧିକାରକୁ ଉଲ୍ଲଂଘନ କରୁଛି। ୧୮ ଡିସେମ୍ବର, ୨୦୧୯ରେ, ସୁପ୍ରିମକୋର୍ଟ ଚ୍ୟାଲେଞ୍ଜ ଉପରେ ଭାରତ ସଂଘକୁ ଏକ ନୋଟିସ୍ ଜାରି କରିଥିଲେ, କିନ୍ତୁ ନିୟମାବଳୀ ଅଧିସୂଚିତ ହୋଇନଥିବାରୁ ଆଇନ ଉପରେ ସ୍ଥଗିତାଦେଶ ଜାରି କରିନଥିଲେ, ଅର୍ଥାତ୍ ଆଇନଟି ଅଧାପନ୍ତରିଆ ଅବସ୍ଥାରେ ରହିଥିଲା। ତଥାପି, ହଠାତ୍ ପଦକ୍ଷେପ ନେଇ, କେନ୍ଦ୍ର ସରକାର ୧୧ ମାର୍ଚ୍ଚ, ୨୦୨୪ରେ ନିୟମାବଳୀକୁ ଅଧିସୂଚିତ କରିଥିଲେ, ଯାହା ପ୍ରଭାବଶାଳୀ ଭାବରେ ସିଏଏକୁ କାର୍ଯ୍ୟକାରୀ କରିଥିଲା। ଏହାଦ୍ୱାରା ଆଇନ ଏବଂ ନିୟମାବଳୀ ଉପରେ ସ୍ଥଗିତାଦେଶ ପାଇଁ କୋର୍ଟରେ ଅନେକ ଆବେଦନ ହୋଇଥିଲା। ସେହି ମାସରେ ସୁପ୍ରିମକୋର୍ଟ ନାଗରିକତା (ସଂଶୋଧନ) ନିୟମ ଉପରେ ସ୍ଥଗିତାଦେଶ ପାଇଁ ଆବେଦନ ଉପରେ କେନ୍ଦ୍ର ସରକାରଙ୍କଠାରୁ ଜବାବ ମାଗିଥିଲେ, କିନ୍ତୁ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ଦେବାକୁ ମନା କରିଦେଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୯/୦୨/୨୦୨୬
୩,୭୧,୫୮୬ ଟଙ୍କା
ସୁନା:-୭୭ ଗ୍ରାମ୍ ୦୦୦ ମିଲିଗ୍ରାମ
ରୂପା:-୧୦ ଗ୍ରାମ୍ ୫୦୦ ମିଲିଗ୍ରାମ୍

## ଭିଜିଲାନ୍ସ ହାତରେ ତହସିଲଦାର

**ବାଲେଶ୍ୱର/କଟକ, ୧୯।୨ ନ୍ୟୁଜ ବ୍ୟୁରୋ**

ଲାଞ୍ଚ ନେବା ବେଳେ ବାଲେଶ୍ୱର ଜିଲ୍ଲା ସୋର ତହସିଲଦାର ଦୈତାରୀ ମଲ୍ଲିକଙ୍କୁ ମାଡ଼ି ବସିଲା ଭିଜିଲାନ୍ସ । ସେ ଜଣେ ବ୍ୟକ୍ତିଙ୍କ ଜରିଆରେ ଲାଞ୍ଚ ଟଙ୍କା ନେଲା ବେଳେ ମାଡି ବସିଲା ଭିଜିଲାନ୍ସ। ଉକ୍ତ ବ୍ୟକ୍ତି ଓ ତହସିଲଦାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ସୋର ପୌରପାଳିକା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ୫ଟି ଟ୍ରକ୍‌କୁ ଶ୍ରୀ ମଲ୍ଲିକ ଖଣି ବିଭାଗକୁ ନଦେଇ ଥାନାକୁ ହସ୍ତାନ୍ତର କଲେ ସହଜରେ ଟ୍ରକ୍ ଛାଡ଼ ହେବ ପ୍ରଲୋଭନ ଓ ଖଣି ବିଭାଗରୁ ଫାଇନରୁ ବର୍ତ୍ତିବା ପାଇଁ ଏକ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ପରେ ଦୟାନିଧି ଜେନାଙ୍କ ମାଧ୍ୟମରେ ୪୦ ହଜାର ଟଙ୍କା କଥା ଛିଣ୍ଡିଥିଲା। ୪୦ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଶ୍ରୀ ମଲ୍ଲିକ ଓ ଶ୍ରୀ ଜେନା ଭିଜିଲାନ୍ସ ହାତରେ ଧରା ପଡିଥିଲେ ।

## ଥାଇଲାଣ୍ଡରେ ୬ ଓଡ଼ିଆ ଶ୍ରମିକ ଫସିରହିବା ଘଟଣା

# ଉଦ୍ଧାର ପାଇଁ ବୈଦେଶିକ ମନ୍ତ୍ରଣାଳୟକୁ ଚିଠି ଲେଖିଲେ ରାଜ୍ୟ ସରକାର

**ଭୁବନେଶ୍ୱର ୧୯/୦୨ ନ୍ୟୁଜ ବ୍ୟୁରୋ**

ଥାଇଲାଣ୍ଡରେ ଓଡ଼ିଆ ଶ୍ରମିକ ଫସି ରହିବା ଘଟଣା । ଫସି ରହିଥିବା ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ରାଜ୍ୟ ସରକାର ତତ୍ପରତା ଦେଖାଇଛନ୍ତି। ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ବୈଦେଶିକ ମନ୍ତ୍ରଣାଳୟକୁ ଚିଠି ଲେଖି ଅବଗତ କରାଯାଇଛି । ପ୍ରିନ୍ସପାଲ୍ ରେସିଡେଣ୍ଟ କମିଶନର ଓ ଲେବର କମିଶନରଙ୍କ ପକ୍ଷରୁ ଚିଠି ଲେଖାଯାଇଛି । ଶ୍ରମିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଫେରାଇ ଆଣିବାକୁ ଚିଠିରେ ଉଲ୍ଲେଖ କରାଯାଇଛି ।

ସୂଚନାରୁ ପ୍ରକାଶ ଯେ, ରାଜକନିକା ବ୍ଲକ୍ ଜୟନଗର ପଞ୍ଚାୟତ କୁଜିପୁର ଗାଁର ଉମାକାନ୍ତ ସାହୁଙ୍କ ପୁଅ ଯଶୋବନ୍ତ, ନୂଆଗାଁର ରବୀନ୍ଦ୍ର ମଲିକଙ୍କ ପୁଅ ଜୟନ୍ତ, ବରାଡିଆ ପଞ୍ଚାୟତ ଉପୁଳାଇ ଗାଁର ଫକୀର ଚରଣ ରାଉତଙ୍କ ପୁଅ ପ୍ରଶାନ୍ତ, କାଟଣାବଣିଆଁ ପଞ୍ଚାୟତ



କାଟଣାବଣିଆ ଗାଁର ହରିହର ବେହେରାଙ୍କ ପୁଅ ହେମନ୍ତ ଓ ଚାନ୍ଦବାଲି ବ୍ଲକ୍ କୌଡିଆପାଳ ଗାଁର ସନାତନ ସାହୁଙ୍କ ପୁଅ ମନୋରଞ୍ଜନ ପରିବାର ପ୍ରତିପୋଷଣ ଲାଗି ୨୦୨୫ ମସିହା ଅଗଷ୍ଟ ମାସରେ ଉତ୍ତରପ୍ରଦେଶ ଗୋରଖପୁର ଅଞ୍ଚଳର ଓମ୍ ପ୍ରକାଶ ଓ ଜୟ ପ୍ରକାଶ ପ୍ଲାଏଉଡ୍ କମ୍ପାନୀରେ କାମ କରାଇବା ଲାଗି ଏହି ଯୁବକମାନଙ୍କୁ ଟୁରିଷ୍ଟ ଭିସାରେ ଥାଇଲାଣ୍ଡର ଚାନ ବୁରୀ ଅଞ୍ଚଳକୁ ନେଇଥିଲେ । ଏହି ଦଲାଲମାନେ ସେମାନଙ୍କୁ ମାସିକ ୨୫ ହଜାର ଟଙ୍କା ଦେବେ ବୋଲି କହିଥିଲେ । ସଂପୃକ୍ତ ଯୁବକମାନେ ସେଠାରେ କାମ କରିଥିଲେ। ୩ ମାସ ସେମାନଙ୍କୁ ଠିକ୍ ଭାବରେ ପାରିଶ୍ରମିକ ମିଳିଥିଲା । ଏହା ପରେ ୪ ମାସ ହେବ ସେମାନଙ୍କୁ ପାରିଶ୍ରମିକ ମିଳୁନଥିବା ବେଳେ ମାଲିକ ସେମାନଙ୍କ ଭିସା ଛଡ଼ାଇ ନେଇଛନ୍ତି । ଏହା ସହ ପାଞ୍ଚ ଦିନ ହେବ ସେମାନଙ୍କୁ ଖାଇବାକୁ ଦେଉନାହାନ୍ତି । ଏମାନଙ୍କ ପାଖରେ ଟଙ୍କା ନଥିବାରୁ ଦେହ ଖରାପ ହେଲେ ଔଷଧ ମଧ୍ୟ ଖାଇ ପାରୁନାହାନ୍ତି।

## ଚାଷୀ ସମସ୍ୟା ନେଇ ବିରୋଧୀଦଳର ହଟ୍ଟଗୋଳ ନାରାବାଜି

# ଧୋଇଗଲା ପ୍ରଶ୍ନୋତ୍ତର ଓ ଶୂନ୍ୟକାଳ

**ଭୁବନେଶ୍ୱର, ୧୯/୦୨ ନ୍ୟୁଜ ବ୍ୟୁରୋ**

ଧାନ ମଣ୍ଡି ଓ ଚାଷୀ ସମସ୍ୟାକୁ ନେଇ ଗୁରୁବାର ବିଧାନସଭା ବୈଠକ ଆରମ୍ଭରୁ ବିରୋଧୀଦଳର ବିଧାୟକମାନେ ଗୃହ ମଝିରେ ହଟ୍ଟଗୋଳ ନାରାବାଜି ଜାରୀ ରଖିବାରୁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ବାଚସ୍ପତି ସୁରମା ପାଢ଼ୀ ଗୃହରେ ଶୃଙ୍ଖଳା ରକ୍ଷା କରିବା ଏବଂ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାରମ୍ବାର ନିବେଦନ କରିଥିଲେ ମଧ୍ୟ ବିରୋଧୀଦଳ ବିଧାୟକମାନେ ସରକାରୀ ବିରୋଧି ନାରାବାଜିରେ ଗୃହ ବାତାବରଣକୁ ପ୍ରକମ୍ପିତ କରିଥିଲେ। ଅଚଳାବସ୍ଥା ଏଡାଇବା ପାଇଁ ବାଚସ୍ପତି ଦୁଇଥରରେ ବୈଠକକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ଘୋଷଣା କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ବୈଠକରେ ପ୍ରଶ୍ନୋତ୍ତର ଏବଂ ଶୂନ୍ୟ କାଳର ଗୁରୁତ୍ୱପୂର୍ଣ୍ଣ ଆଲୋଚନା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ବାଚସ୍ପତି ଶ୍ରୀମତୀ ପାଢ଼ୀ ପୂର୍ବାହ୍ନ ଘ.୧୦.୩୦ମିନିଟ୍ ସମୟରେ ପ୍ରଶ୍ନୋତ୍ତରରୁ ଗୃହକାର୍ଯ୍ୟ ଆରମ୍ଭ କରିଥିଲେ। ଏହି ସମୟରେ ବିରୋଧି ଦଳ ଉଭୟ ବିଜେଡ଼ି ଓ କଂଗ୍ରେସର



ବିଧାୟକମାନେ ଗୃହର ମଧ୍ୟଭାଗକୁ ଚାଲିଆସି ହାତରେ ପ୍ଲାକାର୍ଡ ଧରି ସରକାରୀ ବିରୋଧି ନାରାବାଜି ଚଳାଇଥିଲେ । ସେମାନେ ଚାଷୀ ମାରଣନୀତି ଚଳିବ ନାହିଁ, କଟିନ୍ ଛଟ୍‌ନି ଚଳିବ ନାହିଁ ସ୍ଲୋଗାନ ଦେଇ ଗୃହରେ କମ୍ପନ ସୃଷ୍ଟି କରିଥିଲେ । ବାଚିସ୍ପତି ବିରୋଧି ଦଳର ବିଧାୟକମାନଙ୍କୁ ବାରମ୍ବାର ଅନୁରୋଧ କରି ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ନିବେଦନ କରିଥିଲେ ମଧ୍ୟ ତାହାର କୌଣସି ସୁଫଳ ମିଳିନଥିଲା। ବାଚସ୍ପତି ହଟ୍ଟଗୋଳ ମଧ୍ୟରେ ପ୍ରଶ୍ନୋତ୍ତର ଚଳାଇବାକୁ ଚାହିଁଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା। ତେବେ ଅନ୍ୟ ଦିବସରୁ ସ୍ଥାନାନ୍ତରିତ ହୋଇଥିବା ବିଜେପି ବିଧାୟିକା ସଂଜଲି ମୁର୍ମୁଙ୍କ ଜଳସମ୍ପଦ ବିଭାଗ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ନାମ ଡାକିଥିଲେ। ହଟ୍ଟଗୋଳ ମଧ୍ୟରେ ମନ୍ତ୍ରୀ ତାଙ୍କ ଲିଖିତ ଉତ୍ତର ପାଠ କରୁଥିବା ବେଳେ ବିରୋଧି ଦଳର ହଟ୍ଟଗୋଳ ଓ ସ୍ଲୋଗାନବାଜୀ ଜୋର୍ ଧରିଥିଲା। ଯାହାଫଳରେ ବାଚସ୍ପତି ବାଧହୋଇ ୫ ମିନିଟ୍ ପରେ ଅର୍ଥାତ୍ ଘ.୧୦.୩୫ମିନିଟ୍‌ରେ ଗୃହକୁ ପୂର୍ବାହ୍ନ ଘ.୧୧.୩୦ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ । ଏହାଫଳରେ ପ୍ରଶ୍ନୋତ୍ତରର କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହୋଇଥିଲା । ଦ୍ୱିତୀୟବାର ବୈଠକ ଘ.୧୧.୩୦ମି.ରେ ଆରମ୍ଭ ହେବା ପରେ ମଧ୍ୟ ଗୃହରେ ପୂର୍ବଭଳି ଅବସ୍ଥା ଲାଗି ରହିଥିଲା । ଉଭୟ ବିଜେଡ଼ି ଓ କଂଗ୍ରେସର ବିଧାୟକମାନେ ଗୃହ ମଝିରେ ଏକାଠି ହୋଇ ସରକାର ବିରୋଧି ନାରାବାଜୀ ଏବଂ ପୋଷ୍ଟର ବ୍ୟାନର ପ୍ରଦର୍ଶନ ଜରିଆରେ ବିକ୍ଷୋଭ ପ୍ରଦର୍ଶନ ଅବ୍ୟାହତ ରଖିଥିଲେ । ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ବିଜେପିର ବିଧାୟକମାନଙ୍କୁ ବକ୍ତବ୍ୟ ରଖିବା ପାଇଁ ସୁଯୋଗ ଦେଇଥିଲେ । ବିଜେପି ବିଧାୟକ ଜଲେନ୍ ନାୟକ, ମନୋରଞ୍ଜନଦ୍ୟାନ ସାମନ୍ତରାୟ, ଅମରେନ୍ଦ୍ର ଦାସ ପ୍ରମୁଖ ବିଧାୟକମାନେ ଶୂନ୍ୟକାଳରେ ନିଜ ନିଜର ନିର୍ବାଚନମଣ୍ଡଳୀର ସମସ୍ୟା ବିଷୟ ଉପସ୍ଥାପନ କରିଥିଲେ । ତେବେ ଏହି ସମୟରେ ହଟ୍ଟଗୋଳ ଜୋର୍ ଧରିବାରୁ ବାଚସ୍ପତି ଗୃହକୁ ଘ.୧୧.୩୭ମିନିଟ୍‌ରେ ଅପରାହ୍ନ ଘ.୪.୦୦ମି. ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

# ଯୋରନ୍ଦା ପରେ ଦ୍ୱିତୀୟ ମହିମା ଗାଦିର ନାହିଁ ନିଜସ୍ୱ ଜମି

**ଚନ୍ଦକା, ୧୯।୨ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ଉପକଣ୍ଠ ଦାରୁଠେଙ୍ଗରେ ରହିଛି ସତ୍ୟ ମହିମା ଆଶ୍ରମ ଆଦ୍ୟ ସିଦ୍ଧ ଗୋବିନ୍ଦ ବାବାଙ୍କ ଗାଦି । ମହିମା ଧର୍ମର ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରୁଥିବା ଏହି ପୀଠରେ ରହିଛି ଗାଦି ମନ୍ଦିର, ବାଲ୍ୟଲୀଳା ମଣ୍ଡପ, ଭଜନ ମଣ୍ଡପ ଓ ଭିକ୍ଷା ମଣ୍ଡପ । ଦୂର ଦୂରାନ୍ତରୁ ବହୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଏହି ପୀଠକୁ ଆସୁଛନ୍ତି । ଢେଙ୍କାନାଳ ଜିଲ୍ଲାର ଯୋରନ୍ଦା ଗାଦି ଭଳି ଏଠାକାର ସାଧୁସନ୍ଥ ମହିମା ଧର୍ମର ପ୍ରଚାର ଓ ପ୍ରସାରରେ ନିଜକୁ ବ୍ରତୀ ରଖିଛନ୍ତି । ତେବେ ସରକାରୀ ଉଦାସୀନତାରୁ ଏହି ପୀଠର ଆବଶ୍ୟକ ବିକାଶ ହୋଇପାରିନାହିଁ । ନିଜସ୍ୱ ଜମି, ସମ୍ପତ୍ତି ଓ ଆୟ ଉତ୍ସ ନଥିବାରୁ ପୀଠର ପରିଚାଳନା ସ୍ଥାନୀୟ ଲୋକଙ୍କ ସହଯୋଗରେ ହେଉଛି। ଇତିହାସରୁ ଜଣାଯାଏ ଯେ, ୨ଶହ ବର୍ଷ ତଳେ ସତ୍ୟ ମହିମା ଅଲେଖ ସ୍ୱାମୀ ମହିମା ଧର୍ମର ପ୍ରଚାର ପାଇଁ ଗାଁ ଗାଁ ଘୁରି ବୁଲୁଥିବାବେଳେ ଦାରୁଠେଙ୍ଗରେ ପହଞ୍ଚିଥିଲେ। ତାଙ୍କ ସହ ଥିଲେ ଆଦ୍ୟ ସିଦ୍ଧ ଗୋବିନ୍ଦ ବାବା। ଗୁରୁ





ଶିଷ୍ୟ ଦୁହେଁ ଦାରୁଠେଙ୍ଗ ଗାଁ ମୁଣ୍ଡରେ ଅବସ୍ଥାନ କରିଥିଲେ।

ଓଡ଼ିଶାରେ ମହିମା ଧର୍ମର ୨ଟି ଗାଦି ରହିଛି । ଗୋଟିଏ ଯୋରନ୍ଦାରେ ଥିବାବେଳେ ଅନ୍ୟଟି ଦାରୁଠେଙ୍ଗରେ । ଏହି ଦ୍ୱିତୀୟ ପୀଠ ଆଦ୍ୟ ସିଦ୍ଧ ବ୍ରହ୍ମଲୀନ ଗୋବିନ୍ଦ ବାବାଙ୍କ ସମୟର । ଗୋବିନ୍ଦ ବାବାଙ୍କ ପରେ ବ୍ରହ୍ମଲୀନ ବିଶ୍ୱନାଥ ବାବା ଓ ତାଙ୍କ ପରେ ବ୍ରହ୍ମଲୀନ ଜୟକୃଷ୍ଣ ବାବା ଅବସ୍ଥାନ କରିଥିଲେ । ତାଙ୍କ ପ୍ରଚେଷ୍ଟାରେ ଏଠାରେ ଗାଦି ମନ୍ଦିର, ଭଜନ ମଣ୍ଡପ, ଧୁନୀ ମନ୍ଦିର, ବାଲ୍ୟଲୀଳା ମଣ୍ଡପ ପ୍ରତିଷ୍ଠା ହୋଇଛି । ଜୟକୃଷ୍ଣ ବାବାଙ୍କ ପରେ ଏବେ ବ୍ରହ୍ମ ଅବଧୂତ ବ୍ରଜବନ୍ଧୁ ବାବା ଏହି ପୀଠର ମୁଖ୍ୟ ଅଛନ୍ତି । ତେବେ ଜୟକୃଷ୍ଣ ବାବାଙ୍କ ପ୍ରଦର୍ଶିତ ମାର୍ଗରେ ଏଠାରେ ସମସ୍ତ ନୀତିକାନ୍ତି ହେଉଛି । ଗାଦି ପୀଠରେ ପ୍ରତି ପୂର୍ଣ୍ଣିମାର ପୂର୍ବଦିନ ବା ଚତୁର୍ଦ୍ଦଶୀ ସନ୍ଧ୍ୟାରେ ଅଖଣ୍ଡ ବତୀ ଝାଡ଼ଦୀପ ପ୍ରଜ୍ୱଳନ କରାଯାଏ । ରାତିରେ ଭଜନ ଜଣାଣ ହୁଏ। ପୂର୍ଣ୍ଣିମା ସକାଳେ ବାଲ୍ୟଲୀଳା ଅର୍ପଣ, ସାଧୁ ଭିକ୍ଷା ଏବଂ ସନ୍ଧ୍ୟାରେ ଅଖଣ୍ଡ ଦୀପ ଧରି ମହିମା ଭକ୍ତଗଣ ଗ୍ରାମ ପରିକ୍ରମା କରନ୍ତି । ଗାଦିରେ ମାଘ ଚତୁର୍ଦ୍ଦଶୀ, ବୈଶାଖ ଚତୁର୍ଦ୍ଦଶୀ ଓ କାର୍ତ୍ତିକ ଚତୁର୍ଦ୍ଦଶୀ ସହିତ ପୂର୍ଣ୍ଣିମା ପାରମ୍ପରିକ ରୀତିରେ ପାଳନ ହୁଏ। ଗାଦି ପୀଠରେ ମୁଖ୍ୟ ପର୍ବ ଭାବେ ନବାନ୍ନ ବା ନୂଆଖାଇ ପାଳନ ହୁଏ । ଭାଦ୍ରବ ମାସ ଦ୍ୱିତୀୟା ତିଥିରେ ଦାରୁଠେଙ୍ଗ, ଜୁଝଗଡ଼, ଚନ୍ଦକା, ଡମଣା, ଅନ୍ଧାରୁଆ, ଇଞ୍ଜଣା, ପଟିଆ, ଶିମିଳିପାଟଣା, ମଳିପଡ଼ା, ଭୁବନେଶ୍ୱର, ଆଠଗଡ଼, ନରସିଂପୁର, ପଥରଗାଡ଼ିଆ ଆଦି ଅଞ୍ଚଳରୁ ବହୁ ମହିମା ଭକ୍ତ ଆସିଥାନ୍ତି । ତେବେ ପୀଠର ମୁଖ୍ୟ ସମସ୍ୟା ହେଉଛି, ଜଣେ ବ୍ୟକ୍ତିଙ୍କ ଦାନ ଜମିରେ ଏହି ପୀଠ ଗଢ଼ି ଉଠିଥିବାବେଳେ ଅଦ୍ୟାବଧି ତା'ର ପଟ୍ଟା ହୋଇପାରିନି । ସେହିପରି ଗାଦିର ପରିସୀମା ସୀମିତ ହୋଇଥିବାରୁ ବିଶେଷ ଦିନଗୁଡ଼ିକରେ ଆସୁଥିବା ସାଧୁସନ୍ଥ ଓ ଶ୍ରଦ୍ଧାଳୁଙ୍କ ରହିବାରେ ସମସ୍ୟା ହେଉଛି । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପୀଠର ନିଜସ୍ୱ ସମାଧି ସ୍ଥଳ ନାହିଁ । ତେଣୁ ସର୍ବସାଧାରଣ ଶ୍ମଶାନକୁ ବ୍ୟବହାର କରାଯାଉଛି । ଗାଦିର ମୁଖ୍ୟ ବ୍ରହ୍ମ ଅବଧୂତ ବ୍ରଜବନ୍ଧୁ ବାବା କହିଛନ୍ତି, ସରକାର ଯଦି ସହଯୋଗ ଯୋଗାଇଦିଅନ୍ତେ ଗାଦିର ଉନ୍ନତି ହୋଇପାରନ୍ତା। ପର୍ଯ୍ୟଟନ ପୀଠର ମାନ୍ୟତା ମିଳିଲେ ପୀଠର ବିକାଶ ସହିତ ମହିମା ଧର୍ମର ପ୍ରଚାର ପ୍ରସାର ହୋଇପାରନ୍ତା। ଭକ୍ତ ନିମାଇଁ ଦାଶ କହିଛନ୍ତି, ମହିମା ସ୍ୱାମୀ ଗୋବିନ୍ଦ ବାବାଙ୍କ ଏଠାରେ କିଛି ସମ୍ପତ୍ତି ନାହିଁ । ସ୍ଥାନୀୟ ଜନସାଧାରଣ ସାହାଯ୍ୟର ହାତ ବଢ଼ାନ୍ତି। ସେମାନଙ୍କ ଦାନ ଅର୍ଥ କାର୍ଯ୍ୟକ୍ରମରେ ଖର୍ଚ୍ଚ ହୁଏ । ବାବା ସର୍ବେଶ୍ୱର ଜେନା କହିଛନ୍ତି, ମହିମା ଧର୍ମର ବ୍ୟକ୍ତି ଆସି ମାନସିକ ରଖନ୍ତି। ମାନସିକ ପୂରଣ ହେଲେ କାର୍ଯ୍ୟକ୍ରମରେ ଦାନଧର୍ମ କରନ୍ତି । ଏହି ପୀଠକୁ ପର୍ଯ୍ୟଟନ ମାନ୍ୟତା ପ୍ରଦାନ ପାଇଁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଉକ୍ତ ନିବେଦନ କରିଛନ୍ତି ।

NACO
ସମସ୍ତ ଗର୍ଭବତୀ ମହିଳା ସରକାରୀ ଡାକ୍ତରଖାନାରେ ଥିବା ଆଇ.ସି.ଟି.ସି.ରେ ରକ୍ତ ପରୀକ୍ଷା କରାନ୍ତୁ ଏବଂ ନିଶ୍ଚିନ୍ତ ରୁହନ୍ତୁ ।
OSACS

10001/69/2526

ଏକମାତ୍ର ସରଳ ପରୀକ୍ଷା
ମା' ଓ ଶିଶୁ ଉଭୟଙ୍କର ନୀରୋଗ ଭବିଷ୍ୟତ ନିର୍ଦ୍ଧାରଣ କରାଏ ।

ସମସ୍ତ ଗର୍ଭବତୀ ମହିଳା ପ୍ରଥମ ୩ ମାସ ମଧ୍ୟରେ ଭି.ଏଚ୍.ଏସ୍.ଏନ୍.ଡି./ ୟୁ.ଏଚ୍.ଏସ୍.ଏନ୍.ଡି. କିମ୍ବା ସରକାରୀ ଡାକ୍ତରଖାନାରେ ଏଚ୍.ଆଇ.ଭି. ଓ ସିଫିଲିସର ପରୀକ୍ଷା ଅବଶ୍ୟ କରାଇ ନିଅନ୍ତୁ ।

ସଂକ୍ରମଣ ଥିବା ଜାଣିଲେ ଏ.ଆର୍.ଟି. ଓ ସିଫିଲିସ ଚିକିତ୍ସା କରାଇଲେ ଶିଶୁକୁ ଏଚ୍.ଆଇ.ଭି. କେବଳ ୩-୫% ଯିବାର ସମ୍ଭାବନା ଥାଏ / କିମ୍ବା ସଂକ୍ରମଣ ଯାଇ ନ ଥାଏ ।

